



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 120 | ଭାଗ ୩୩ | ସଂଖ୍ୟା ୧୨୦ | Bhubaneswar | Monday 21 July 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୨୧ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଆଜିଠୁ ସଂସଦର ମୌସୁମୀ ଅଧିବେଶନ



● ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ରାଜି

● ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

**ନୂଆଦିଲ୍ଲୀ,୨୦।୭:** ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ। ସୁଚାରୁ ରୂପେ ସଂସଦର ଉଭୟ ଗୃହ ଚଳାଇବା ପାଇଁ ଆଜି କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଆହୂତ କରିଥିଲେ। ଉକ୍ତ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଗୃହମନ୍ତ୍ରୀ ଅମିତ ଶାହ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁଙ୍କ ସମେତ ବିଭିନ୍ନ ସହ ଦଳର ନେତା ଉପସ୍ଥିତ ଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ 'ଅପରେସନ ସିନ୍ଦୂର' ପରେ ଏହା ସଂସଦର ପ୍ରଥମ ଅଧିବେଶନ ହେବ। ବିରୋଧୀ ଦଳଗୁଡ଼ିକ ବିଶେଷ କରି କଂଗ୍ରେସ ଓ ଇଣ୍ଡି ମେଣ୍ଟ ଏହି ଅଧିବେଶନରେ 'ଅପରେସନ ସିନ୍ଦୂର' ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ମଧ୍ୟସ୍ଥତା ଦାବି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ସକାଶେ ➪ପୃଷ୍ଠା-୬

# ଏୟାରଲିଫ୍ଟ ହେଲେ ବଳଙ୍ଗା ପୀଡ଼ିତା

✪ ଅକ୍ସିଜେନ ସପୋର୍ଟରେ ଆଇସିୟୁରେ ଭର୍ତ୍ତି
✪ ୪୮ ଘଣ୍ଟା ପରେ ବି ପୁଲିସ ହାତ ଖାଲି
✪ କ୍ରାଇମ ସ୍ପଟରେ ପହଞ୍ଚିଲେ ଡିଜିପି
✪ ୮ ଜଣଙ୍କୁ ସ୍କାନରରେ ରଖି ଚାଲିଛି ଜେରା



**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡ଼ିତାଙ୍କୁ ଆଜି ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି। ଗ୍ରୀନ୍ କରିଡର ଭିତରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କୁ ବିମାନବନ୍ଦରକୁ ନିଆଯାଇଥିଲା। ଏହି ସମୟରେ ସହରର ଟ୍ରାଫିକ୍ ତଦାରଖ କରିଥିଲେ ଖୋଦ୍ ଟ୍ରାଫିକ୍ ଡିସିପି। ପୀଡ଼ିତାଙ୍କୁ ମାତ୍ର ୧୦ ମିନିଟ ଭିତରେ ବିମାନବନ୍ଦରରେ ପହଞ୍ଚାଯାଇ ଦିଆଯାଇଥିଲା। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମର ୩/୪ ଜଣ ଡାକ୍ତର ତାଙ୍କ ସହ ଦିଲ୍ଲୀ ଗସ୍ତ କରିଛନ୍ତି। ଅପରାହ୍ନ ୪ଟା ୨୦ରେ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିବା ନେଇ ସୂଚନା ଦିଆଯାଇଛି।

ଦିଲ୍ଲୀ ଏମ୍ସ ପକ୍ଷରୁ ଜାରି ହେଲ୍ଥ ବୁଲେଟିନରେ କୁହାଯାଇଛି ଯେ, ପୀଡ଼ିତାଙ୍କ ଶରୀରର ପ୍ରାୟ ୭୫ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଆଇସିୟୁରେ ଅକ୍ସିଜେନ ସପୋର୍ଟରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା ବେଳେ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଆଜି ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ବେଳେ ରକ୍ତଚାପ ପୂର୍ବଦିନ ଅପେକ୍ଷା ସାମାନ୍ୟ ଥିବାରୁ ତାଙ୍କୁ ଦିଲ୍ଲୀ ଏୟାରଲିଫ୍ଟ କରାଯାଇଥିଲା। ଦିଲ୍ଲୀ ଏମ୍ସର ଡାକ୍ତରୀ ଦଳ ସହ ପୀଡ଼ିତାଙ୍କ ସାଥୀରେ ପରିବାରର କିଛି ସଦସ୍ୟ ମଧ୍ୟ ଯାଇଛନ୍ତି। ସେଠାରେ ତାଙ୍କୁ ଉନ୍ନତ ମାନର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।

ଅନ୍ୟପକ୍ଷରେ ବଳଙ୍ଗାର ଏହି ଅଭାବନୀୟ ଘଟଣା ପାଇଁ ଦାୟୀ କିଏ, ସେନେଇ ପୁଲିସ ଖୋଳତାଡ଼ କରୁଛି। କିନ୍ତୁ ଘଟଣାକୁ ୪୮ ଘଣ୍ଟା ବିତିବାକୁ ବସିଥିଲେ ମଧ୍ୟ ପୁଲିସ୍ ଅଦ୍ୟାବଧି କାହାରିକୁ ବି ଗିରଫ କରିପାରିନାହିଁ। ଗତକାଲି ପୀଡ଼ିତା ପୁଲିସକୁ ଦେଇଥିବା ବୟାନ ଅନୁଯାୟୀ, ୩ ଜଣ ଯୁବକ ତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ୮ ଜଣଙ୍କୁ ସ୍କାନରରେ ରଖି ଘଣ୍ଟାଚକଟା କରୁଛି ପୁରୀ ପୁଲିସ। ପୀଡ଼ିତାଙ୍କ ପିଉସୀଙ୍କ କହିବା କଥା ଯେ ଶନିବାର ସକାଳ ପ୍ରାୟ ୭ଟାରେ ଘରୁ ବିସ୍କୁଟ୍ ଖଣ୍ଡେ ଖାଇ ବାହାରି ଯାଇଥିଲେ ନାବାଳିକା। ଯିବା ବେଳେ ଜଣେ ସମ୍ପର୍କୀୟ ଭାଉଜଙ୍କ ନାତିକୁ ସ୍ନେହ ଆଦର ବି କରିଥିଲେ ସେ। ତା'ପରେ ହଠାତ୍ କୁଆଡ଼େ ଗଲେ କେଜାଣି, ସକାଳ ସାଢ଼େ ୮ଟା ଭିତରେ ଖବର ଆସିଲା ଯେ ତାଙ୍କ ଦେହରେ ନିଆଁ ଲାଗିଯାଇଛି ଓ ସେ ଜଳିଯାଇଛନ୍ତି। କାହା ସହ କୌଣସି ସମ୍ପର୍କ ରଖିନଥିବା ନାବାଳିକାଙ୍କ ➪ପୃଷ୍ଠା-୬





ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ଘଟିଥିବା ଅଭାବନୀୟ ଘଟଣାରେ ନାବାଳିକା ଜଣଙ୍କ ନୂଆଦିଲ୍ଲୀସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ରବିବାର ତାଙ୍କ ପରିବାରବର୍ଗଙ୍କୁ ଭେଟି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମବେଦନା ଜଣାଇବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ପୀଡ଼ିତା ଜଣଙ୍କ ସୁସ୍ଥ ହୋଇ ଖୁବ୍‌ଶୀଘ୍ର ଘରକୁ ଫେରିବେ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା କରିଛନ୍ତି।

## ଏଫ୍‌ଏମ୍ ଛାତ୍ରୀ ଆତ୍ମହତ୍ୟା ଘଟଣା ❯ କ୍ରାଇମ୍‌ବ୍ରାଞ୍ଚକୁ ଭରସା ଡିଜିଟାଲ ପ୍ରମାଣ

● ଗ୍ରାଉଣ୍ଡ ଜିରୋରେ ସମୀକ୍ଷା କଲେ କ୍ରାଇମବ୍ରାଞ୍ଚ ଡିଜି

● ଆହୁରି କିଛି ଦିନ ଖୋଳତାଡ କରିବ ତଦନ୍ତକାରୀ ଟିମ

● ଆଇସିସି ରିପୋର୍ଟରେ ଅଭିଯୁକ୍ତକୁ ଦିଆଯାଇଥିଲା କ୍ଲିନଚିଟ୍




**ବାଲେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଇଡ୍ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଡିଜିଟାଲ ପ୍ରମାଣରୁ ମିଳିବ ଲିଡ। ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଏଭଳି ସଙ୍କେତ ଦେଇଛନ୍ତି। ଖୋଦ କ୍ରାଇମବ୍ରାଞ୍ଚ ଡିଜି ବାଲେଶ୍ୱରରେ ପହଞ୍ଚି ତଦନ୍ତ ଅଗ୍ରଗତିର ସମୀକ୍ଷା କରିଛନ୍ତି। ପୀଡ଼ିତାଙ୍କ ପରିବାର ନିଶ୍ଚିତ ଭାବେ ନ୍ୟାୟ ପାଇବେ ବୋଲି ଆଶ୍ୱାସନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି। ତଦନ୍ତ ପାଇଁ ରବିବାର ମହାବିଦ୍ୟାଳୟରେ ପହଞ୍ଚିଥିଲେ କ୍ରାଇମବ୍ରାଞ୍ଚ ଡିଜି। ସେ ପ୍ରଥମେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମହାବିଦ୍ୟାଳୟରେ ପହଞ୍ଚି ସେ ଛାତ୍ରୀ ଜଣଙ୍କ ଆତ୍ମାହୁତି ଦେଇଥିବା ସ୍ଥାନ ବୁଲି ଦେଖିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ଶ୍ରୀ ମିଶ୍ର ପଚାରି ବୁଝିଥିଲେ। ଡିଜିଙ୍କ ସହ ଡିଆଇଜି ଡା. ସତ୍ୟଜିତ ନାୟକ, କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଆଇଜି ଏସ୍ ସାଇନି, ଡିଏସପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳୀ ରାଉତ ମଧ୍ୟ ଉପସ୍ଥିତ ଥିଲେ।

ତଦନ୍ତର ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ଗତ ୩୦ ତାରିଖରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ରେ ଅଭିଯୋଗ କରିଥିଲେ ପୀଡ଼ିତା। କଲେଜ କର୍ତ୍ତୃପକ୍ଷ ଏହାର ତଦନ୍ତ କରିଥିଲେ, ମାତ୍ର କିଛି ପ୍ରମାଣ ମିଳିଲା ନାହିଁ। ଯେଉଁଥିରେ ପ୍ରତିକ୍ରିୟାଶୀଳ ହୋଇ ଛାତ୍ରୀ ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ତେବେ ଅଦ୍ୟାବଧି ହୋଇଥିବା ତଦନ୍ତରେ ବହୁ ଲିଡ୍ ମିଳିସାରିଛି। ବହୁତ ପ୍ରମାଣ ଯୋଗାଡ଼ କରିଛୁ, ଏବେ ବି ତଦନ୍ତ ଜାରି ରହିଛି। ପୂର୍ବରୁ ➪ପୃଷ୍ଠା-୬

## ଏଣିକି ବୋତଲରେ ପେଟ୍ରୋଲ ମନା




❑ ପେଟ୍ରୋଲିୟମ ଡିଲର୍ସ ସଂଘର ନିଷ୍ପତ୍ତି
❑ ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା

**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଆଉ ବୋତଲରେ ମିଳିବନି ପେଟ୍ରୋଲ। ନିକଟରେ ବାଲେଶ୍ୱରରେ ଏଫ୍‌ଏମ୍ କଲେଜ ଛାତ୍ରୀ ପେଟ୍ରୋଲ୍ ଢାଳି ଆତ୍ମାହୁତି କରିଥିବା ଘଟଣାକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ ପକ୍ଷରୁ ଏପରି ନିଷ୍ପତ୍ତି ହୋଇଛି। ଏନେଇ ଗତକାଲି ସଂଘର ମିଟିଂ ସରିଛି। କେବଳ ସାମ୍ପୁଲ ଓ ଗାଡ଼ିରେ ପେଟ୍ରୋଲ୍ ଦେବାର ନିୟମ ରହିଛି। ତେଣୁ କୌଣସି ପରିସ୍ଥିତିରେ ବି ବୋତଲରେ ତେଲ ଦିଆଯିବ ନାହିଁ। ଅତି ଆବଶ୍ୟକ ପରିସ୍ଥିତିରେ ଆଧାର କାର୍ଡ଼ ରଖି ପେଟ୍ରୋଲ ଦିଆଯିବ। ବାଲେଶ୍ୱର ଜିଲ୍ଲାରେ ଏହି ନିୟମ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି ସଂଘ। ସେହିପରି ଯେଉଁମାନେ କୌଣସି ପ୍ରକାର ଠକେଇର ଆଶଙ୍କା କରି ପେଟ୍ରୋଲ୍ ନେବା ସକାଶେ ବୋତଲ ବ୍ୟବହାର କରୁଥିଲେ, ସେମାନେ ଗାଡ଼ିରେ ତେଲ ନେବା ସମୟରେ ମେଜର ମାଧ୍ୟମରେ ତେଲ ଦେଖି ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିପାରିବେ। ଆସନ୍ତାକାଲି ମୁଖ୍ୟ ଶାସନ ସଚିବଙ୍କ ସହ ଏନେଇ ଆଲୋଚନା ହେବ। ଏହି ନିଷ୍ପତ୍ତି ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ ବୋଲି ଓଡ଼ିଶା ପେଟ୍ରୋଲିୟମ ଡିଲର୍ସ ଆସୋସିଏସନର ରାଜ୍ୟ ସଭାପତି ଶଶାଙ୍କ ଶେଖର ସାହୁ କହିଛନ୍ତି। ଏହି ନିଷ୍ପତ୍ତି ରାଜ୍ୟର ପ୍ରାୟ ୩ ହଜାର ପେଟ୍ରୋଲ ପମ୍ପ ଏବଂ ୩ଟି ଡିପୋରେ ଲାଗୁ ହେବ। ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ସମସ୍ତ ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛି। ବାଲେଶ୍ୱର ଓ ବଳଙ୍ଗାରେ ଘଟିଥିବା ଅଘଟଣ ସମ୍ପର୍କରେ ସୂଚନାନୁଯାୟୀ, ଖୋଲା ପାତ୍ରରେ ପେଟ୍ରୋଲ ନେବା ସମୟରେ ଅସାବଧାନତା ଯୋଗୁଁ ଅଗ୍ନିକାଣ୍ଡ ➪ପୃଷ୍ଠା-୬

## ଡିଏଫ୍‌ଓଙ୍କ ୧୧୫ ପ୍ଲଟ୍, ଭିଜିଲାନ୍ସ ତାଟକା



● ଆୟ ବହିର୍ଭୂତ ସମ୍ପତ୍ତିରେ କିଣିଛନ୍ତି ଶତାଧିକ ପ୍ଲଟ୍

● ୭ଟି ସ୍ଥାନରେ ଏମକାଳୀନ ଚଢ଼ାଉ

**କେନ୍ଦୁଝର,୨୦।୭(ସଂଚାର ବ୍ୟୁରୋ):** ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ରବିବାର କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫଓ) ନିତ୍ୟାନନ୍ଦ ନାୟକଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ଠୁଳ କରିବା ଅଭିଯୋଗରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ତଦନ୍ତରେ ତାଙ୍କ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ମୋଟ ୧୧୫ଟି ପ୍ଲଟ୍ ଠାବ ହୋଇଛି। ଏତେ ପରିମାଣର ପ୍ଲଟ୍ ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଟକା ହୋଇଯାଇଛନ୍ତି। ଉକ୍ତ ପ୍ଲଟ୍ ମଧ୍ୟରୁ ଶ୍ରୀ ନାୟକଙ୍କ ନାମରେ ୫୩ଟି ଥିବା ବେଳେ ପତ୍ନୀଙ୍କ ନାମରେ ୪୨ଟି ରହିଛି। ସେହିପରି ଦୁଇ ପୁଅଙ୍କ ନାମରେ ୧୬ଟି ଓ ଝିଅ ନାଁରେ ୪ଟି ପ୍ଲଟ୍ ରହିଥିବା ଜଣାପଡ଼ିଛି। ଏଥିସହ ଅନୁଗୁଳ ତୁରଙ୍ଗାରେ ୯ ହଜାର ବର୍ଗଫୁଟ ବିଶିଷ୍ଟ ଏକ ୪ ମହଲା କୋଠା ମଧ୍ୟ ଠାବ ହୋଇଛି। ତଦନ୍ତ ସମୟରେ ୧ ଲକ୍ଷ ୧୯ ହଜାର ଟଙ୍କା ନଗଦ ସହ ୨୦୦ ଗ୍ରାମ ଓଜନର ସୁନାଗହଣା, ବ୍ୟାପକ ପରିମାଣର ବିଭିନ୍ନ ଶାଳ କାଠରେ ନିର୍ମିତ ମୂର୍ତ୍ତି, ଗୋଟିଏ ବନ୍ଧୁକ ଓ କେତେକ ଅନ୍ୟାନ୍ୟ ମାରଣାସ୍ତ୍ର, ୨ଟି ଚାରିକିଆ ଓ ୪ଟି ଦୁଇଚକିଆ ଗାଡ଼ି ଜବତ କରାଯାଇଛି। ଆଜି ସକାଳେ ଭିଜିଲାନ୍ସ ପକ୍ଷରୁ ଅନୁଗୁଳ, କେନ୍ଦୁଝର ଓ ନୟାଗଡ଼ ଜିଲ୍ଲାରେ ଥିବା ଶ୍ରୀ ନାୟକଙ୍କ ସମ୍ପର୍କିତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। କେନ୍ଦୁଝର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ ଦ୍ୱାରା ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ଚଢ଼ାଉ ଜାରି ରହିଛି। ଏହି ଅଭିଯାନରେ ୩ ଜଣ ଡିଏସପି, ୧୦ ଜଣ ଇନସ୍ପେକ୍ଟର ଏବଂ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ନିୟୋଜିତ ଅଛନ୍ତି। ଆଜି ସକାଳେ ଭିଜିଲାନ୍ସ ଟିମ୍ ଅନୁଗୁଳରେ ଥିବା ଏକ ଚାରି ମହଲା ବିଶିଷ୍ଟ କୋଠା ସହ ଅନୁଗୁଳ ଜିଲାର ବଣ୍ଟାଳା ଥାନା ଅଧୀନ ମଦନମୋହନ ପଟଣା ଗ୍ରାମରେ ତାଙ୍କର ପୈତୃକ ଘର, ➪ପୃଷ୍ଠା-୬

## ସଡ଼କ ଦୁର୍ଘଟଣା ନେଲା ୫ ଜୀବନ



**ବୈଶିଙ୍ଗା/କୋରାପୁଟ,୨୦।୭(ସଂଚାର ବ୍ୟୁରୋ):** ଆଜି ମୟୂରଭଞ୍ଜ ଓ କୋରାପୁଟ ଜିଲ୍ଲାରେ ଘଟିଥିବା ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ହାନି ହୋଇଛି। ଏଥିସହ ଏହି ଦୁଇଟି ଦୁର୍ଘଟଣାର ମୋଟ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ପଟେ ମୟୂରଭଞ୍ଜର ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥରେ ଗୋଟିଏ କାର୍ ଟୋଲ୍‌ପ୍ଲାଜା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଦୁର୍ଘଟଣା କୋରାପୁଟ ଜିଲ୍ଲାର ୨୬ ନମ୍ବର ଜାତୀୟ ରାଜପଥରେ ସୁନାବେଡ଼ା ଟ୍ରାଫିକ୍ ଛକ ନିକଟରେ ଘଟିଥିବା ବେଳେ ଏଥିରେ ୪ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ସୁନାବେଡ଼ା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ନିକଟ ସମ୍ପର୍କୀୟଙ୍କ ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ୍‌ପ୍ଲାଜା ନିକଟରେ ଘଟିଥିବା ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ ବାରିପଦା ➪ପୃଷ୍ଠା-୬



**କାନ ଡେରିଥା**

ନାରୀ ଏ ଯୁଗରେ କାହାର ହୋଇବ
ମନେ ମନେ ଖାଲି ଭାବୁଅଛି
କେତେବେଳେ ସିଏ ନିଜେ
ଜଳିଯାଏ
କେତେବେଳେ କିଏ ଜାଳୁଅଛି
ନିଜେ ନିଜେ ଗାଳି ଦେଉଅଛି...
ଭଗବାନ କିଆଁ ନାରୀ ଜନ୍ମ ଦେଲ
ପୁରୁଷ ଟେ ପରା ହସୁଅଛି ।

■ ଦେବାଶିଷ

# ରୀତିମତ ଷଡ଼ଯନ୍ତ୍ର ଘେରରେ ଲୋକଙ୍କ ମୁଖ୍ୟମନ୍ତ୍ରୀ



● ନିନ୍ଦିତ କରିବାକୁ ଏକାଠି ହୋଇଛନ୍ତି ତ୍ରିଶକ୍ତି

● ନବୀନ ନିବାସରୁ ଆସୁଛି ସ୍କ୍ରିପ୍ଟ, କାର୍ଯ୍ୟକାରୀ କରୁଛନ୍ତି କ୍ରୀତଦାସ

**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଗତ ଦେଢ଼ ବର୍ଷ ମଧ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ବିକାଶଧାରାକୁ ଡବଲ ଇଂଜିନର ସ୍ପିଡ ଦେଇଛନ୍ତି। ଏହି ସମୟ ଭିତରେ ସରକାର ନିର୍ବାଚନ ପ୍ରତିଶ୍ରୁତି ମୁତାବକ କେତେଗୁଡ଼ିଏ କାର୍ଯ୍ୟ ଓ ବିଶେଷ ଭାବରେ ଧାନଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ ସବସିଡି ଦେଇ ୩୧୦୦ ଟଙ୍କାରେ ଧାନ କିଣିବା ଓ ମହିଳାମାନଙ୍କ ପାଇଁ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଶୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରିବା ସରକାରଙ୍କ ପାଇଁ ଏକ ବଡ ସଫଳତା। ଏପରିକି ରାଜ୍ୟ ନେତୃତ୍ୱକୁ ଶକ୍ତିଶାଳୀ କରିବା ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ଗତ ଏକବର୍ଷ ଭିତରେ ୬ ଥର ଓଡ଼ିଶା ଆସିଛନ୍ତି, ଯାହା ଓଡିଶା ବିକାଶ ପ୍ରତି କେନ୍ଦ୍ରର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। କିନ୍ତୁ ବିରୋଧୀ ଦଳକୁ ଏ ସଫଳତା ହଜମ ହେଉନି। ଯେଉଁଥିପାଇଁ ପ୍ରତ୍ୟେକଟି ଘଟଣା ଦୁର୍ଘଟଣାରୁ ରାଜନୈତିକ ରୁଟି ସେକିବା ଆରମ୍ଭ କରିଛି ନବୀନ ନିବାସ।

ରାଜନୈତିକ ସ୍ତରରେ ଦେଖିବାକୁ ଗଲେ ପୂର୍ବ ଅପେକ୍ଷା ସରକାର ଅଧିକ ଲୋକାଭିମୁଖୀ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରାୟ ପ୍ରତି ସୋମବାର ସାଧାରଣ ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବା ଭଳି ଘଟଣା ଗତ ୨୫ ବର୍ଷ ଧରି ହେଉନଥିଲା। ମୁଖ୍ୟମନ୍ତ୍ରୀ ନିଜେ ଜିଲ୍ଲାକୁ ଯାଇ ଲୋକଙ୍କ ଅଭିଯୋଗ ଶୁଣିବା ଆଉ ଅନ ଦି ସ୍ପଷ୍ଟ ସମାଧାନ ପାଇଁ ନିର୍ଦ୍ଦେଶ ଦେବା ଲୋକଙ୍କ ପାଇଁ ଆଶୀର୍ବାଦ ସଦୃଶ୍ୟ ହୋଇଛି। ଏପରିକି ପୂର୍ବ ଭଳି ଆଉ ନେତା ମନ୍ତ୍ରୀ କି ଅଫିସର ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇନାହାଁନ୍ତି। ସାଧାରଣ ଲୋକ ପ୍ରଶାସନିକ ଅବହେଳାର ଶିକାର ହେଲେ ଅଭିଯୋଗ ପ୍ରକୋଷ୍ଠର ଭୟ ରହିଛି। ଯେକୌଣସି ବଡ ଘଟଣା କି ଦୁର୍ଘଟଣା ଘଟିଲେ ମୁଖ୍ୟମନ୍ତ୍ରୀ ନିଜେ ହୁଅନ୍ତୁ ବା ତାଙ୍କ ପ୍ରତିନିଧି ଭାବେ ଉପମୁଖ୍ୟମନ୍ତ୍ରୀ କି ମନ୍ତ୍ରୀ କିମ୍ବା ବିଧାୟକଙ୍କୁ ଘଟଣାସ୍ଥଳକୁ ପଠାଉଛନ୍ତି। ହେଲେ ପୋଲିସର ଆଇନ ଶୃଙ୍ଖଳା ବିଫଳତାକୁ ଆଳ କରି ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ସାଧାରଣରେ ନିନ୍ଦିତ କରିବାକୁ ବିଜେଡି, କଂଗ୍ରେସ ଓ ବାମ ଦଳକୁ ନେଇ ଗଠନ ହୋଇଛି ତ୍ରିଶକ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାର ପୂରା ନାଟକର ସ୍କ୍ରିପ୍ଟ ପ୍ରସ୍ତୁତ ହେଉଛି ନବୀନ ନିବାସରୁ। ଆଉ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସ।

ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହୁତି ମାମଲାରେ ଯେଉଁସବୁ ତଥ୍ୟ ପଦାକୁ ଆସିଲା ସେଥିରେ ଶାସନ ବ୍ୟବସ୍ଥାରେ ବିଭିନ୍ନ ସ୍ତରରେ ଗୁରୁତର ତ୍ରୁଟି ପରିଲକ୍ଷିତ ହେଲା । ଏହାକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏକ ଅଭିଯାନ ଚାଲିଥିବା ସନ୍ଦେହ ହେଉଛି । କାରଣ ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଯେପରି ଭାବରେ ପଦକ୍ଷେପ ନେଇଛନ୍ତି ଓ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ତଦନ୍ତର ପରିସରକୁ ବଢ଼ାଇ ମୃତ ଛାତ୍ରୀର ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି, ସେଥିରେ ସିଧାସଳଖ ଭାବରେ ତାଙ୍କ ବିରୋଧରେ ଅଭିଯୋଗ ଦୁର୍ବଳ ହୋଇଯିବା କଥା । ସେହିପରି ➪ପୃଷ୍ଠା-୬



## ତୁମ ପଦଚିହ୍ନ

**ଡ ଚନ୍ଦ୍ରକଳା ନାୟକ**

ତୁମେ ନ ଆସିବାର
ସମ୍ବାଦ ପହଂଚିଲା ବେଳକୁ
ମୁଁ ପାଦରେ ଅଳତା ପିନ୍ଧୁଥିଲି
ସିନ୍ଥିରେ ସିନ୍ଦୁର ଜଳୁଥିଲା
ତୁମେ ମୋତେ କହିଥିଲ
ଭୁଲ ବୁଝିବନି
ପ୍ରେମ ନକରିବାର ସବୁ ନିଦା ପଣରେ
ଏ ଜୀବନଟା ଯମା ସରିବନି।
ତୁମେ ତ କିଛି ବି ଦେଲନି
ଦେଲ ଖାଲି ଖଣ୍ଡେ ଚିଠି, ଶସ୍ତା କାଗଜ
ଧୂଆଁ ସହ ଉଡୁଥିବା ଧୂଆଁଳିଆ ଗନ୍ଧ
ସିଗାରେଟ ଗୁଣ୍ଡ ଆଉ ସୁଦ୍ଧୁ
ମିଛପଣ।
ଜାଣିଛ, ସେମାନେ ମୋତେ
ନେବାକୁ ବିବ୍ରତ
ମୁଁ କିନ୍ତୁ ମନାକଲି
ତୁମର ସେ ଉପନ୍ୟାସଟାକୁ
ଆଲିଙ୍ଗନ କରି
ଯାହା ଦେହରେ ଲେଖା ଥିଲା
ପାଉଁଜିର ଗୁଣୁଗୁଣୁ ଗୀତ
ଅଦିନିଆ ବଉଳର ସଙ୍ଗୀତ
ସେଥିରେ ଆସ୍ତେ କି ଆଉଜି
ପଡିଲି।
ତୁମର ସେ ପ୍ରତାରିତ ସତ୍ତାରେ
ଆଜିକାଲି ମୁଁ ଖୁବ ଉଜ୍ଜଳ ଦିଶୁଛି
କେତେବେଳେ ପ୍ରେମିକା, ପତ୍ନୀ
ପୁଣି ଶେଷରେ ତୁମେ ବିଧବା ସାଜିଛି।
ତୁମେ ତ କେବେ ବି ନଥିଲ
ପୋଖରୀର ପାଣି ସବୁ
ଶୁଖି ଆସିଲାଣି ନିର୍ଜିବ ଭାବରେ
ତଥାପି ଆଶା ତୁମ ଫେରନ୍ତା ବାଟକୁ।
କେତେ ରାସ୍ତା ଅତିକ୍ରମ କରିବି
ଏବେ ଏବେ ତ ଚାଲିବା ଆରମ୍ଭ କରିଛି
ତଥାପି ମୋ ପାଦ ସାରା ଥକ୍କା ପଣ
ଆଉ ପାଦରେ ଫଟକାର କଷ୍ଟ।
କହିବି ତ ଗଲ ନାହିଁ କାହିଁ
ତୁମେ ଗଲା ପରେ କଣ ହେବ ?
ଏ ଅବ୍ୟକ୍ତ ଶାଶ୍ୱତ ପ୍ରେମର
ଏହା ବୋଧେ ସତ୍ୟ
ନିରୋଳା ରାସ୍ତାରେ ଚିରକାଳ ଏକା
ଚାଲୁଥିବି
ଅନ୍ତରରେ ଥିବ ଖାଲି ତୁମ ପଦଚିହ୍ନ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋବାଇଲ୍:**
**୯୪୩୭୯୫୭୬୧୭**





## ସେଇ ରାତି

**ପୁଷ୍ପଲତା ମିଶ୍ର**



ଜ୍ୟୋସ୍ନା ବିଧୁରିତ ସୁକୋମଳ ପରିବେଶରେ ଅରୁଣିମା ବିଚ୍ଛୁରିତ ହୋଇ ଝଲମଲ କରୁଛି ମନ୍ଦିରର ଚୂଳ। ମନ୍ଦିର ଚୂଳକୁ ଅନେଇ ଅନେଇ ବସିଛି ରଶ୍ମି। ସଫା ହୃଦୟର ଲୋକ ସବୁବେଳେ ମାନସିକ ଆଘାତ ପାଇଥାଏ କାରଣ ଅନେକ ଲୋକ ତାକୁ ଠିକ୍ ସେ ବୁଝିପାରନ୍ତି ନାହିଁ କିମ୍ବା ବୁଝି କି ଜାଣି ଶୁଣି କଷ୍ଟ ଦେଇଥାନ୍ତି। ସତ ସବୁବେଳେ ସତ ସେ ନୀରବ ରହେ କାହିଁକି ନା ସେ ଜାଣିଛି ଯେତେ ଚିତ୍କାର କଲେ ବି କେହି ଶୁଣିବେ ନାହିଁ। ସେଇଥି ପାଇଁ ସବୁ ପ୍ରଶ୍ନର ସଠିକ୍ ଜବାବ ସମୟ ହାତକୁ ଟେକି ଦିଏ, ଆଉ ସମୟ ଯେବେ ଦୁନିଆକୁ ଜବାବ ଦିଏ ନା ପୁରା ଦୁନିଆ ନିସ୍ତବ୍ଧ ହୋଇଯାଏ। ସେତେବେଳେ ସତ ମୁହଁ ରେ ହସ ଫୁଟେ।

ଏମିତି ଭାବନା ଭିତରେ ବୁଡ଼ି ରହିଥିଲା ରଶ୍ମି ସେଇ ମନ୍ଦିର ଚୂଳକୁ ଅନେଇ ଭୁଲି ଯାଇଥିଲା ସେ ଅଛି କୋଉଠି ସେ ବାସ୍ତବ ନା ଅବାସ୍ତବ ଚିନ୍ତା ଚେତନା ଭିତରେ ହଜି ଯାଇଥିଲା ସେ... । ହଠାତ୍ ପଛରୁ ଆସି ଚମକେଇ ଦେଲା ରମାକାନ୍ତ କହିଲା ଏଠି ମନ୍ଦିର ବେଢ଼ାରେ ନିରୋଳାରେ ବସି କଣ ଭାବୁଛୁ ରଶ୍ମି ଭାବନାରେ ମୁଁ ନାହିଁ ତ ? ଧେତ୍ ତୁମର ଯୋଉ କଥା ନା !ଆରେ ତୁ ଏମିତି ନୀରବରେ ବସିଛୁ କଣ ଯେ ତୁ ଏମିତି ନୀରବରେ ବସିବା ଝିଅ ନୁହେଁ କଣ ହେଉଛି କହ ରଶ୍ମି ! ନାଇ ସେ କିଛି ନୁହେଁ ରମାକାନ୍ତ ଭାଇ ସେଇ ରାତି କଥା ହିଁ ଭାବୁଛି। କଣ ପାଇଁ ସେଇ ରାତି ତୋ ମନକୁ ଦୋହଲେଇ ଦେଇଛି ଶୁଣେ। ତୁମେ କିଛି ବୁଝି ପାରିବନି ରମାକାନ୍ତ ଭାଇ। ଯାହା ସତ ତାକୁ ଆମକୁ ମାନି ନେବାକୁ ପଡିବ, ଯିଏ ସବୁବେଳେ ସତ ପଥ ରେ ଚାଲି ଥାଏ, ସତ କଥା କହିଥାଏ ଆଉ ସତକୁ ଭଲପାଉ ଥାଏ ସେହି ଲୋକକୁ ହିଁ ସମସ୍ତେ ଘୃଣା କରନ୍ତି, ତାଚ୍ଛଲ୍ୟ କରନ୍ତି ସମାଲୋଚନାକୁ ବି ଛାଡନ୍ତି ନାହିଁ ତେଣୁ ସେଇ ଚିନ୍ତା ମୋ ମନ ଆଉ ହୃଦୟକୁ ଆନ୍ଦୋଳିତ କରୁଛି। ମୁଁ ତୋତେ ଆଜି ବି କଥା ଦଉଛି ରଶ୍ମି ଯେତେ ବାଧାବିଘ୍ନ ଆସିଲେ ବି ତୁ ହିଁ ମୋର ଆଉ ମୋର ହେଇ ସବୁଦିନ ରହିବୁ। ତୋତେ ମତେ କେହି ବି ଅଲଗା କରି ପାରିବେ ନାହିଁ। କେମିତି ଆଉ ରହିବ ରମାକାନ୍ତ ଭାଇ ମୁଁ ଆଉ ମାମୁଁ ଘରେ ରହି ପାରିବିନି। ବାପା ଆସିଛନ୍ତି ମୋତେ ନେଇଯିବେ ଘରକୁ ମୁଁ ଆମ ଗାଁ ରେ ପଢିବି କାହିଁକି ନା ମୋ ବୋଉ ଦେହ ଭୀଷଣ ଅସୁସ୍ଥ ତେଣୁ ମୁଁ ଆମ ଘରେ ରହିବି ଆଉ ତୁମ ସହ ଦେଖା ହେଇ ପାରିବନି। ଗୋଟେ କଥା ମନେ ରଖ ରଶ୍ମି ଯାହା ସତ ଲେଖା ଅଛି ତାକୁ ମାନି ନେବାକୁ ପଡିବ ଆଉ ଏ ତୋର ମୋର ସମ୍ପର୍କ କେହି ଭାଙ୍ଗି ପାରିବେନି। ରଶ୍ମି ତୁ ଯେତେ ଦୂର କୁ ଚାଲି ଗଲେ ବି ଆମ ଦୁହିଁଙ୍କ ସମ୍ପର୍କ ଅତୁଟ। ବହୁତ ବେଳ ହେଲାଣି ତୁ ଚାଲେ ତୋ ମାମୁଁ ଘର ପାଖରେ ଛାଡ଼ିଦେବି। ବାପାଙ୍କ ସହିତ ରଶ୍ମି ଆସିଛି ଗାଁକୁ ବୋଉର ଦେହ ଭଲ ନାହିଁ। ବୋଉ ସେବା ଘର କାମ ତା ସହ ମୋର ପାଠ ପଢା ସହ ସେଇ ରାତି କଥା ମନ ର ଭାବନା ରୁ ଯାଉ ନାହିଁ। ସେଇ ଜହ୍ନ ବିଧୁରିତ ରାତି ରମାକାନ୍ତ ଭାଇ ସହ ମିଳନ ର ପ୍ରଥମ ପାହାଚ ମନରୁ ଲିଭିବ ବା କିପରି ତାଙ୍କ ବ୍ୟତୀତ ଆଉ କାହାର ହବ ସ୍ୱପ୍ନରେ ବି ଭାବିପାରୁନି। ସେଇ ରାତି ଅଛି, ରଶ୍ମି ଅଛି କିନ୍ତୁ ନାହିଁ ରମାକାନ୍ତ ଭାଇ!

କୋଉଠି ରହିଲେ ରମାକାନ୍ତ ଭାଇ ସେ କଣ ତାଙ୍କ ରଶ୍ମିକୁ ଭୁଲିଗଲେ ? ବାପା ଠିକ୍ କରିଥିବା ପ୍ରସ୍ତାବ ରାଜି ନ ହୋଇ କିଛି ଚାରା ନାହିଁ। ଆଜି ସେଇ ରାତି ଅଛି ମଧୁର ଲଗନ ବିବାହ ର ଦିନ ଶଙ୍ଖ ,ହୁଳ ହୁଳି ,ଯୋଡ଼ି ମହୁରୀ ନାଦ ରେ ଘର କମ୍ପି ଉଠୁଛି କିନ୍ତୁ ଖୁସି ନ ଥାଏ ରଶ୍ମି। ରମାକାନ୍ତ ଭାଇ ସତ ର ଦ୍ୱାହି ଦେଇ ମିଛ ଦୁନିଆ କୁ ଠେଲି ଦେଇ କୁଆଡେ ଗଲେ ଯେ ଖୋଜ ଖବର କିଛି ନାହିଁ। ଆଜି ସେଇ ରାତି ବର ହେଇ ଆସୁଛି ସୁନୀଲ ମହାନ୍ତି,ଯାହାକୁ ମୁଁ ଦିନେ ଘୃଣା କରୁଥିଲି। ବାପା ଙ୍କ ମାନ ସମ୍ମାନ କୁ ଚାହିଁ ମନା କରିପାରିଲି ନାହିଁ, ବାଟ ବରଣୀ କରୁଛନ୍ତି ବାପା !ହଠାତ୍ ବର ପକ୍ଷର ଚଢ଼ା ଯୌତୁକ ଦାବି କରି ବସିଲେ। ଯାହାକି ଆଗରୁ କିଛି ଦାବି ତାଙ୍କର ନ ଥିଲା, ନଗଦ ଗାଡ଼ି ଟଙ୍କା ନ ଦେଲେ ବର ବରଣୀ ହୋଇ ପାରିବ ନାହି। ବାପା କାକୁତି ମିନତି ହୋଇ ଯେତେ କହିଲେ ବି ବର ପକ୍ଷ ଶୁଣିବାକୁ ରାଜି ନ ଥିଲେ ବର ଲେଉଟି ଯାଉଛି, ବାପା ବୋଉଙ୍କର କ୍ରନ୍ଦନ ଧ୍ୱନି ରେ ଘର ଫାଟି ପଡୁଛି। ମନ ଦୁଃଖରେ କାନ୍ଥକୁ ଆଉଜି ବସିଛି ରଶ୍ମି, ହଠାତ୍ ଗୋଟେ ଗାଡ଼ି ଆସି ଲାଗିଲା ଆମ ଦୁଆର ମୁହଁ ରେ କିଏ ବୋଲି ଜାଣିବା ପୂର୍ବରୁ ରମାକାନ୍ତ ଠିଆହୋଇ ହସୁଛି ଆଉ କହୁଛି ରଶ୍ମି, ଆଜି ସେଇ ରାତି ନା ! ଆସ ରଶ୍ମି ଆଜିବି ସେଇ ରାତି ମୁଁ କହିଥିଲି ନା ତୁ ହିଁ ମୋର, ଦେଖ ରଶ୍ମି ସେ ଦିନ ରାତିରେ ଚାନ୍ଦ ଯେମିତି ହସୁଥିଲା, ଆଜିବି ଚାନ୍ଦ ସେମିତି ଖିଲି ଖିଲି ହସୁଛି ତୋର ମୋର ମିଳନକୁ ଦେଖି...

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

## ଅନନ୍ତ ବାବୁଙ୍କ କାନ୍ଦ



**ଅମରେଶ ବିଶ୍ୱାଳ**



ଦେଶର ରାଜଧାନୀରେ ହେବାକୁ ଥିବା, କୋଉ ଗୋଟେ ବଡ଼ ଜାକଜମକିଆ ସରକାରୀ ସଭାକୁ ଯିବାକୁ, ଓଡ଼ିଆ ଲେଖକଙ୍କର ଗୋଟେ ସୌଦାତାଲିକା ବାହାରିଲା। ଅନନ୍ତ ବାବୁଙ୍କର ସେଥିରେ ନାଁ ନଥିଲା। ତେଣୁ ସେ ବୁହେ କାନ୍ଦିଲେ। ପତ୍ନୀ କହିଲେ- ତମେ କି ଚୋପା ଲେଖକ କିହୋ.. ଦିନରାତି ଲେଖୁଚ.. ରାତିସାରା ବସିକି ଲେଖୁଚ ନା ଝିଅଙ୍କ ସହ ଚାଆଟ୍ କରୁଚ ? ଆଜିଠୁ ସେ ଗପ ଉପନ୍ୟାସ ଛାଡ଼, ଆଠ ଧାଡ଼ିଆ କବିତା ଲେଖ, ଆଉ ରାତିରେ ଆରାମରେ ଶୁଅ।

ପତ୍ନୀଙ୍କ କଥା ଅନନ୍ତ ବାବୁଙ୍କୁ ଭାରି ବାଧିଲା। ସେ ପୁଣି ବୁହେ କାନ୍ଦିଲେ। ଏହି ସମୟରେ ଜଣେ ସୁନ୍ଦରୀ ଜୁନିୟର୍ ଲେଖିକା ଫୋନ୍ କଲେ। ପଚାରିଲେ- ସାଆର୍ ଆପଣ ଏତେବଡ଼ ସଜନା ଗଛ ଭଳିଆ ଲେଖକ, କେତେ ଲେଖିଛନ୍ତି, ଲେଖି ଲେଖି କାଗଜ ଚିରି ପକେଇଛନ୍ତି, ଅଥଚ ତାଲିକାରେ ଆପଣଙ୍କ ନାଁ ବି ନାହିଁ !! କି ଆଶ୍ଚର୍ଯ୍ୟର କଥା। କିଛି ଗୋଟେ କରନ୍ତୁ। ଆଉ କିଏ କହିଥିଲେ ଅନନ୍ତ ବାବୁଙ୍କୁ ବାଧି ନଥାନ୍ତା। ସୁନ୍ଦରୀ ଲେଖିକାଙ୍କ କଥାଟା ତାଙ୍କ ପନିର୍ ଭଳିଆ ନରମିଆ ଲେଖକ ହୃଦୟକୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ। ଏହାପରେ, ତାଲିକାରେ ବିଭ୍ରାଟ ହେଇଚି ବୋଲି, ଜଣେ ବଡ଼ ସାହିତ୍ୟିକ ଲେଖିଲେ। ସେଥିରେ ଆଉକିଛି ସାହିତ୍ୟିକଙ୍କ ନାଁ ଯୋଡ଼ାହେବା ଉଚିତ ବୋଲି କହି, ସେ କୋଡ଼ିଏ ଲେଖକଙ୍କ ନାଁ ଦେଲେ। କିନ୍ତୁ ସେଥିରେ ବି ଅନନ୍ତ ବାବୁଙ୍କର ନାଁ ନଥିଲା।

କଥାଟି ତାଙ୍କୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ।

ଜଣେ ସମଧର୍ମା ଲେଖକ, ଅନନ୍ତ ବାବୁଙ୍କୁ ଉସୁକେଇଲେ। କହିଲେ- ତମେ ବି ଏହା ବିରୋଧରେ ଲେଖ। ଏ ମାମଲାରେ ଏତେଟା ଥଣ୍ଡା ପଡ଼ିବା ଉଚିତ ନୁହେଁ। ନହେଲେ ସାହିତ୍ୟିକ ବଦବୀଟା ହାତରୁ ଖସିଯିବ। ବିରୋଧ କରିକି ଲେଖୁନ ବୋଲି ତମକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ବୁଝିଲ ? ସକାଳୁ ଆସି ସଂଜ ହେଲା, ଅନନ୍ତ ବାବୁ ଫେସବୁକ୍ ଖୋଲିକି ବସିଛନ୍ତି କିଛି ଗୋଟେ ଲେଖିକି ଓଲଟେଇ ଦେବେ ବୋଲି, କିନ୍ତୁ ଦୁଇଟି ଅକ୍ଷର ମଧ ଲେଖିପାରିଲେ ନାହିଁ। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପରି ତାଙ୍କ ଅବସ୍ଥା। ସମସ୍ତେ ତାଙ୍କୁ ନିଜର ଲାଗିଲେ। ତେଣୁ ସେ ଲେଖିପାରିଲେ ନାହିଁ। ଏହି କଥାକୁ ନେଇ ଅନନ୍ତ ବାବୁ ପୁଣି ବୁହେ କାନ୍ଦିଲେ।

***(ଏହି ଲେଖାଟି ସଂପୂର୍ଣ୍ଣରୂପେ କଳ୍ପନା ପ୍ରସୂତ। ବାସ୍ତବ ଦୁନିଆର ଘଟଣା ଓ ଚରିତ୍ର ସହ ଏହାର କୌଣସି ସଂପର୍କ ନାହିଁ। ଯଦି କୌଣସି ଘଟଣା ଓ ଚରିତ୍ର ସହ ଏହା ମେଳ ଖାଉଥାଏ, ତେବେ ତାହା କେବଳ ଏକ ସଂଯୋଗ ମାତ୍ର।)***

## ଢେଉ

**କ୍ଷୀରୋଦ ପରିଡ଼ା**



ଉଲ୍ଲାସ କି ଉନ୍ମାଦରେ ଡଙ୍ଗାଟିଏ ଲହଡ଼ି ଉପରେ ନାଚୁଛି ବା ଲହଡ଼ି ତାକୁ ନଚାଉଛି। ଏଇ ଦୁଇଟି ଭିତରୁ କେହି ନିୟନ୍ତ୍ରଣ ନ ହରାଇଲେ ଏଇ ଦୃଶ୍ୟ ଦୀର୍ଘକାଳ ଯାଏ ଆକର୍ଷଣୀୟ ହୋଇ ରହିପାରେ। ଏହା ସମ୍ଭବ ହୋଇପାରେ ସମୁଦ୍ରର ବ୍ୟାପକତା ଓ ଡଙ୍ଗାର ସଂକୀର୍ଣ୍ଣତାର ଅପୂର୍ବ ସମନ୍ୱୟତାରେ।

ଡଙ୍ଗା କି ଜାଣେ ଜୀବନର ଉଠାପକା ଖେଳ ?

ଅସଂଖ୍ୟ ଲହଡ଼ି ମେଳରେ ସମୁଦ୍ର କି ବୁଝେ କାହାରି ସ୍ଥିତି ଓ ସ୍ଥିତିହୀନତାର କଥା ?

ପ୍ରତି ମୁହୂର୍ତ୍ତରେ ଲହଡ଼ିର ଦେହ ଓ ରୂପ ଏପରି ବଦଳି ଯାଉଛି ଯେ ତାହା ଚିହ୍ନଟ କରିବା ଅସମ୍ଭବ। କିନ୍ତୁ ବିସ୍ତାର ଲହଡ଼ିମାଳା ତ ନାଚି ନାଚି ଚାଲିଛି ଏକ ସାମୂହିକ ଉପସ୍ଥିତିରେ ନିଜ ନିଜର ଅସ୍ତିତ୍ୱକୁ ସମର୍ପଣ କରି। ଲହଡ଼ି ଓ ଡଙ୍ଗାର ଖେଳ ଚାଲୁଛି। ସମୟ ବି ନିଜ ମତେ ଚାଲିଚାଲି ଯାଉଛି। ଘଟଣା ଗୁଡ଼ିକ ସ୍ୱାଭାବିକ ଭାବେ ଘଟି ଯାଉଛି। କେହି କାହାରି ପାଇଁ କେଉଁଠି ଅଟକି ଯାଉନାହିଁ। ଆମକୁ ଆଉ କିଛି ଅଧିକ କହିବାକୁ ନାହିଁ ସେହି ଡଙ୍ଗାର ନାଉରିଆ !



ପଶ୍ଚିମରୁ ପୂର୍ବକୁ କେହି ଜଣେ ଫେରି ଯାଉଛି ପୁଣି ଏକ ନୂଆଦିନରେ ନୂଆ କଥା କହିବା ପାଇଁ।

ପୂର୍ବ ଆକାଶରେ ସୂର୍ଯ୍ୟ ଉଇଁ ସାରିଲେଣି ତାଙ୍କର ଆଉ ଏକ ନୂଆ ଦିନର, ନୂଆ ଯାତ୍ରାର କଥା କହିବା ପାଇଁ... ଗୋଟେ ଦୃଶ୍ୟହୀନ ଓ ଶବ୍ଦହୀନ ଜଗତକୁ ରକେଟଟିଏର ଅବଗଣନା ଆରମ୍ଭ ହୋଇଯାଇଛି ତା ନିର୍ଦ୍ଧାରିତ ଉତକ୍ଷେପଣ କେନ୍ଦ୍ରରୁ... ଆରେ ହେ ! ସେ ବିଚରା ନାଉରିଆ ଜଣକ... ?



## ଆତ୍ମହତ୍ୟା

**ଡଃ ତାନଶ୍ରୀ ପାଣିଗ୍ରାହୀ**

ମାନବ ଅଟଇ ଈଶ୍ୱରଙ୍କ ସୃଷ୍ଟି
ତା ଜୀବନ ମୂଲ୍ୟବାନ
ଜୀବନ ରାସ୍ତାରେ କେତେ ଝଡ଼
ଝଞ୍ଜା
ବିଚଳିତ କରେ ମନ...

ବେସାହାରା ହୋଇ ଖୋଜି ବୁଲେ
ରାସ୍ତା
ହୋଇଯାଏ ବାଟବଣା
ଆଶାର ଶୈଶବ ସବୁକିଛି ଚୁନା
ମନ ହୁଏ ଆନମନା...

ବିବେକ ବୁଦ୍ଧି ଖଟାଇ ମଣିଷ
ସୁକର୍ମରେ ହୁଏ ସୁଖୀ
ପ୍ରଶଂସାରେ ମନ ହୁଅଇ ଆନନ୍ଦ
ଅପବାଦେ ହୁଏ ଦୁଃଖୀ...

ଭାବର ନଈରେ ନିରାଶା ଜୁଆର
ଅଜାଣତେ ଯାଏ ଆସି
ବଞ୍ଚିବାର ଆଶା କ୍ଷଣିକ ମିଳାଏ
ଆନ୍ଦୋଳିତ ହୁଏ ବେଶୀ...

ଦୁର୍ବଳ ମୁହୂର୍ତ୍ତ ଆସିଯାଏ ଯେବେ
ପାରେନା ନିଜକୁ ବୁଝି
ଚରମ ନିଷ୍ପତ୍ତି ନେଇ ଯାଏ ମନେ
ସବୁ ଜ୍ଞାନ ଯାଏ ହଜି...

ଅସହାୟ ମନ ଲୁଚାଇ କାନ୍ଦେ
କାହାକୁ କହେ ନାଁ କିଛି
ନିଜ ଶରୀରକୁ ଦିଏ ସେ ଯାତନା
ମୃତ୍ୟୁକୁ କରେ ସାଥୀ...

ଜନ୍ମ ଓ ମୃତ୍ୟୁ ପୂର୍ବ ନିର୍ଦ୍ଧାରିତ
ବିଧାତାଙ୍କ ବରଦାନ
ଆତ୍ମହତ୍ୟା ଏକ ଘୃଣ୍ୟ ଅପରାଧ
କରିବା ନାହିଁ ଗ୍ରହଣ...

ଆତ୍ମହତ୍ୟା ନୁହେଁ ସମାଧାନ ରାସ୍ତା
ଅଟଇ ସେ ମହାପାପ
ଧୈର୍ଯ୍ୟ ସାହସ ଦୃଢ ମନୋବଳେ
ଜାଳିବା ବିଜୟଦୀପ ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍:**
**୯୩୩୭୩୦୪୨୯୫**



## ମୁଁ, ତୁମେ ଓ ସେ



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

ଥରେ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଜିତି ମୋର ଜଣେ ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜୟଦେବ ଭବନରେ ସମ୍ମାନିତ ହେବାର ଥାଏ। ସବୁ ଜିଲ୍ଲାରୁ ଜଣେ ଜଣେ ଯିବାର ଥାଏ ଜିଲ୍ଲା ସଂଯୋଜକଙ୍କ ସହ। ଆମ ଜିଲ୍ଲାର ସଂଯୋଜକ କେବଳ ଖବରଟି ଦେଲେ, ମାତ୍ର ଯିବା ବ୍ୟବସ୍ଥା କଲେ ନାହିଁ। ପିଲାର ବାପାଙ୍କୁ କହିଲି ଆପଣ ନେଇକି ଯାଆନ୍ତୁ। କାର୍ଯ୍ୟକ୍ରମ ସନ୍ଧ୍ୟାରେ ଅଛି।ସେ ମୋତେ ଓଲଟା ପଚାରିଲେ କି ସେଠି ଝିଅକୁ କଣ ଏମିତି ଦେବେ ଯେ ଗାଡି କରି ଯିବି? ମୁଁ କହିଲି ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ ଆଉ କଣ ଦରକାର। ସେ କହିଲେ ସେ ଫୁଲ ତୋଡାରୁ ମୁଁ କଣ ପାଇବି। କହିବା ବାହୁଲ୍ୟ, ପିଲାଟି ଯାଇ ପାରିଲା ନାହିଁ। ଏହା ହେଉଛି ଏକ ଉଦାହରଣ ମାତ୍ର। ଅଧିକାଂଶ ଅଭିଭାବଙ୍କଠାରୁ ଝିଅଟିଏ କୌଣସି କଳାତ୍ମକ ଦକ୍ଷତା ପାଇଁ ସାବାସି ପାଏ ନାହିଁ। ପାଠ ପଢ଼ି ଚାକିରି କର ନଚେତ୍ ଶାଶୁ ଘରକୁ ଯା। ଥରେ ଜଣେ ଛାତ୍ରୀଙ୍କୁ ଆକଟ କରି କହିଥିଲି ଯେ ପାଠ ନ ପଢ଼ିଲେ କଣ କରିବୁ? ଶାଶୂ ଘରେ କାମ ସବୁକୁ ପାରିବୁ ତ? ସେ ମନଦୁଃଖ କରି କହିଲା କି ଗୋଟେ ଝିଅର ପାଠ ନହେଲେ ସେ ବାହା ହୋଇଯିବା ଉଚିତ୍ ଏ ନିୟମ କିଏ ବାହାର କରିଛି ମ୍ୟାମ? ମୋ ମାଆ ବି ସେଇ କଥା କହେ। କାଇଁ ପୁଅ ମାନଙ୍କ ପାଇଁ ତ ସେ ବ୍ୟବସ୍ଥା ନାହିଁ? ପାଠ ନ ହେଉଥିବା ପୁଅ ପାଇଁ ପୁଣି ବ୍ୟବସାୟ ଇତ୍ୟାଦିର ବନ୍ଦୋବସ୍ତ ବାପାମାନେ କରି ଦିଅନ୍ତି।ଆମ ଛାତ୍ର ମାନେ କହନ୍ତି ଆମକୁ ପାଠ ନ ପଢ଼ିଲେ କିଏ ବାହା କରେଇ ଦିଅନ୍ତା କି। ଏହା ଆଦୌ ହସିବା କଥା ନୁହେଁ। ସତରେ ଗୋଟିଏ ଝିଅର ଭବିଷ୍ୟତକୁ ନେଇ ପିତାମାତା କେତେ ସମ୍ବେଦନଶୀଳ ? ନିକଟରେ ଘଟିଥିବା ଅଘଟଣକୁ ବିଚାରକୁ ନିଆ ଯାଉ। ଝିଅକୁ କାଉନସେଲିଂ କରୁଥିବା ସମାଜସେବୀ କହୁଛନ୍ତି ଝିଅଟିର ଘରଲୋକଙ୍କ ସହ ବଣ୍ଡିଂ ନଥିଲା। କଣ ଏହି ବଣ୍ଡିଂ? ମାନସିକ ସ୍ତରର ଏକ ସହଭାଗିତା, ଯାହାଦ୍ୱାରା ପିଲା ତାର ବାପାମାଆଙ୍କ ସହ ସହଜ ଭାବରେ ସବୁକଥା ବାଣ୍ଟି ପାରେ ଓ ସେମାନେ ମଧ ପିଲାକୁ ବିଶ୍ୱାସ କରିବା ସହ ତାକୁ ସମର୍ଥନ କରନ୍ତି। ପିଲାର ବିଶ୍ୱାସ ଥାଏ ଯେ ପରିସ୍ଥିତି ଯାହା ବି ହେଉ ମୋ ପାଇଁ ମୋ ପରିବାର ଅଛି। ସେ କେବେ ହତାଶ ହୁଏନାହିଁ। ବାଲେଶ୍ୱର ପୀଡ଼ିତା ସବୁ ଜାଗାରେ ନିଜର ଦୁଃଖ ଜଣାଇ ହତାଶ ହୋଇଛନ୍ତି। ମାତ୍ର ମନରେ ପ୍ରଶ୍ନ ଉଠେ ମୁଁ ଓ ମୋ ପିଲା ମଧ୍ୟରେ ତୃତୀୟ 'ସେ ' ଜଣକ ଏତେ ଜରୁରୀ କାହିଁକି ହେଇ ପଡୁଚି? ପିଲାଟି ଭଡ଼ାଘରେ ରହୁଚି, ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଅଛି, ଦୁଇ ଦୁଇଟି ପାଠ୍ୟକ୍ରମରେ ନାଁ ଲେଖାଇଚି, ତେବେ ଏପରି ଏକ ସ୍ପର୍ଶକାତର ଅଭିଯୋଗ ପାଇବା ପରେ ଅଭିଭାବକ ତୁରନ୍ତ ପୋଲିସରେ ଜଣାଇବା ଉଚିତ୍ ନଥିଲା କି? ତାର ହତାଶବୋଧରେ ତା ପାଖେ ଠିଆ ହେବାର ନଥିଲା କି? ଆମ ପିଲାର ଦାୟିତ୍ୱ ପ୍ରଥମେ ଆମର ନୁହେଁ କି? ଆମେ ଅନେକ ଜାଗାରେ ଦେଖୁଛନ୍ତି ପିତାମାତା ଛୋଟ ଛୋଟ ପିଲା ମାନଙ୍କଠାରୁ ଅନେକ କିଛି ଆଶା ରଖୁଚନ୍ତି। ଗୁଡ଼ିଏ କୋର୍ସ କରାଇ ଚାକିରୀରେ ଭର୍ତ୍ତି କରାଇବା ପାଇଁ ଆମେ ବିକଳ। ପିଲାଟି ଉପରେ କେତେ ଯେ ଦାୟିତ୍ୱ, କେତେ ଯେ ଚାପ। ଏକଥା ସତ ଯେ ସବୁଦିନେ ଆମେ ପିଲାକୁ ପାଖରେ ରଖି ପାରିବାନି ବା ସବୁ ବିଷୟରେ ଜାଣି ପାରିବାନି। ହେଲେ, ତା ଜୀବନର ଭଲ ମନ୍ଦ ତ ବୁଝି ପାରିବା? କିଛି ବର୍ଷ ହେବ ଉଚ୍ଚ ଶିକ୍ଷା ବିଭାଗ ସମ୍ମାନ ଶ୍ରେଣୀରେ ଏକ ପରାମର୍ଶ ପ୍ରକ୍ରିୟାର ବ୍ୟବସ୍ଥା କରିଛି। ଏଥିରେ ପ୍ରତ୍ୟେକ ବିଭାଗର ଅଧାପକ ଅଧାପିକାଙ୍କ ଅଧୀନରେ ଏକାଧିକ ଛାତ୍ର ଛାତ୍ରୀ ରହିବେ ଓ ସେମାନଙ୍କର ପାଠପଢ଼ାରେ ଅସୁବିଧା, ଉପସ୍ଥାନ କମ୍ ହେବା ବା ଅନ୍ୟ କୌଣସି ସମସ୍ୟା ସଂକ୍ରାନ୍ତରେ ସେମାନେ ପରାମର୍ଶ ଗ୍ରହଣ କରି ପାରିବେ। ଏଥିରେ ଉଲ୍ଲେଖ ଅଛି ପିଲାର ଉପସ୍ଥାନ କମ୍ ହେଲେ ବିଭାଗୀୟ ମୁଖ୍ୟ ତାର ଅଭିଭାବଙ୍କଠାରୁ ଏହାର କାରଣ ପଚାରି ତାକୁ କ୍ଲାସ୍ କରିବା ପାଇଁ ପ୍ରେରିତ କରିବା ପାଇଁ। ଦରକାର ପଡ଼ିଲେ ତାର ଘରକୁ ଯାଇ ତାକୁ କ୍ଲାସ୍ ପାଇଁ ପ୍ରବର୍ତ୍ତାଇବାକୁ ଉଲ୍ଲେଖ ଅଛି। ମନେପଡ଼େ ଥରେ ଜଣେ ବିଭାଗୀୟ ମୁଖ୍ୟ ଜଣେ ଅନୁସୂଚିତ ଜନଜାତିର ଝିଅଟିକୁ ଉପସ୍ଥାନ କମ୍ ପାଇଁ ଫୋନ କରନ୍ତେ ତାର ପିତା 'ତୁଇ ମାଷ୍ଟର କାଇଁ ମୋର୍ ଝିଅକୁ ବେଳବୁଡେ ଫୋନ୍ କରିଚୁ' ବୋଲି ଗାଳି ଦେଲେ। ଏଥିରେ ବିଚରା ଶିକ୍ଷକ କଣ କରିବ। ଅନେକ ପିଲା ଘରର ଆର୍ଥିକ ଚାପ ପାଇଁ ଦୋକାନରେ ସେଲ୍ସମ୍ୟାନ ବା ଛୋଟ ମୋଟ କାମରେ ନିୟୋଜିତ ରୁହନ୍ତି। ଅନେକ ପିଲା ଅନେକ କାରଣରୁ ପରୀକ୍ଷା ମଧ ଦିଅନ୍ତି ନାହିଁ। ବ୍ୟାକ ଲାଗେ। ପର ବର୍ଷ ପରୀକ୍ଷା ଦିଅନ୍ତି। ଏଥିରେ ବିଚଳିତ ହୋଇ ଶିକ୍ଷକକୁ ନେହୁରା ହେବା, କାହାର ଅନ୍ୟାୟ ଦାବୀ ପାଇଁ ନିଜ ଜୀବନକୁ ବାଜି ଲଗେଇବା ମାନସିକ ପରିପକ୍ୱତା ନୁହେଁ। ଏଥିପାଇଁ ପିତା ମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ଯେପରି ସୂଚାରୁ ରୂପେ ଶିକ୍ଷା ଗ୍ରହଣ କରିବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡିବ। ବାହାର ଦୁନିଆ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଅଧିକନ୍ତୁ କ୍ରୁର। ଆମ ପିଲାଟିକୁ ଯେ ସମସ୍ତେ ଆମ ପରି ଭଲ ପାଇବେ ତାହା ଆଶା କରିବା ବୃଥା। 'ମୁଁ' ଓ ମୋ ପିଲା ମଧ୍ୟରେ ଏଇ 'ସେ' ଟିର ଭୂମିକା ବହୁତ୍। ସେ ଶିକ୍ଷକ ହୋଇ ଥିଲେ ମଧ ତାଙ୍କର ସବୁ କଥା ମାନିବା ଉଚିତ୍ ବୋଲି ପିଲାକୁ ଶିକ୍ଷା ଦେବା ଅନୁଚିତ୍। ଯାହା ଅନ୍ୟାୟ, ତାହା ଭଗବାନ ହେଲେ ମଧ ବିରୋଧ କରିବା ଉଚିତ୍ ଏବଂ ଏଥିପାଇଁ ପିତାମାତା ସାଙ୍ଗରେ ଠିଆ ହେବା ଉଚିତ୍। ପିଲାମାନଙ୍କ ମନକୁ କଳୁଷିତ କରୁଥିବା ରାଜନୀତି, ସାମାଜିକ ଗଣମାଧମରେ ପ୍ରସାରିତ ହେଉଥିବା ଅଶ୍ଳୀଳତା ବିଷୟରେ ମଧ ପିଲାଙ୍କୁ ବୁଝେଇବା ଆବଶ୍ୟକ । ଆଜିକାଲି ଦେଖା ଯାଉଛି ଟଙ୍କା ରୋଜଗାର କରିବା ପାଇଁ ଅନେକ ପିତାମାତା ନିଜ ଛୁଆ ମାନଙ୍କ ଦ୍ୱାରା ଭିଡିଓ ବନେଇବାରେ ବ୍ୟସ୍ତ। ବୟସ ପୂର୍ବରୁ ପିଲାଟି ପରିପକ୍ୱ ହୋଇ ଯାଉଛି, ମାତ୍ର ତାର ନିଜ ମନ ମସ୍ତିଷ୍କ ଉପରେ ନିୟନ୍ତ୍ରଣ ରହୁ ନାହିଁ। ବାହାରର କାଉନସେଲିଂ ଅପେକ୍ଷା ନିଜ ପରିବାରର ସ୍ନେହ ଶ୍ରଦ୍ଧା ପିଲାଟି ପାଇଁ ବେଶି ଜରୁରୀ।




ସମାଜ ଦିଗଭ୍ରଷ୍ଟ ହୋଇଛି। ଦ୍ୱାପର ଯୁଗରେ ଗୁରୁ ଦ୍ରୋଣାଚାର୍ଯ୍ୟ ମଧ ଅନ୍ୟାୟରେ ଗୁରୁ ଦକ୍ଷିଣା କହି ଏକଲବ୍ୟର ଆଙ୍ଗୁଳି କାଟି ନେଇଥିଲେ। ଯୁଗ ପରିବର୍ତ୍ତନ ସହ ହୁଏତ ଏହା ଫେବର୍‌ର ରୂପ ନେଲାଣି। ମାତ୍ର ଅନ୍ୟାୟ ସବୁବେଳେ ଅନ୍ୟାୟ। ଅପରାଧ ହେଉଚି ବୋଲି ପିଲାମାନଙ୍କୁ ଡରାନ୍ତୁ ନାହିଁ। ଲଢ଼ିବା ଶିଖାନ୍ତୁ। ଜୀବନ ବହୁତ୍ ମୂଲ୍ୟବାନ। ଅନ୍ୟ କାହା ପାଇଁ ନିଜର ସେ ଅମୂଲ୍ୟ ଜୀବନକୁ ନଷ୍ଟ କରିବା ଆବଶ୍ୟକ ନୁହେଁ। ଜୀବନର ସକରାତ୍ମକ ଦିଗଗୁଡ଼ିକ ପିଲା ପାଇଁ ଖୋଲି ରଖନ୍ତୁ। 'ମୁଁ '(ଅଭିଭାବକ) ଯେ ସବୁବେଳେ '' (ପିଲା) ପାଇଁ ଅଛି, 'ସେ'(ବାହାର ଲୋକ) ତୁମର କିଛି କରି ପାରିବ ନାହିଁ, ଏହି ବିଶ୍ୱାସ ହିଁ ହେଉ ପାରିବାରିକ ସମ୍ପର୍କର ମୂଳମନ୍ତ୍ର।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

### ୱେବ ସାମ୍ବାଦିକଙ୍କୁ ହତ୍ୟା ମାମଲା

## ହାଇଦ୍ରାବାଦରୁ ୨ ହତ୍ୟାକାରୀ ଗିରଫ



**ମାଲକାନଗିରି,୨୦।୭ (ସଂଚାର ବ୍ୟୁରୋ) :** ମାଲକାନଗିରି ଜିଲ୍ଲାରେ ଗତ ୧୨ ତାରିଖ ଦିନ ହୋଇଥିବା ୱେବ ସାମ୍ବାଦିକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଜିଲ୍ଲାରେ ଏହା ପ୍ରଥମ କରି ଘଟିଥିବାରୁ ପୋଲିସ ପାଇଁ ଚ୍ୟାଲେଞ୍ଜିଂ ହୋଇଥିଲା । ଅନ୍ୟଦିଗରେ ସାମ୍ବାଦିକ ସଂଘ ପକ୍ଷରୁ ବାରମ୍ବାର ପୋଲିସ ଉପରେ ମଧ୍ୟ ଚାପ ପ୍ରୟୋଗ କରାଯାଉଥିଲା। ଅତିରିକ୍ତ ଏସପି ରଶ୍ମିରଂଜନ ସେନାପତିଙ୍କ ନେତୃତ୍ୱରେ ଡିଏସପି ଆର.ପ୍ରଧାନ, ମୋଟୁ ଆଇଆଇସି ଅର୍ଜୁନ କଁଅରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏହାର ତଦନ୍ତ କରାଯାଉଥିଲା । ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏହି ତଦନ୍ତରୁ ଜଣାପଡିଥିଲା ଯେ ଅଭିଯୁକ୍ତମାନେ କେଉଁଠାକୁ ଯାଇ ଲୁଚିଛନ୍ତି । ସବୁ ଦିଗକୁ ତଦନ୍ତ କରିବା ପରେ ପୋଲିସ ଜାଣିପାରିଥିଲା ଅଭିଯୁକ୍ତମାନେ ହାଇଦ୍ରାବାଦରେ ଯାଇ ଲୁଚିଛନ୍ତି । ତୁରନ୍ତ ଏହି ଟିମ ହାଇଦ୍ରାବାଦ ଯାଇ ଦୁଇ ହତ୍ୟାକାରୀଙ୍କୁ ଗିରଫ କରି ଆଣି ଆଜି କୋର୍ଟ ଚାଲାଣ କରିଥିବା ନେଇ ଏସପି ବିନୋଦ ପାଟିଲ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି। ହତ୍ୟାକାରୀ ଦୁଇ ଜଣ ହେଲେ ମୋଟୁ ଥାନା ଅଂଚଳର ଏମଭି-୭୫ ଗ୍ରାମର ସୁକୁମାର ରାୟ (୨୫) ଏବଂ ଏମପିଭି-୮୨ ଗ୍ରାମର କୋଙ୍କଣ ଜୋରଦାର (୨୧)। ସାମ୍ବାଦିକ ସମ୍ମିଳନୀରେ ମାଲକାନାଗିରି ଏସପି ବିନୋଦ୍ ପାଟିଲଙ୍କ ଅନୁଯାୟୀ, "ଗତ ୧୨ ତାରିଖ ଦିନ ମୋଟୁ ଥାନା ଠାରୁ ମାତ୍ର ୯ କିଲୋମିଟର ଦୂରରେ ରହିଥିବା ମୁରଲିଗୁଡାରେ ଦୁଇ ହତ୍ୟାକାରୀ ସୁକୁମାର ଏବଂ କୋଙ୍କଣ ଆଗରୁ ଠିଆ ହୋଇଥିଲେ। ଯେତେବେଳେ ସିଏଚ ନରେଶ ସମେତ ଅନ୍ୟ ଚାରି ଜଣ ସାମ୍ବାଦିକ ଖବର ସଂଗ୍ରହ ପାଇଁ ଯାଉଥିଲେ ସେତେବେଳେ ଗାଡିକୁ ଅଟକାଇ ଏମାନେ ଅତର୍କିତ ଆକ୍ରମଣ କରିଥିଲେ । ସିଏଚ ନରେଶଙ୍କ ବାମ ହାତରେ ଖଣ୍ଡା ବାଜିବା ଯୋଗୁଁ ସେ ଗୁରୁତର ଆହତ ହୋଇ ତଳେ ପଡିଯାଇଥିଲେ । ଅନ୍ୟ ଜଣେ ସାମ୍ବାଦିକ ତରୁଣ କୁମାର କାର ଚାବିଟିକୁ ଫିଙ୍ଗି ଦେଇ ଦୌଡି ପଳାଇଥିଲେ । ଅଭିଯୁକ୍ତମାନେ କାର ଚାବି ନେଇ ସେଠାରୁ କାରକୁ ଅପହରଣ କରି ନେଇଥିଲେ । ପରେ ତରୁଣ ଆସି ନରେଶଙ୍କୁ ପ୍ରଥମେ ମୋଟୁ ମେଡିକାଲ ଓ ପରେ ମାଲକାନଗିରି ମେଡିକାଲକୁ ନେଇଥିଲେ । ଡାକ୍ତରଖାନାରେ ଡାକ୍ତର ନରେଶ ମୃତ ବୋଲି ଘୋଷଣା କରିଥିଲେ ।" ତେବେ ଏହି ହତ୍ୟା ଘଟଣାର ପର୍ଦ୍ଦାଫାସ ପୋଲିସ କରିଥିଲେ ମଧ୍ୟ ହତ୍ୟାର ପ୍ରକୃତ କାରଣକୁ ଲୁଚାଇଥିଲା । ଏନେଇ ପଚରାଯିବାରୁ ରିମାଣ୍ଡରେ ଆଣିବା ପରେ ହିଁ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କହି ପ୍ରଶ୍ନକୁ ଟାଳି ଦେଇଥିଲେ ।

# ଜଳସମ୍ପଦ ବିଭାଗର ସ୍ୱୟଂଚାଳିତ ଫାଟକ ଯୋଜନା

### ଖର୍ଚ୍ଚ ହେବ ୮୦ କୋଟି



**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଥିବା ଡ୍ୟାମ ଓ ବ୍ୟାରେଜଗୁଡିକୁ ସୁଗମ ଯାତାୟାତ ବ୍ୟବସ୍ଥା ନ ଥିବାରୁ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେଠାକୁ ଯାଇ ଫାଟକ ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ ଓ ବିପଦପୂର୍ଣ୍ଣ ହେଉଛି। ସେହିପରି ଅନୁପଯୁକ୍ତ ଫାଟକ ନିୟନ୍ତ୍ରଣ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିବା ସହ ଡ୍ୟାମ ଓ ବ୍ୟାରେଜ ପ୍ରତି ବିପଦ ସୃଷ୍ଟିର ସମ୍ଭାବନା ବି ରହିଛି। ତେବେ ନୂଆ ସରକାର କ୍ଷମତାକୁ ଆସିବା ପରେ ଉକ୍ତ ସମସ୍ୟାର ସମାଧାନ ପାଇଁ ଉନ୍ନତ ବୈଜ୍ଞାନିକ ସ୍କାଡା ପ୍ରକ୍ରିୟାର ଉପଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ବ୍ୟବସ୍ଥାର ଓ ଅନ୍ତଃନଦୀ ଜଳାଶୟଗୁଡିକର ଉପଯୋଗ ପୂର୍ବକ ଡ୍ୟାମ, ବ୍ୟାରେଜ ଜଳସ୍ତର ସମ୍ବନ୍ଧୀୟ ସଠିକ ତଥ୍ୟ ହାସଲ କରାଯାଇପାରିବ। ଏହାଦ୍ୱାରା ଫାଟକଗୁଡିକର ସୁପରିଚାଳନା ସହ ଜଳ ନିଷ୍କାସନ ନିମନ୍ତେ ଏକ ନିର୍ଭରଯୋଗ୍ୟ ନିଷ୍ପତ୍ତି ବ୍ୟବସ୍ଥାକୁ ମଧ୍ୟ ସୁନିଶ୍ଚିତ କରାଯାଇପାରିବ। ଏଥିସକାଶେ ୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜଳସମ୍ପଦ ବିଭାଗ ପକ୍ଷରୁ 'ସ୍ୱୟଂଚାଳିତ ଫାଟକ ଯୋଜନା'କୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହି ଯୋଜନାରେ ୧୪ଟି ଡ୍ୟାମର ୭୬ଟି ଫାଟକ, ୧୦ଟି ବ୍ୟାରେଜ୍‌ର ୧୫୩ଟି ଫାଟକ ଓ ୨୭ଟି ଅନ୍ତଃନଦୀ ଜଳାଶୟ (ଆଇଏସ୍‌ଏସ୍)ର ୩୪୪ଟି ଫାଟକକୁ ସ୍ୱୟଂଚାଳିତ କରାଯିବ। ଏହାଦ୍ୱାରା ଫାଟକଗୁଡ଼ିକୁ କଣ୍ଟ୍ରୋଲ ରୁମରୁ ସହଜରେ ପରିଚାଳନା କରାଯାଇପାରିବ। ଏହାଦ୍ୱାରା ଫାଟକ ପରିଚାଳନାରେ ସମୟାନୁବର୍ତ୍ତୀ ରହିବ ଓ ତ୍ୱରିତ ପଦକ୍ଷେପ ନିଆଯାଇପାରିବ। ଡ୍ୟାମ ଓ ବ୍ୟାରେଜର ଫାଟକ ପରିଚାଳନା ପାଇଁ ନିୟୋଜିତ କର୍ମଚାରୀମାନଙ୍କର ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇପାରିବ। ମାନବକୃତ ତ୍ରୁଟିକୁ ଏଡ଼ାଇବା ସହଜ ହେବ। କେବଳ ପ୍ରାଧିକୃତ ବ୍ୟକ୍ତିଙ୍କୁ ଡ୍ୟାମ ଓ ବ୍ୟାରେଜ ଆଦିକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏଥିସକାଶେ ବିଶଦ ପ୍ରକଳ୍ପ ବିବରଣୀ (ଡିପିଆର) ପ୍ରସ୍ତୁତି ଚାଲିଛି। ଖୁବଶୀଘ୍ର ଟେଣ୍ଡର କରାଯାଇ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ସରକାର ଲକ୍ଷ୍ୟ ରଖିଛନ୍ତି।

## ୨୬ ଯାଏ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୨୦।୭ (ସଂଚାର ବ୍ୟୁରୋ) :** ଆସୁଛି ଆଉ ଏକ ଲଘୁଚାପ । ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟିର ସମ୍ଭାବନା ରହିଛି। ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନବର୍ତ୍ତୀ ଉତ୍ତରପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ର ଉପକୂଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଲୋ ପ୍ରେସର ସୃଷ୍ଟି ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଆଜି ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ପାଇଁ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବିଜୁଳି, ଘଡ଼ଘଡ଼ି ପାଇଁ ୧୫ ଜିଲ୍ଲାକୁ ଦିଆଯାଇଛି ୟେଲୋ ୱାର୍ଣ୍ଣିଂ। ଆସନ୍ତାକାଲି ବିଜୁଳିଘଡ଼ିଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ଥିବା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ ।




## ବୃଦ୍ଧାଙ୍କ ଉପରେ ଚଢ଼ିଗଲା ଟ୍ରକ

### ଭତ୍ତା ପାଇ ଯାଉଥିବା ସମୟରେ ଅଘଟଣ

**ଉଦଳା,୨୦।୭(ସଂଚାର ବ୍ୟୁରୋ):** ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଯାଉଥିବା ସମୟରେ ଜନୈକା ବୃଦ୍ଧା ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇ ନିକଟସ୍ଥ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି।ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ଶରତ ଗ୍ରାମରେ ଏପରି ଏକ ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ଗ୍ରାମର ଅସହାୟ ବୃଦ୍ଧା ନିରାଶମଣି ପାତ୍ର ଆଜି ସକାଳେ ଭତ୍ତା ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ। କିନ୍ତୁ ଏକ ପଶ୍ଚିମବଙ୍ଗ ନମ୍ବର ଥିବା ଚାଉଳ ବୋଝେଇ ଟ୍ରକ୍‌ର ଚାଳକ ଜଣଙ୍କ ବେପରୁଆ ଭାବେ ଟ୍ରକ୍‌କୁ ପଛକୁ ଆଣୁଥିବା ସମୟରେ ତାହା ନିରାଶମଣିଙ୍କୁ ଧକ୍କା ଦେଇଥିଲା। ଉକ୍ତ ଟ୍ରକ୍‌ର ଚକ ତାଙ୍କ ଦୁଇ ଗୋଡ଼ ଉପରେ ଚଢ଼ିଯିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲକୁ ପଠାଇଥିଲେ। ତେବେ ତାଙ୍କର ଦୁଇଟିଯାକ ଗୋଡ଼ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିବା ଜଣଶପଡ଼ିଛି।

## ଶ୍ରମିକ କର୍ମଚାରୀଙ୍କ ଆନ୍ଦୋଳନ ଜାରି ରହିବ: ରାଷ୍ଟ୍ରୀୟ ମଜଦୁର କଂଗ୍ରେସ




**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଗତ ୯ ତାରିଖରେ ଦିଆଯାଇଥିବା ଧର୍ମଘଟ ଡାକରା ସଫଳ ହୋଇଛି। ଦେଶର ୪୯ କୋଟି ଶ୍ରମିକଙ୍କ ଆନ୍ଦୋଳନ ଆଗାମୀ ଦିନରେ ବି ଜାରି ରହିବ। ଯେପର୍ଯ୍ୟନ୍ତ କେନ୍ଦ୍ରୀୟ ଶ୍ରମିକଙ୍କ ୧୭ ଦଫା ଦାବିକୁ ସରକାର ଗ୍ରହଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଥମିବ ନାହିଁ। ଶ୍ରମିକ ଓ କୃଷକବିରୋଧୀ ବିଜେପି ସରକାରଙ୍କୁ ହଟାଇବା ପାଇଁ ଓ ସମସ୍ତ ନିର୍ବାଚନରେ କଂଗ୍ରେସକୁ ସମର୍ଥନ ଦେବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜନୈତିକକୁ ପ୍ରସ୍ତାବ ସମର୍ଥନ କରି ଜାତୀୟ ଉପସଭାପତି, ରାଜ୍ୟ ସଭାପତି, ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆ ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କ ସମସ୍ତ କାର୍ଯ୍ୟକୁ ସମର୍ଥନ କରିବ ବୋଲି ଆଜି ଦିଲ୍ଲୀଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୩୧୫ତମ କାର୍ଯ୍ୟକାରୀଣି କମିଟିରେ ଉଦ୍‌ବୋଧନ ଦେଇ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ତାରିକ ଅନୱର ଏମପି ଉଦବୋଧନ ଦେଇ ୮୮ ବର୍ଷ ଧରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତର ଶ୍ରମିକ ଆନ୍ଦୋଳନ ତଥା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକରିଆସିଛି ବୋଲି କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା କାର୍ଯ୍ୟକାରି ସଦସ୍ୟ, ରାଜ୍ୟସଭା ସାଂସଦ ଦିଗ୍‌ବିଜୟ ସିଂ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କର ଶ୍ରମିକ ଓ କୃଷକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାହୁଲ ଗାନ୍ଧୀ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଲଢ଼େଇକୁ ଦୃଢ଼ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ବରିଷ୍ଠ ନେତା ଡକ୍ଟର ସଞ୍ଜୀବ ରେଡ୍ଡୀ ଏହି ପୌରୋହିତ୍ୟ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୩ କୋଟି ୩୩ ଲକ୍ଷ ଥିବାବେଳେ କେନ୍ଦ୍ର ସରକାରଙ୍କ ତରଫରୁ ଆଇଏଲ୍ ଓ ସମେତ ବିଭିନ୍ନ ତ୍ରିପାକ୍ଷିକ କମିଟିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସକୁ ପ୍ରତିନିଧିତ୍ୱ ଦେଉନଥିବାରୁ ଏହାକୁ ଦୃଢ଼ ସମାଲୋଚନା କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ପକ୍ଷରୁ ଉପସଭାପତି ମଦନ ମୋହନ ଧଳ, ପ୍ରଶାନ୍ତ କୁମାର ମହାପାତ୍ର, ଅକ୍ଷୟ ତ୍ରିପାଠୀ, ନିର୍ମଳ ସାମଲ, ପ୍ରଦୀପ୍ତ କୁମାର ଦାସ, ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ମଦନ ମୋହନ ଧଳ ଓ ଅକ୍ଷୟ ତ୍ରିପାଠୀ ଏହି ଆଲୋଚନାରେ ଭାଗନେଇ ଠିକା ଶ୍ରମିକମାନଙ୍କର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।

## ପରକୀୟା ପ୍ରୀତି ପାଇଁ ସ୍ତ୍ରୀକୁ ହତ୍ୟା, ଥାନାରେ ଆତ୍ମସମର୍ପଣ

**ବଣାଇ,୨୦।୭(ସଂଚାର ବ୍ୟୁରୋ):** ପରକୀୟା ପ୍ରୀତି ପାଇଁ ସ୍ତ୍ରୀ ଜୀବନ ନେଇଛି ସ୍ୱାମୀ। ହତ୍ୟାକାରୀ ସ୍ୱାମୀ ସ୍ତ୍ରୀକୁ ହତ୍ୟା କରିବା ପରେ ଏକ ଅଖାରେ ମୃତଦେହକୁ ପୂରାଇ ବ୍ରାହ୍ମଣୀ ବ୍ରିଜ ଉପରୁ ଫିଙ୍ଗିଦେଇଛି। ପରେ ଥାନାରେ ମଧ୍ୟ ସ୍ୱାମୀ ଜଣଙ୍କ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏପରି ଏକ ବୀଭତ୍ସ କାଣ୍ଡ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପଙ୍କଡ଼ିହି ଜଡା ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟରତ ଜୟନ୍ତୀ କୁଜୁରଙ୍କୁ ପରକୀୟା ପ୍ରୀତି ପାଇଁ ସ୍ୱାମୀ ଲକ୍ଷ୍ମଣ ଓରାମ ହତ୍ୟା କରିଥିଲା। ଏହାପରେ ସେ ଜୟନ୍ତୀଙ୍କ ମୃତଦେହକୁ ଅଖାରେ ପୂରାଇ ଲାଠିକଟା ଥାନା ଅନ୍ତର୍ଗତ ଟିମଜୋର ବ୍ରାହ୍ମଣୀ ବ୍ରିଜ ଉପରୁ ତଳକୁ ଫିଙ୍ଗିଦେଇଥିଲା। ପରେ ଥାନାରେ ଆତ୍ମସମର୍ପଣ କରି ସବୁକିଛି ସ୍ୱୀକାର କରିଥିଲା ଲକ୍ଷ୍ମଣ। ଲକ୍ଷ୍ମଣକୁ ଗିରଫ କରିବା ସହ ଗୁରୁଣ୍ଡିଆ ପୁଲିସ ଅଗ୍ନିଶମ ସଂସ୍ଥାର ସହାୟତା କ୍ରମେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।



## ଓଟିଇଟି ପ୍ରଶ୍ନପତ୍ର ବିଭ୍ରାଟ ନେଇ ସରକାରଙ୍କୁ ଘେରିଲା ବିଜେଡି

● ବିଭ୍ରାଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରସଙ୍ଗରେ ଆଜି ବିଜେଡି ରାଜ୍ୟ ସରକାରଙ୍କୁ ଘେରିଛି। ପ୍ରଶ୍ନପତ୍ର ବିଭ୍ରାଟ ଯୋଗୁଁ ଆଜି ହେବାକୁ ଥିବା ଓଟିଇଟି ପରୀକ୍ଷାକୁ ବାତିଲ୍ କରିଦିଆଯାଇଛି। କିନ୍ତୁ ପ୍ରଶ୍ନପତ୍ରରେ ବିଭ୍ରାଟ ହୋଇନାହିଁ, ବରଂ ପ୍ରଶ୍ନପତ୍ର ବିକ୍ରି ହୋଇଛି ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ବି ସୁରୁଖୁରୁରେ ଆୟୋଜିତ ହୋଇପାରୁନାହିଁ। ଏହି ପ୍ରଶ୍ନପତ୍ର ପ୍ରଘଟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି। ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି। ଅଧିକନ୍ତୁ ଗତ ବର୍ଷକ ଭିତରେ ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷା ବିଭିନ୍ନ କାରଣରୁ ସ୍ଥଗିତ ରହିବା ସହ ପରବର୍ତ୍ତୀ ତାରିଖରେ କରାଯାଇଛି। କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହୋଇଛି ତ ଆଉ କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଯୋଗୁଁ ପରୀକ୍ଷା ଘୁଞ୍ଚାଯାଇଛି। ତେଣୁ ପରୀକ୍ଷାଟିଏ ବି ତ୍ରୁଟିଶୂନ୍ୟ ଭାବେ କରାଇବାରେ ସରକାର ବିଫଳ ହୋଇଛନ୍ତି। ତା'ଛଡ଼ା ଏଭଳି ପ୍ରଶ୍ନପତ୍ର ପ୍ରଘଟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ମଧ୍ୟ ବିଧାନ କରାଯାଉନାହିଁ। ଏନେଇ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଇନ ଥିଲେ ମଧ୍ୟ ଆଇନକୁ କାର୍ଯ୍ୟକାରୀ ନ କରି ସରକାର ଦୋଷୀଙ୍କୁ ଘଷ ଘୋଡ଼ାଉଛନ୍ତି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।




### ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ ପାଳିତ

## ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କଠାରେ ଦାବି




**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଓଡ଼ିଶା ଅମଲା ସଂଘର ୮୨ତମ ପ୍ରତିଷ୍ଠା ଦିବସ କୋରାପୁଟର ଜୟପୁରଠାରେ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକଙ୍କ ସହ ରାଜ୍ୟ ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ଜିଲ୍ଲା ସଭାପତି ଶଶିଭୂଷଣ ଦାଶ, ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ସଭାରେ ରାଜ୍ୟ ସଂଘର ପୂର୍ବତନ ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଭାପତି ଓ ସାଧାରଣ ସମ୍ପାଦକ କହିଥିଲେ ଯେ ୨୦୧୭ରୁ ମୁଖ୍ୟ ଦାବି କନିଷ୍ଠ ସହାୟକ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ ଅନୁଯାୟୀ ଦରମା ଲେଭଲ-୯ ଅନୁସାରେ ପ୍ରଦାନ ସହ ନୋସନାଲ୍ ବେନିଫିଟ୍, ପ୍ରତି ୪ ବର୍ଷରେ ପ୍ରମୋସନ ଦେବା, ପ୍ରଥମ ଓ ଦ୍ୱିତୀୟ ସ୍ତର ଅଧିକାରୀଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବିଭାଗର ଅମଲାମାନଙ୍କ ପ୍ରୋମୋସନ ନିମନ୍ତେ ରଖିବାକୁ ଦାବି ହୋଇଥିଲା। ନିକଟରେ ରାଜସ୍ୱ ବିଭାଗର ଓଡ଼ିଶା ରାଜସ୍ୱ ସେବା ପ୍ରମୋସନ କ୍ଷେତ୍ରରେ ୩୦ ପ୍ରତିଶତ ରାଜସ୍ୱ କର୍ମଚାରୀମାନେ ପାଇବେ। କିନ୍ତୁ ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ଓ ଦରମା ୪୨୦୦ ଗ୍ରେଡ୍ ପେ' କିମ୍ବା ଉର୍ଦ୍ଧ୍ୱ ହେବା ପରେ ୬ ବର୍ଷ ପରେ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହାଦ୍ୱାରା ଓଡ଼ିଶା ରାଜସ୍ୱ ସେବା ପୋଷ୍ଟ ପାଇଁ ଦରଖାସ୍ତ ପାଇପାରିବେ ଯାହା ଦ୍ୱାରା କୌଣସି ଜିଲ୍ଲା ଅମଲା ଉପକୃତ ହୋଇପାରିବେ ନାହିଁ। କିନ୍ତୁ ଟେକ୍ନିକାଲ ପୋଷ୍ଟ ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ପରିଦର୍ଶକମାନେ ପାଇପାରିବେ। କିନ୍ତୁ ପ୍ରଶାସନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସମସ୍ତ ବିଭାଗର ଅଧିକାଂଶ ଅମଲା ଏଥିରୁ ବଞ୍ଚିତ ହେବେ। ଏଣୁ ଓଡ଼ିଶା ଅମଲା ସଂଘର ଦାବି କନିଷ୍ଠ ସହାୟକ ପଦବୀ ପରିବର୍ତ୍ତନ କରାଯାଇ ଏଏସଓ କିମ୍ବା ଜୁନିଅର ମିନିଷ୍ଟରିଆଲ୍ ଅଫିସର ଓ ସିନିଅର ମିନିଷ୍ଟରିଆଲ୍ ଅଫିସର କରାଯାଉ। ଦରମା ଆରମ୍ଭରୁ ଲେଭୁଲ୍ ୯ ପ୍ରଦାନ ସହ ନୋସନାଲ୍ ବେନିଫିଟ୍ ପ୍ରଦାନ ଓ ୪ ବର୍ଷରେ ପ୍ରମୋସନ ପ୍ରଦାନ କରାଯାଉ। ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ରାଜ୍ୟ ସଂଘ ବାରମ୍ବାର ଲିଖିତ ଭାବେ ଜଣାଇବା ପରେ ବି ଏକ ବର୍ଷ ସମ୍ପୂର୍ଣ୍ଣ ଶେଷ ହୋଇଥିଲେ ମଧ୍ୟ ଦାବି ପୂରଣ କରାଯାଇନାହିଁ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ରାଜ୍ୟ ସଂଘ ଭେଟି ଓଡ଼ିଶା ଅମଲା ସଂଘର ଦାବି ପୂରଣ ଦିଗରେ ବିଚାର କରିବା ସକାଶେ ପ୍ରତିଶ୍ରୁତି ପାଇଛି। ତେଣୁ ଖୁମ୍ କମ୍ ଦିନ ଭିତରେ ଏହି ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନେବେ ବୋଲି ଆଶା ରହିଛି। ନଚେତ୍ ସଂଘ ପକ୍ଷରୁ ଆଗାମୀ ଦିନରେ ଏହି ୯ଦଫା ଦାବି ପୂରଣ ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବେଲି କୁହାଯାଇଛି।

# ଠିକଣା ସମୟରେ ଚାର୍ଜସିଟ୍, ପୁଲିସ୍ ବାବୁଙ୍କ ମୁଣ୍ଡବିନ୍ଧା

**ଭୁବନେଶ୍ୱର,୨୦।୭:** ଠିକଣା ସମୟରେ ଚାର୍ଜସିଟ୍ ଦାଖଲ କରିନପାରି ଖଣ୍ଡଗିରି ଥାନାର ଜଣେ ଏସ୍‌ଆଇ ନିଲମ୍ବିତ ହେବାପରେ ଏବେ କମିଶନରେଟ ପୁଲିସ୍‌ର ଖାକିବାବୁମାନଙ୍କ ମୁଣ୍ଡରେ ଚଡକ ପଡିଛି । ଅଧିକାଂଶ ସମୟ ଆନ୍ଦୋଳନ, ଧର୍ମଘଟ, ବିକ୍ଷୋଭ ନିୟନ୍ତ୍ରଣ ସହିତ ଭିଭିଆଇପିଙ୍କୁ ସୁରକ୍ଷା ଯୋଗାଉଥିବା ପୁଲିସ୍ କେତେବେଳେ ଚାର୍ଜସିଟ୍ ଲେଖିବେ ସେହି ଚିନ୍ତାରେ ପଡିଛନ୍ତି ।

କମିଶନରେଟ ପୁଲିସ୍‌ର ବିଭିନ୍ନ ଥାନା ଅଞ୍ଚଳରେ ଏବେ ରାଜନୈତିକ ଦଳର ଘେରାଉ, ବିକ୍ଷୋଭ ଆଦି ଅନୁଷ୍ଠିତ ହେଉଛି। କଂଗ୍ରେସ ଓ ବିଜେଡି ଦଳ ଅତ୍ୟନ୍ତ ସକ୍ରିୟ ହୋଇ ବିଭିନ୍ନ ପ୍ରସଙ୍ଗରେ ଘେରାଉ କାର୍ଯ୍ୟକ୍ରମ କରୁଛନ୍ତି। ଏଥିଯୋଗୁଁ ପୁଲିସ୍‌ମାନଙ୍କୁ ଆଉ ଫୁରସତ୍ ନାହିଁ। ରାତି ପାହିଲେ ଥାନା କର୍ମଚାରୀମାନେ ଏହି କାମରେ ଲାଗିଯାଉଛନ୍ତି। ଘେରାଉ ଡାକରା ଦିଆଯାଉଥିବା ରାସ୍ତାକୁ ସିଲ୍ କରିବା, ଗାଡ଼ି ମୋଟର ଅଟକାଇବା, ଆଗୁଆ ଗିରଫଦାରୀ କରିବା ଆଦିରେ ସେମାନଙ୍କର ଅଧିକାଂଶ ସମୟ ଯାଉଛି।

ଏହାବାଦ୍ ମୁଖ୍ୟମନ୍ତ୍ରୀ, ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ସମେତ ମନ୍ତ୍ରୀମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ସେମାନଙ୍କ ସୁରକ୍ଷାରେ ବି ଥାନା ବାବୁମାନଙ୍କର ସମୟ ବିତୁଛି। ଏମାନଙ୍କୁ ପାଇଲଟିଂ କରି ନେବା ସହ ରାସ୍ତାରୁ ଭିଡ଼ ହଟାଇବା କାର୍ଯ୍ୟରେ ବି ଲାଗୁଛନ୍ତି। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ଥାନାର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଉଛି।

ଏଥିସହ ରାଜଧାନୀକୁ କେନ୍ଦ୍ରୀୟ ମନ୍ତ୍ରୀ, ନେତା, ବଡ଼ ବଡ଼ ସରକାରୀ ଅଧିକାରୀମାନଙ୍କର ନିୟମିତ ଯା'ଆସ ଲାଗି ରହିଛନ୍ତି। ଏମାନଙ୍କ ପାଇଁ ବି ସୁରକ୍ଷା ବ୍ୟବସ୍ଥା କରିବାକୁ ପଡୁଛି। ନିଜ ନିଜ ଥାନା ଅଞ୍ଚଳରେ ଅବସ୍ଥାନ କରୁଥିବା ଏହି ଭିଭିଆଇପିମାନଙ୍କ ସୁରକ୍ଷାରେ ବହୁ ସମୟ ଦେବାକୁ ପଡୁଛି। ଫଳରେ ବିଭିନ୍ନ ମାମଲାର ତଦନ୍ତ କରିବା ଓ ଠିକଣା ସମୟରେ ଚାର୍ଜସିଟ୍ ଲେଖି ଦାଖଲ କରିବା ଏବେ ପୁଲିସ୍ ବାବୁମାନଙ୍କ ପାଇଁ କାଠିକର ପାଠ ହୋଇଛି। ଠିକଣା ସମୟରେ ଚାର୍ଜସିଟ୍ ଦାଖଲ ହୋଇପାରୁ ନ ଥିବାରୁ ବିଭିନ୍ନ ମାମଲାରେ ଅଭିଯୁକ୍ତମାନେ ଅଦାଲତରୁ ସହଜରେ ଜାମିନ ପାଇଯାଉଛନ୍ତି। ଖଣ୍ଡଗିରି ଥାନାରେ ଘଟିଥିବା ନିଶା କାରବାର ଓ ଏନକାଉଣ୍ଟରମାମଲା ଏହାର ଏକ ଉଦାହରଣ।

ତେବେ ଅଦାଲତି ଛାଟ ଓ ନିଜ ଚାକିରିର ସୁରକ୍ଷା ପାଇଁ ଅଧିକାଂଶ ଥାନାରେ ଏବେ ବିଭିନ୍ନ ମାମଲାର ଚାର୍ଜସିଟ୍ ଲେଖିବାପାଇଁ ଅବସରପ୍ରାପ୍ତ ଅଭିଜ୍ଞ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଉଛି। ସେମାନେ ଦିନ ରାତି ବସି ଚାର୍ଜସିଟ୍ ଲେଖୁଛନ୍ତି । ମାମଲା ପିଛା ନଚେତ୍ ମାସିକିଆ ପାଉଣା ନେଉଛନ୍ତି। ତେବେ ଏହି ପାଉଣା କିଏ କେଉଁଠୁ ଆଣି କିଭଳି ଦେଉଛି ତାହା ବଡ ପ୍ରଶ୍ନବାଚୀ ହୋଇଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଅବସରପ୍ରାପ୍ତ ପୁଲିସ୍ କର୍ମଚାରୀମାନେ ଯେଉଁ ଚାର୍ଜସିଟ୍ ଲେଖୁଛନ୍ତି ସେହି ମାମଲାର ତଦନ୍ତ ସେମାନେ କରିନାହାନ୍ତି କିମ୍ବା ସେ ସଂକ୍ରାନ୍ତରେ ବିସ୍ତୃତ ସୂଚନା ସେମାନେ ପାଇନଥାନ୍ତି। ତଦନ୍ତକାରୀ ଅଫିସରଙ୍କଠାରୁ ଯାହା ଶୁଣନ୍ତି ସେହି ଆଧାରରେ ନିଜର ପୂର୍ବ ଅଭିଜ୍ଞତାକୁ ଆଧାର କରି ଚାର୍ଜସିଟ୍ ଲେଖି ଦିଅନ୍ତି। ଏଭଳି ଚାର୍ଜସିଟ୍ ବି ଅପାରାଧିଙ୍କୁ ଜାମିନ ମିଳିବାରେ ବେଶ୍ ସହାୟକ ହୋଇଛି ।

ଗୋଟିଏ ପଟେ କମିଶନରେଟ ପୁଲିସ୍‌ର ଅଧିକାଂଶ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା ଏବଂ ପ୍ରାୟ ସବୁ ଥାନାର କର୍ମଚାରୀମାନେ ଭିଭିଆଇପି ସୁରକ୍ଷାରେ ବ୍ୟସ୍ତ ରହୁଥିବାରୁ ତଦନ୍ତ ମାମଲାର ଚାର୍ଜସିଟ୍ ଲେଖିବା ଏବେ ସେମାନଙ୍କ ପାଇଁ ଆହ୍ୱାନ ପାଲଟିଛି। (ତଥ୍ୟ)



## କଇଁଫୁଲ ତୋଳିବାକୁ ଯାଇ ବୁଡ଼ିଗଲେ , ମୃତଦେହ ଉଦ୍ଧାର

**କେନ୍ଦୁଝର,୨୦।୭(ସଂଚାର ବ୍ୟୁରୋ):** କେନ୍ଦୁଝରରେ ଏକ ବନ୍ଧରୁ କଇଁ ଫୁଲ ତୋଳିବାକୁ ଯାଇ ଜଣେ ବ୍ୟକ୍ତି ବୁଡ଼ି ଯାଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ କେନ୍ଦୁଝର ସଦର ଥାନା ଟିକରପଡ଼ା ଗାଁର ଦିନବନ୍ଧୁ ମହାନ୍ତଙ୍କ ଘରେ ଆଜି କିଛି ପୂଜା ଥିଲା । ତେଣୁ ସେ ଗାଁ ନିକଟର ଥିବା ବଡବନ୍ଧରୁ କଇଁ ଫୁଲ ତୋଳିବାକୁ ଆଜି ସକାଳ ପ୍ରାୟ ୮.୩୦ ମିନିଟ ସମୟରେ ବଡବନ୍ଧ ଭିତରେ ପଶିଥିଲେ । ଅନେକ ସମୟ ଧରି ସେ ବନ୍ଧ ଭିତରୁ ବାହାରି ନ ଥିଲେ । ବନ୍ଧରେ ଗାଧୁଆ ପାଧୁଆ କରୁଥିବା ଲୋକମାନେ ଏହା ଜାଣିପାରି ବନ୍ଧ ଭିତରେ ପଶି ଅନେକ ଖୋଜା ଖୋଜି କରି ସୁଦ୍ଧା ଦିନବନ୍ଧୁଙ୍କୁ ପାଇ ନଥିଲେ । ଶେଷରେ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦିନବନ୍ଧୁଙ୍କ ମୃତ ଦେହ ବଡବନ୍ଧ ମଧ୍ୟରୁ ଉଦ୍ଧାର କରିଛନ୍ତି ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ



**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** କଳିଙ୍ଗବିହାର ନିବାସୀ ଅବସରପ୍ରାପ୍ତ ସରକାରୀ ଅଧିକାରୀ ତଥା ପୁରୀ ଡ଼େଲାଙ୍ଗ ଥାନା ବିଳାସପୁର ଅଞ୍ଚଳର ସରଧାପୁର ନିବାସୀ କାହ୍ନୁ ଚରଣ ଜେନାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଦେବୀ ପ୍ରସାଦ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତଃ ଜେନା ଓଡ଼ିଶା ସଚିବାଳୟର ଗୃହ, ଶିକ୍ଷା, ସାଧାରଣ ପ୍ରଶାସନ, ନିର୍ବାଚନ ଆଦି ବିଭିନ୍ନ ବିଭାଗରେ ସେକସନ୍ ଅଫିସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ଓ ଅମାୟିକ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ସେ ଓଡ଼ିଶା ସଚିବାଳୟର ଜଣେ ଅତ୍ୟନ୍ତ କର୍ମଠ ଓ ଦକ୍ଷ ଅଧିକାରୀ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବନ୍ଧୁ, ପରିଜନ, ସହକର୍ମୀ ଶୋକ ପ୍ରକାଶ କରିଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୨୧ ଜୁଲାଇ ୨୦୨୫, ଭୁବନେଶ୍ୱର
Monday 21 July 2025, Bhubaneswar

# ପ୍ରତିରକ୍ଷା ଶିଳ୍ପର ଗୁରୁତ୍ୱ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧରେ ଯେପରି ଭାବେ ଡ୍ରୋନ ଏବଂ ମିସାଇଲ ବ୍ୟବହାର ହେଉଛି ସେଥିରୁ ପ୍ରତିରକ୍ଷା କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କେତେ ଜରୁରୀ ତାହା ସ୍ପଷ୍ଟ ହୋଇଯାଇଛି। ବର୍ତ୍ତମାନର ଯୁଗ ହେଲା ଟେକ୍ନୋଲୋଜିର ଯୁଗ। ଏହା ବିନା କୌଣସିକ୍ଷେତ୍ରରେ ସଫଳତା ସମ୍ଭବ ନୁହେଁ। ଏହା ପ୍ରତ୍ୟେକ କ୍ଷେତ୍ରରେ ବ୍ୟବସାୟିକ ସଫଳତାର ଏକ ମାଧ୍ୟମ। ପ୍ରତିରକ୍ଷା ଶିଳ୍ପ ମଧ୍ୟ ଏଥିରେ ସାମିଲ ରହିଛି। ଏହା ଆର୍ଥିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ନିକଟରେ କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ଏକାଧିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହିସବୁ ଚୁକ୍ତି ଅନୁଯାୟୀ ଭାରତ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ସଂସ୍ଥାଠାରୁ ପ୍ରତିରକ୍ଷା ସାମଗ୍ରୀ କିଣିବେ। ଏହା ଦ୍ୱାରା ଆମର ସେନାବାହିନୀ ଶକ୍ତିଶାଳି ହେବ, ସ୍ୱଳ୍ପ ମୂଲ୍ୟରେ ଅଧିକ ଉନ୍ନତ ମାନର ପ୍ରତିରକ୍ଷା ସାମଗ୍ରୀ ମିଳିବ ଏବଂ ତୃତୀୟରେ ସ୍ୱଦେଶୀ ସଂସ୍ଥା ଲାଭବାନ ହେବେ। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ୍ତ ସଂସ୍ଥାର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ। ମୋଟ ଉପରେ ପ୍ରାୟ ୧ଲକ୍ଷ ୪୦ ହଜାର କୋଟି ଟଙ୍କାର ଚୁକ୍ତି ଏହିସବୁ ସଂସ୍ଥା ସହ ହୋଇଛି। ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ୍ୟ ବଢୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ୍ତ ସଂସ୍ଥା ଏହା ଦ୍ୱାରା ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

# ଆଧୁନିକ ଭାରତ ଗଠନରେ ରାଜା ରାମମୋହନଙ୍କ ସ୍ୱପ୍ନ



ଡକ୍ଟର ଲକ୍ଷ୍ମଣ ସାହୁ



ସମ୍ପ୍ରତି ଭାରତୀୟ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ବିଭିନ୍ନ ପରିବର୍ତ୍ତନ ହୋଇଛି। ଏବିଷୟରେ ମଧ୍ୟ ଅନେକ ଆଗରୁ ଯଥେଷ୍ଟ ଆଲୋଚନା ଓ ବିତର୍କ ହୋଇସାରିଛି। ତଥାପି ଯାହାଙ୍କ ବିନା ଆଧୁନିକ ଭାରତ କଳ୍ପନାଯୋଗ୍ୟ ହୋଇପାରିନଥାନ୍ତା, ସେହି ବ୍ୟକ୍ତିଙ୍କ କାହାଣୀ ପାଠ୍ୟକ୍ରମରେ ସାମିଲ କରାଯାଇଛି କି ନାହିଁ ସେ ସମ୍ପର୍କରେ ସାମାନ୍ୟତମ ସୂଚନା ଅକଥିତ ରହିଛି। ସେ ଥିଲେ ରାଜା ରାମମୋହନ ରାୟ, ଯିଏ ପ୍ରଥମେ ତାଙ୍କ କାର୍ଯ୍ୟ ଦକ୍ଷତା ସହିତ ତତ୍କାଳୀନ ପରାଧୀନ ଅଖଣ୍ଡ ଭାରତରେ ନବଜାଗରଣର ଜୁଆର ଆଣିଥିଲେ। ଯାହା ଯୋଗୁଁ ଆଜିର ଭାରତ ବିଶ୍ୱ ଦରବାରରେ ମୁଣ୍ଡଟେକି ସ୍ୱତନ୍ତ୍ର ସ୍ଥାନରେ ଠିଆ ହୋଇପାରିଛି। ତତ୍କାଳୀନ ଅଖଣ୍ଡ ଭାରତରୁ ବିଭାଜିତ ପାକିସ୍ତାନ ଓ ବାଂଲାଦେଶ ପାଇଁ ଏହାକୁ ନୂତନ ଭାବରେ ଶିଖିବାର ସମୟ ଆସିଛି।

୧୭୭୨ ସଂସ୍କରଣ ଅନୁଯାୟୀ ରାଜା ରାମମୋହନ ରାୟ ୧୭୭୪ମଇ ୨୨ରେ ଜନ୍ମଗ୍ରହଣ କରିଥିଲେ। ଯାହା କିଛି ବର୍ଷ ପୂର୍ବରୁ ଇଂରେଜମାନେ ଅବିଭକ୍ତ ଭାରତରେ ପଲାସି ଯୁଦ୍ଧ ଜିତି କୂଟନୈତିକ ଭାବରେ ଦେଶରେ ପ୍ରବେଶ କରିଥିଲେ ଓ ନିଜ ହାତରେ କ୍ଷମତା ଦଖଲ କରିଥିଲେ। ଧୀରେ ଧୀରେ ଯେତେବେଳେ ବ୍ରିଟିଶମାନେ ଉଚ୍ଚବର୍ଗର ଭାରତୀୟଙ୍କ ମାଧ୍ୟମରେ ନିମ୍ନ ବର୍ଗକୁ ଚାପି ସେମାନଙ୍କର ଶାସନ ବିସ୍ତାର କଲେ , କାରଣ ସେତେବେଳେ ମଧ୍ୟଯୁଗୀୟ ଭାରତରେ ଅନ୍ଧ ବିଶ୍ୱାସ , କୁସଂସ୍କାର , ବାଲ୍ୟ ବିବାହ ଅଧିକ ମାତ୍ରାରେ ପ୍ରଚଳିତ ହୋଇଥିଲା। ସତୀ ପ୍ରଥା ଓ ବହୁବିବାହର କୁତ୍ସିତ ପ୍ରଥା ଯୋଗୁଁ, ସମସ୍ତ ସ୍ତରରେ ନାରୀଙ୍କ ଅସ୍ତିତ୍ୱ କେବଳ ଏକ ଖେଳଣାରେ ପରିଣତ ହୋଇଥିଲା।

ତଥାପି ସମୟର ଅବେଳରେ ସମଗ୍ର ଭାରତ ଓ ବାହ୍ୟ ବିଶ୍ୱକୁ ଆଧୁନିକତାର ଆଲୋକ ଦେଖାଇପାରିଥିବା ଶିକ୍ଷା କେବଳ ଏସବୁ ପରିବର୍ତ୍ତନ ନିମନ୍ତେ ମାର୍ଗ ଦର୍ଶାଇଥିଲା। ଯାହା ଫଳରେ ରାଜା ରାମମୋହନ ପରାଧୀନ ଭାରତରେ ସେହି ଆଧୁନିକତାର ଆଲୋକ ପ୍ରଜ୍ୱଳିତ କରିବା ଆରମ୍ଭ କରିଥିଲେ। ସେ ନିଜେ ପିଲାବେଳେ ନନ୍ଦକୁମାର ବିଦ୍ୟାଳୟରୁ ତାଙ୍କର ସଂସ୍କୃତ ଶିକ୍ଷା ସମାପ୍ତ କରିଥିଲେ। କିଶୋର ଅବସ୍ଥାରେ ଘର ଛାଡି ପାରସିକ ଓ ଆରବୀ ଭାଷା ଶିଖିବା ପାଇଁ ପାଟନା ଆସିଥିଲେ। ସେସମୟରେ ସେ ଆରବି ମାଧ୍ୟମରେ ଗ୍ରୀକ୍ ଜ୍ୟାମିତି ଓ ନୀତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେ କାଶୀ ଯାଇ ସଂସ୍କୃତ ଭାଷା ଓ ହିନ୍ଦୁ ଶାସ୍ତ୍ର ଅଧ୍ୟୟନ କରିଥିଲେ। ସେ ବେଦାନ୍ତ ଓ ଉପନିଷଦ ଶିକ୍ଷାରେ ନିବିଡ଼ ହୋଇଯାଇଥିଲେ। ଯେତେବେଳେ ସେ ବ୍ରାହ୍ମଣବାଦ ଓ ମୌଲବାଦର ମତବାଦ ବିରୁଦ୍ଧରେ କହିବା ଆରମ୍ଭ କଲେ ସେତେବେଳେ ଅନେକଙ୍କ ନିକଟରେ ଲୋକପ୍ରିୟ ହୋଇଗଲେ। କିନ୍ତୁ ଅନେକ ତାଙ୍କୁ ଭୁଲ୍ ବୁଝିଥିଲେ। ବିଶେଷ ଭାବରେ ସେ ଅନ୍ଧବିଶ୍ୱାସର ମତବାଦକୁ ଅନୁଭବ କଲେ ଓ ବୁଝିଥିଲେ ଯେ ସମଗ୍ର ଭାରତ ପାଇଁ ବାହ୍ୟ ଜଗତ ସହିତ ଯୋଗାଯୋଗର ଏକ ମାଧ୍ୟମ ରହିବା ଆବଶ୍ୟକ। ତେଣୁ ସେ ପ୍ରଥମେ ଏକ ଖବରକାଗଜର ସମ୍ପୂର୍ଣ୍ଣ ଆବଶ୍ୟକତା ଅନୁଭବ କଲେ ଓ ୧୮୦୩ ମସିହାରେ ସେ ତତ୍କାଳୀନ ପାରସୀ ଭାଷାରେ ଖବର କାଗଜ ପ୍ରକାଶ କରିଥିଲେ।

ସେ ସମାଜର ଅବହେଳିତ ଲୋକଙ୍କୁ ଚିତ୍ରଣ କରି ପ୍ରଥମ ଖବରକାଗଜ 'ତାହାଫତ-ଉଲ-ହୁୱାହିଦ୍ଦୀନ' ବା 'ଏକେଶ୍ୱରବାଦୀଙ୍କ ପାଇଁ ଉପହାର' ପ୍ରକାଶ କରିଥିଲେ। ତା'ପରେ ୧୮୨୧ ଡିସେମ୍ବର ୪ ରୁ ପ୍ରକାଶିତ ସାପ୍ତାହିକ 'ସମ୍ବାଦ କୌମୁଦୀ' ରାମମୋହନ ରାୟଙ୍କ ଦ୍ୱିତୀୟ ସମ୍ବାଦପତ୍ର ଥିଲା , ଯାହା ମାଧ୍ୟମରେ ସେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସେ ଗଣମାଧ୍ୟମକୁ ସମ୍ବାଦପତ୍ର ଜଗତରେ ପ୍ରବେଶ କରିଥିଲେ। ଯଦିଓ ଏହି ଖବରକାଗଜ ସେତେବେଳର ରୂଢ଼ିବାଦୀ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସଂସ୍କାର ସପକ୍ଷରେ ଲେଖିବାକୁ ସଂକୋଚ ବା କୁଣ୍ଠାବୋଧ କରୁଥିଲା। ତଥାପି ଜନମତ ଗଠନ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା। କିନ୍ତୁ ପ୍ରଚଳିତ ଧାର୍ମିକ ପ୍ରଥା, ବିଶେଷକରି ସତୀ ପ୍ରଥା ବିରୁଦ୍ଧରେ ଲେଖା ଯୋଗୁଁ 'ସମ୍ବାଦ କୌମୁଦୀ'ର ଲୋକପ୍ରିୟତା ଧୀରେ ଧୀରେ ହ୍ରାସ ପାଇଲା, ଏହାର ପ୍ରସାର ମଧ୍ୟ ହ୍ରାସ ପାଇଲା। ଅନ୍ଧ ବିଶ୍ୱାସ କୁସଂସ୍କାର ଭିତରେ ଗତି କରୁଥିବା ପୁରୁଣା କାଳିଆ ବ୍ୟକ୍ତି ମାନେ ସହଜରେ ରାଜା ରାମମୋହନଙ୍କ ଆଦର୍ଶ, ସଂସ୍କାର ପ୍ରତି ମୁହଁ ମୋଡ଼ି ଥିଲେ। ଫଳସ୍ୱରୂପ, ୧୮୩୪ ମସିହାରେ ପତ୍ରିକାଟି ବନ୍ଦ ହୋଇଗଲା।

ଏହା ପରେ ୧୮୨୨ ମସିହାରୁ ରାମମୋହନଙ୍କ ତୃତୀୟ ଖବରକାଗଜ, 'ମିରାତ-ଉଲ-ଆଖବର' କିମ୍ବା 'ସମୟର ଦର୍ପଣ', ପ୍ରତି ଶୁକ୍ରବାର ପ୍ରକାଶିତ ହେଉଥିଲା। ଯାହା ସମଗ୍ର ଭାରତରେ ସାଧାରଣ ଲୋକଙ୍କ ପ୍ରକୃତ ବାସ୍ତବ ଅବସ୍ଥାକୁ ଆଲୋକପାତ କରୁଥିଲା। ଯାହା ଦ୍ୱାରା ଶିକ୍ଷିତ ସମାଜ ଦେଶର ଲୋକଙ୍କୁ ବୁଝିବା, ସଚେତନ କରିବାପାଇଁ ଆଗକୁ ଆସିପାରିବେ , ଖବର କାଗଜରେ ଏଥିପ୍ରତି ଧ୍ୟାନ ଦିଆଯାଉଥିଲା। ଏସବୁ ସତ୍ତ୍ୱେ ରାଜା ଲରାମମୋହନ ରାୟଙ୍କ ଦ୍ୱାରା ପ୍ରକାଶିତ ଅନ୍ୟ ଦୁଇଟି ଖବରକାଗଜ ଥିଲା 'ଜନ-ଏ-ଜହାପନାମା' ଯାହା ଉର୍ଦ୍ଦୁ ଓ ପାରସିକ ଭାଷାରେ ପ୍ରକାଶିତ ହେଉଥିଲା। ସେସମୟରେ ଆଉ ମଧ୍ୟ 'ବେଙ୍ଗଲ୍ ହେରାଲ୍ଡ' ଯାହା ୪ଟି ଭାଷାରେ ପ୍ରକାଶିତ ହେଉଥିଲା। ୧୩ ବର୍ଷର ନିରନ୍ତର ପ୍ରକାଶନ ପରେ ଓ ବ୍ରିଟିଶ ସରକାରଙ୍କ ସମୟରେ ଏସବୁ ଜନ ସଂପର୍କରେ ବେଶ୍ ଆଦୃତ ଥିଲା। ଯଦିଓ ରାମମୋହନ ରାୟ ଖବରକାଗଜ ଉପରେ ସେନ୍ସରସିପ୍ ଲାଗୁ ହେବା ଯୋଗୁଁ , ସେ ପରେ ଗୋଟିଏ ସମୟରେ ଖବରକାଗଜ ବନ୍ଦ କରିଦେଇଥିଲେ। ସେ ଜୀବନସାରା ପ୍ରେସ୍ ସ୍ୱାଧୀନତା ପାଇଁ ସ୍ୱର ଉଠାଇଥିଲେ। ତାଙ୍କ ନେତୃତ୍ୱରେ ଗସେତେବେଳର ଭାରତୀୟ ଓ ୟୁରୋପୀୟ ସମ୍ପାଦକଙ୍କ ଚାପରେ ଲର୍ଡ ୱିଲିୟମ୍ ବେଣ୍ଟିଙ୍କ୍ ପ୍ରଚଳିତ ଖବରକାଗଜ ଆଇନକୁ ଶିଥିଳ କରିବାକୁ ବାଧ ହୋଇଥିଲେ। ୧୮୨୩ ମସିହାରେ ଗୃହୀତ ବଙ୍ଗ ପ୍ରସ୍ତାବ ପରେ, ଗଭର୍ଣ୍ଣର ଜେନେରାଲ ଜନ୍ ଆଡାମ ମଧ୍ୟ ସେହି ବର୍ଷ ମୁଦ୍ରଣ ପାଇଁ ଏକ ଲାଇସେନ୍ସ ବ୍ୟବସ୍ଥା ପ୍ରଚଳନ କରିଥିଲେ।

ତାଙ୍କର ବହୁମୁଖୀ ଶିକ୍ଷା ଖବରକାଗଜ ପ୍ରକାଶନ ପାଇଁ ତାଙ୍କ କାମକୁ ସହଜ କରିଥିଲା। ଏହା ମଧ୍ୟ ତାଙ୍କୁ ଅନେକ ବିଦ୍ୱାନଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିପାରିଥିଲା। ଫଳସ୍ୱରୂପ ସେ ସମୟରେ କିଛି ପ୍ରସିଦ୍ଧ ସ୍କୁଲ ଓ କଲେଜ ପ୍ରତିଷ୍ଠିତ ହୋଇଥିଲା। ସେ ନିଜେ ମାତୃଭାଷାକୁ ସରଳ ଓ ସହଜ ଭାବରେ ସମୃଦ୍ଧ କରିବା ପାଇଁ ବଙ୍ଗଳା ଗଦ୍ୟର ପ୍ରଚଳନ ଆରମ୍ଭ କରିଥିଲେ। ଖବର କାଗଜ ଯାହା ମୂଳତଃ ସତୀ ପ୍ରଥା ବିରୁଦ୍ଧରେ ଲଢ଼େଇରେ ତାଙ୍କର ମୁଖ୍ୟ ଅସ୍ତ୍ର ଥିଲା। ଏପରିକି ସେ ସହଜ ବ୍ୟାକରଣ ପ୍ରଚଳନ କରିଥିଲେ, ଯାହା ବଙ୍ଗଳା ଭାଷାର ମୂଳଦୁଆ ଗଠନ କରିଥିଲା। ତତ୍କାଳୀନ ପରାଧୀନ ଭାରତରେ, ସେ ଉପନିବେଶବାଦୀଙ୍କ ସାମାଜିକ ଓ ଜାତୀୟ ସ୍ୱାର୍ଥ ପାଇଁ ଯାହା ସକାରାତ୍ମକ, ଭଲ ଓ ଲାଭଦାୟକ ଥିଲା ତାହାକୁ ତାଙ୍କ ସର୍ବୋତ୍ତମ କ୍ଷମତାରେ ମନ୍ଥନ କରିଥିଲେ। ଏସବୁ ତାଙ୍କର କୃତିତ୍ୱକୁ କେବେ କେହି ଅସ୍ୱୀକାର କରିପାରିବ ନାହିଁ। ସେ ସମସ୍ତ ଭାରତୀୟଙ୍କୁ ଏକ ବୃହତ ସଂହତି ପୂର୍ଣ୍ଣ ଏକତାର ଭାରତୀୟ ଭାବେ ଅନୁଭବ କରିବାରେ ସାହାଯ୍ୟ କରିଥିଲେ। ଯାହା ଦ୍ୱାରା ଭାରତୀୟମାନେ ଧୀରେ ଧୀରେ ସ୍ୱାଧୀନତାର ସ୍ୱାଦ ପାଇଥିଲେ।

ତେଣୁ ନିଷ୍କର୍ଷ ରେ କେବଳ କହିହେବ , ଯଦି କେହି ଆଧୁନିକ ଭାରତକୁ ଜାଣିବାକୁ ଚାହାଁନ୍ତି, ତେବେ ତାଙ୍କୁ ପ୍ରଥମେ ରାଜା ରାମମୋହନ ରାୟଙ୍କୁ ଜାଣିବାକୁ ପଡିବ। ନଚେତ୍ ମଧ୍ୟଯୁଗୀୟ ଭାରତକୁ ବାହ୍ୟ ଜଗତ ସହିତ ପରିଚିତ କରାଇବା, ମାତୃଭାଷାକୁ ପ୍ରାଥମିକତା ଦେବା ଓ ଏହାକୁ ପାଶ୍ଚାତ୍ୟ ସହିତ ଏକତ୍ର କରିବା, ଏହାକୁ ମୁଣ୍ଡ ଉଠାଇବାର ସାହସ ଦେବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଅସମ୍ପୂର୍ଣ୍ଣ ଭାବରେ ବୁଝାଯିବ। ବିଶେଷ କରି କହିବାକୁ ଗଲେ ବଙ୍ଗଳା ମାଟିରେ ହିଁ ନବଜାଗରଣ ଆରମ୍ଭ ହୋଇଥିଲା। ରାମମୋହନ ଏକାକୀ ନିଜ କାନ୍ଧରେ ଏକ ଅଖଣ୍ଡ ଭାରତକୁ ଜାଗ୍ରତ କରିବାର କଷ୍ଟକର କାର୍ଯ୍ୟ ନେଇଥିଲେ।

କିନ୍ତୁ ପରିତାପର ବିଷୟ ଯେତେବେଳେ ଭାରତ ତିନି ଭାଗରେ ବିଭକ୍ତ ହୋଇଥିଲା। ଜାତୀୟ ସ୍ୱାର୍ଥ ପାଇଁ ତାଙ୍କର ଅବଦାନକୁ ଯୋଜନାବଦ୍ଧ ଭାବରେ ଭୁଲିଯାଇଥିଲା ଓ ଅନେକ ରାଜନେତା ରାଜନୈତିକ ଲାଭ ପାଇଁ ଦଙ୍ଗା ସୃଷ୍ଟି କରି ଭାରତର ଇତିହାସକୁ ବିକୃତ କରିଥିଲେ। ତେଣୁ ରାଜନେତାମାନେ ସମୟର ଧୂଳିରେ ମଳିନ ହୋଇଗଲେ ମଧ୍ୟ, ଆଜି 'ରାଜା'ଙ୍କ ପରି ରାଜା ରାମମୋହନ ରାୟ ସମଗ୍ର ଭାରତର ଇତିହାସରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ହୋଇ ରହିବେ ଏହା ନିଃସନ୍ଦେହ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**
**ମୋବାଇଲ୍: ୯୦୪୦୧୫୧୪୭୫**

# ମହାଦେବଙ୍କ ମହାତତ୍ତ୍ୱ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଓ ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - 'ଏହା ହେଉଛି ନୀହାରିକାର ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛି, ତୀବ୍ର ଗତିରେ ଭ୍ରମଣ କରୁଛି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛି। ଏହାଫଳରେ ସେଠାରେ ସର୍ବଦା ଓଁ - ଓଁ - ଶବ୍ଦ ଉଚ୍ଚାରିତ ହେଉଛି'। ବ୍ରହ୍ମାଣ୍ଡର ସୃଷ୍ଟିଧାରାର ଏକ ବିଶେଷ ପର୍ଯ୍ୟାୟରେ ଏହି ଓଁ ଧ୍ୱନି ଜାଗି ଉଠେ। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ (ଶୟନ) ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ।



ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ।

ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ତନ୍ତ୍ରଶାସ୍ତ୍ରରେ ଅଛି 'ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ରୁଷ୍ଟ ହେଲେ ଶିବ ରାଖିବାରେ ନାରେ'। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

**ପ୍ରତିଋତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍: ୯୪୩୭୦୫୧୯୫୭**

# ଆଧ୍ୟାତ୍ମିକ ବିବର୍ତ୍ତନରେ ଚୈତନ୍ୟର ମାପକାଠି

ଡକ୍ଟର ସୁରେଶ କୁମାର ନାୟକ



ମାନବ ଜୀବନର ଚାରିଟି ଧ୍ୟେୟ ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତି। ମାନବ ଶରୀର ଭିନ୍ନ ଅନ୍ୟ କୌଣସି ସାଧନରେ ସମ୍ଭବ ନୁହେଁ। ଯେଉଁ ବ୍ୟକ୍ତି ଏହାକୁ ଅଧ୍ୟୟନ କରି ଏହାକୁ ପ୍ରାପ୍ତ କରିବାର ଉପାୟ ଜାଣିବାକୁ ପ୍ରୟାସ କରେ ସେ ନାରାୟଣ ପଦ ପ୍ରାପ୍ତ କରେ। ଯେ ପର୍ଯ୍ୟନ୍ତ ଏହି ଶରୀର ପତନ ହୋଇନାହିଁ ସେ ପର୍ଯ୍ୟନ୍ତ ଆତ୍ମଜ୍ଞାନ ପ୍ରାପ୍ତ କରିବାର ଦୃଢ଼ ଓ ନିରନ୍ତର ପ୍ରୟାସ କରିବା ଉଚିତ। ଏହି ନର ଜନ୍ମର ଗୋଟିଏ ମୁହୂର୍ତ୍ତ ମଧ୍ୟ ବୃଥାରେ ବ୍ୟୟିତ କରିବା ଅନୁଚିତ। ସମୁଦ୍ରର ତୀବ୍ର ଲୁଣିଆ ପାଣି ମିଠା ପାଣିରେ ପରିଣତ ହେବା ପାଇଁ ମେଘରେ ପରିବର୍ତ୍ତିତ ହୁଏ। ଠିକ ସେହିପରି ଗୁରୁଙ୍କ ଶରଣରେ ଯିବା ଦ୍ୱାରା ପରମାନନ୍ଦ ଅନୁଭୂତି ହୁଏ। ଗୁରୁଙ୍କ ବ୍ୟତୀତ ଏ ମାନବ ଶରୀରରେ କିପରି ମୋକ୍ଷ ପ୍ରାପ୍ତି କରାଯାଏ ସେ କଥା ଆଉ କେହି ଜାଣନ୍ତି ନାହିଁ। ଯେତେବେଳେ ଗୁରୁ ତାଙ୍କର ହାତରେ ବାଟ କଢ଼ାଇ ନିଅନ୍ତି ସେତେବେଳେ ଜଡ଼ ଓ ଅଜ୍ଞାନୀ ବ୍ୟକ୍ତିର ମଧ୍ୟ ଉଦ୍ଧାର ହୋଇଯାଏ।

ଆମ ମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନାର ବିଭିନ୍ନ ପ୍ରସଙ୍ଗ ଉଠିଲା ବେଳେ ଶୁଦ୍ଧ ଚୈତନ୍ୟ ଓ ପୂର୍ଣ୍ଣ ପରଂବ୍ରହ୍ମ ସମ୍ପର୍କରେ ଅନେକ ଉତ୍ସୁକତା ସୃଷ୍ଟି ହୁଏ। ପୃଥିବୀରେ ଚୈତନ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ରହିଛି। ତେବେ ଆଧ୍ୟାତ୍ମିକ ବିବର୍ତ୍ତନରେ ଚୈତନ୍ୟର ମାପକାଠିରେ ତିନି ସ୍ତରର ଲୋକ ଅଛନ୍ତି। 'ପରମାର୍ଥ' ଭାବ ପର୍ଯ୍ୟାୟ ହେଉଛି ପ୍ରଥମ ସ୍ତର। ସର୍ବଦା କୌଣସି ବ୍ୟତିକ୍ରମ ନରଖି ସତ୍ୟକୁ ସତ୍ୟ ଭାବେ ହିଁ ଗ୍ରହଣ କରିଥିବା ଋଷିମାନେ ହେଉଛନ୍ତି ପରମାର୍ଥ ପର୍ଯ୍ୟାୟର। ଆମ ମାନଙ୍କ ଗହଣରେ ଯେଉଁମାନଙ୍କୁ ଉତ୍ତମ ପୁରୁଷ, ଆଧ୍ୟାତ୍ମିକ ଜଗତର ଗୁରୁଦେବଙ୍କ ବାଣୀକୁ ଅକ୍ଷରେ ଅକ୍ଷରେ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଦେଖୁ ସେମାନେ ହେଉଛନ୍ତି ଏହି ଉତ୍ତମ ପୁରୁଷ। ସେମାନଙ୍କ ଜୀବନଟି ହେଉଛି ଶାସ୍ତ୍ର ଓ ଆଧ୍ୟାତ୍ମିକ ଦିଗଦର୍ଶନକୁ ଗ୍ରହଣ କରି ଜୀବନ ନିର୍ବାହ କରିବା। ଏମାନେ ନିତିନିଷ୍ଠ ଓ ଭଲ ମନ୍ଦର ପ୍ରଭେଦ ଯଥାର୍ଥ ବୁଝନ୍ତି। ତେବେ ତୃତୀୟ ଶ୍ରେଣୀର ବ୍ୟକ୍ତି ହେଉଛନ୍ତି ଟିକିଏ ବ୍ୟତିକ୍ରମ ପର୍ଯ୍ୟାୟର। ଏମାନଙ୍କୁ 'ଅଜ୍ଞ', 'ମୂଢ଼' କହିଲେ ଅତ୍ୟୁକ୍ତି ହେବନାହିଁ। ଏମାନେ ଭଲ ମନ୍ଦ କିଛି ବୁଝନ୍ତି ନାହିଁ କିମ୍ବା ସତ୍ୟକୁ ଗ୍ରହଣ କରନ୍ତି ନାହିଁ। କହିବାକୁଗଲେ ନିଜକୁ ସୁହାଇଲା ପରି ଧର୍ମ ହିଁ ଆଚରନ୍ତି। ତେବେ ଗୁରୁଦେବଙ୍କ ଦର୍ଶନରେ ଏହି ତିନି ପର୍ଯ୍ୟାୟର ଲୋକମାନଙ୍କ ମଧ୍ୟରେ ଏକ ବ୍ରହ୍ମ ରହିଛନ୍ତି। ଗୁରୁଙ୍କର ଆବଶ୍ୟକତା ଆମ ଜୀବନରେ ଅତୀବ ମୂଲ୍ୟବାନ। ସେ ବ୍ରହ୍ମସ୍ୱରୂପ ଓ ପରମ ଆଦର୍ଶର ସ୍ୱରୂପ। ସେ ବ୍ରହ୍ମ ବା ପରମେଶ୍ୱରଙ୍କ ଠାରୁ ଅଭିନ୍ନ। ଗୁରୁ ହେଉଛନ୍ତି ମୁଖ୍ୟ ଦ୍ୱାର। ଆମେ ପ୍ରତିଦିନ ସୂର୍ଯ୍ୟଦେବଙ୍କ ଉଦୟ ଓ ଅସ୍ତ ଦେଖୁଛୁ। ଗୁରୁଦେବ ଆମ ମାନଙ୍କ ଭିତରେ ଅଜ୍ଞତାକୁ ନାଶ କରିଦିଅନ୍ତି। ଠିକ ଯେପରି ସୂର୍ଯ୍ୟ ଦେବ ଅନ୍ଧକାରକୁ। କିନ୍ତୁ ଗୁରୁଦେବଙ୍କ ସହିତ ସୂର୍ଯ୍ୟଙ୍କ ତୁଳନା କରାଯାଇପାରିବ ନାହିଁ କାରଣ ସୂର୍ଯ୍ୟ ଅସ୍ତ ହେବା ପରେ ଅନ୍ଧକାର ଘୋଟି ଆସିଥାଏ। ମାତ୍ର ଗୁରୁକୃପା ବଳରେ ନଷ୍ଟ ହୋଇଥିବା ଅଜ୍ଞାନତା ପୁଣି କେବେ ଜାତ ହୁଏ ନାହିଁ। ଏହି ଅନୁଚିନ୍ତନ ବେଳେ ଶ୍ରୀମଦ ଭାଗବତ ଗୀତାର ଚତୁର୍ଥ ଅଧ୍ୟାୟର ୩୪ତମ ଶ୍ଳୋକଟିକୁ ଉଦ୍ଧୃତ କରୁଛୁ। ସଖା ଅର୍ଜ୍ଜୁନଙ୍କୁ ପ୍ରଭୁ କୃଷ୍ଣ କହିଛନ୍ତି - 'ଯେ ଗୁରୁ ଯେଉଁ ଜ୍ଞାନ ଦେବେ ତାହା ଅଜ୍ଞତାକୁ ଏପରି ଭାବେ ଧ୍ୱଂସ କରେ ଯେ ଆଉ ତାର ଉଦ୍ରେକ ହୁଏନାହିଁ' ସଦଗୁରୁଙ୍କ ପରି ଶିଷ୍ୟ ମଧ୍ୟ ଜ୍ଞାନର ପ୍ରତୀକ। ଉଚ ଉପଲବ୍ଧି, ପରାକାଷ୍ଠା, ମନୋଭାବ ଓ ଐଶ୍ୱର୍ଯ୍ୟ ଯୋଗକୁ କେନ୍ଦ୍ର କରି ଉଭୟଙ୍କ ଭିତରେ ଯାହା ପାର୍ଥକ୍ୟ ରହିଥାଏ। ଆମ୍ଭେମାନେ ଈଶ୍ୱର ଜୀବ, ଜଗତ, ଶରୀର ସର୍ବୋପରି ଗୁରୁଦେବ କିପରି ପରସ୍ପର ସହ ଜଡ଼ିତ ଏହା ହିଁ ଆମର ଜୀବନ ଅଧ୍ୟୟନ ହେବା ଉଚିତ।



ଆମ ମାନଙ୍କର ଆଧ୍ୟାତ୍ମିକତାର ପ୍ରତିଫଳନ ପବିତ୍ର ଆତ୍ମାରୁ ଉପଲବ୍ଧ ହୋଇଥାଏ। ଭଗବତ ଗୀତାର, ଜ୍ଞାନ, କର୍ମ ଓ ଭକ୍ତି ଯୋଗର ଅପୂର୍ବ ମିଳନ ଗୁରୁଦେବଙ୍କ ବାଣୀରେ ଦେଖିବାକୁ ପାଉଛୁ। ଈଶ୍ୱରଙ୍କ ପ୍ରକୃତିର ଅଷ୍ଟଗୁଣ ଯାହା ପୃଥିବୀ, ଅଗ୍ନୀ, ପବନ, ଜଳ, ମହାକାଶ, ମନ, ବିଦ୍ୟା ଓ ଅହଂକାର। ଏସବୁ ଈଶ୍ୱରଙ୍କ ସୃଷ୍ଟିର ସର୍ବୋଚ୍ଚ ଓ ଅତିବ ଆନନ୍ଦମୟ ବୈଶିଷ୍ଟ୍ୟ। ଈଶ୍ୱରଙ୍କ ଅପରା ପ୍ରକୃତିର ସ୍ପଷ୍ଟ ପ୍ରଦର୍ଶନ ହେଉଛି ଏହି ଅଷ୍ଟଗୁଣ। ଆମେ ମାନେ ଗୀତାର ସପ୍ତମ ଅଧ୍ୟାୟରେ ପୂଜା ଓ ଭକ୍ତିକୁ ପ୍ରସଙ୍ଗ କରି ଭକ୍ତମାନଙ୍କ ଶ୍ରେଣୀଭୁକ୍ତ କରାଯାଇଥିବା ଦେଖିଛୁ। 'ଅର୍ଥ ଅର୍ଥୀ ପର୍ଯ୍ୟାୟର ଭକ୍ତ ହେଉଛନ୍ତି ନିଜର ମୌଳିକ ଇଚ୍ଛା ପୂରଣ ନିମନ୍ତେ ପୂଜା କରିବା'। ଦ୍ୱିତୀୟ ପର୍ଯ୍ୟାୟର ହେଉଛନ୍ତି ଯେଉଁମାନେ ଯନ୍ତ୍ରଣା, କାତର ଓ ଅନଟନ ଦୁଃଖରୁ ରକ୍ଷା ପାଇବା ନିମିତ୍ତ ନିଜ ଇଷ୍ଟ ବା ଗୁରୁଙ୍କ ପୂଜା କରନ୍ତି। ତେବେ ସତ୍ୟ, ବ୍ରହ୍ମ ଓ ଶାନ୍ତି ତଥା ପଞ୍ଚମାନବୀୟ ମୂଲ୍ୟବୋଧ ପାଇବା ନିମିତ୍ତ ଯେଉଁମାନେ ଈଶ୍ୱର ଆରାଧନା କରନ୍ତି ବା ଗୁରୁଦେବଙ୍କ ଶରଣାପନ୍ନ ହୁଅନ୍ତି ସେମାନେ ହେଉଛନ୍ତି 'ଜିଜ୍ଞାସୁ'। ନିଜ ଗୁରୁଦେବଙ୍କ ଆଜ୍ଞାବହ ହୋଇ ଆଜ୍ଞାନୁବର୍ତ୍ତିତା ଓ ସଦଗୁଣର ବିକାଶ କରି ନିଃସ୍ୱାର୍ଥପର ଭାବେ ଯେ ସତ୍ୟଜ୍ଞାନର ପ୍ରୟୋଗ ନିଜ ନିତିଦିନିଆ ଆଚରଣ ଓ ଉଚ୍ଚାରଣରେ ନିର୍ବାହ କରନ୍ତି ସେମାନେ ହେଉଛନ୍ତି 'ଜ୍ଞାନୀଭକ୍ତ'। ପ୍ରକୃତ ଶିଷ୍ୟତ୍ୱ ଜ୍ଞାନନେତ୍ର ଖୋଲି ଦିଏ। ଅନ୍ତରରେ ଆଧ୍ୟାତ୍ମିକ ଅଗ୍ନି ପ୍ରଜ୍ଜ୍ୱଳିତ କରିଦିଏ। ସୁପ୍ତ ଜ୍ଞାନଶକ୍ତିକୁ ଜାଗୃତ କରିଦିଏ। ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଏକତ୍ୱ ସ୍ଥାପିତ ହୋଇଥାଏ।

ଆପଣ ମ୍ୟୁଜିୟମରେ, ଅନେକଙ୍କ ଘରେ, ରାସ୍ତାକଡ଼ରେ ଦୃଷ୍ଟି ଆକର୍ଷଣକାରୀ ଭବ୍ୟ ମନଲୋଭା ପଥର ଖୋଦିତ ଅତିବ ସୁନ୍ଦର ମୂର୍ତ୍ତି ଦେଖିଥିବେ। ସେ କୌଣସି ଦେବାଦେବୀଙ୍କ ମୂର୍ତ୍ତି ହେଉ ବା କାହାଙ୍କ ପ୍ରତିମୂର୍ତ୍ତି। ତେବେ ଏହା ପଛରେ ଦୁଇଟି ପ୍ରମୁଖ ବସ୍ତୁ ରହିଥାଏ। ପ୍ରଥମ ହେଉଛି ସୁଦୃଢ଼ ସୁନ୍ଦର ଓ ନିଖୁଣ ପଥର ଓ ଦ୍ୱିତୀୟଟି ଜଣେ କଳା କୁଶଳୀ ସୁଦକ୍ଷ ବିନ୍ଧାଣୀ କାରିଗର। କାରିଗରଟି ଯେପରି ନିଜ ଇଚ୍ଛା ମୁତାବକ, ଭାବ ମୁତାବକ ସେହି ସୁଦୃଢ଼ ପଥରଟିକୁ ନିଜ ନିହଣରେ ଚମତ୍କାର ମୂର୍ତ୍ତି କରିବା ପାଇଁ ଆପ୍ରାଣ ପ୍ରତି ମୁହୂର୍ତ୍ତ ବ୍ୟୟିତ କରିଥାଏ ଠିକ ଗୁରୁଦେବ ନିର୍ମଳ, ନିଷ୍କପଟ, ଏକାଗ୍ର ଭାବେ ତାଙ୍କ କୁଶଳ ହସ୍ତରେ ଆଶ୍ରିତ ଜନଙ୍କୁ ଏକ ଦେବପୂର୍ଣ୍ଣ ଈଶ୍ୱର ସତ୍ତା ପ୍ରତିମାରେ ପରିଣତ କରିବ ପାଇଁ ସତତ୍ ଚେଷ୍ଟିତ ଥାଆନ୍ତି। ଗୁରୁଦେବ ଅନନ୍ତ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ। ଆମ୍ଭ ମାନଙ୍କୁ ପ୍ରତିଟି ମୁହୂର୍ତ୍ତରେ ରକ୍ଷା କରିବା ସହ ଆଧ୍ୟାତ୍ମିକ ବିବର୍ତ୍ତନ ପଥରେ ଆଗେଇ ନିଅନ୍ତୁ ଏହା ମୋର ବିନମ୍ର ପ୍ରାର୍ଥନା।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୫୯୨**

# ବ୍ରିଟେନ ଓ ମାଳଦ୍ୱୀପ ଗସ୍ତରେ ଯିବେ ମୋଦି



**ନୂଆଦିଲ୍ଲୀ, ୨୦।୭:** ପ୍ରଧାନମନ୍ତ୍ରୀ ମୋଦୀ ୨୩-୨୬ ଜୁଲାଇ ମଧ୍ୟରେ ବ୍ରିଟେନ ଏବଂ ମାଳଦ୍ୱୀପ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ୨୩ ଜୁଲାଇରେ ୟୁକେ ପହଞ୍ଚିବେ ଏବଂ ଲଣ୍ଡନରେ ଅନେକ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ୨୪ ଜୁଲାଇରେ ୟୁକେ ପ୍ରଧାନମନ୍ତ୍ରୀ ସାର୍ କୀଏର ଷ୍ଟାର୍ମରଙ୍କୁ ଭେଟିବେ। ସୂତ୍ର ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ସମୟରେ ଭାରତ ଏବଂ ୟୁକେ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ମଧ୍ୟ ଘୋଷଣା ହୋଇପାରେ। ଭାରତ ଏବଂ ୟୁକେ ଉଭୟ ପାଇଁ ଏଫ୍‌ଟିଏକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚତୁର୍ଥ ବ୍ରିଟେନ ଗସ୍ତ ହେବ। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଭାରତ-ୟୁକେ ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର ଦିଗ ଉପରେ ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କ ସହ ବ୍ୟାପକ ଆଲୋଚନା କରିବେ। ଦୁଇ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱର ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ। ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ୟୁକେର ରାଜା ଚାର୍ଲସ୍ ତୃତୀୟଙ୍କୁ ମଧ୍ୟ ସାକ୍ଷାତ କରିପାରନ୍ତି। ଏହି ଗସ୍ତ ସମୟରେ, ଉଭୟ ପକ୍ଷ ବାଣିଜ୍ୟ ଏବଂ ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ, ପ୍ରତିରକ୍ଷା ଏବଂ ସୁରକ୍ଷା, ଜଳବାୟୁ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକ ସମ୍ପର୍କ ଉପରେ ବିଶେଷ ଧ୍ୟାନ ଦେଇ ବ୍ୟାପକ ରଣନୈତିକ ସହଭାଗୀତା (ସିଏସ୍‌ପି)ର ଅଗ୍ରଗତି ସମୀକ୍ଷା କରିବେ।

ସେହିପରି ତାଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମୋଦୀ ୨୫-୨୬ ଜୁଲାଇରେ ମାଳଦ୍ୱୀପ ଗସ୍ତରେ ଯିବେ। ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ମାଳଦ୍ୱୀପ ଗସ୍ତ କରିବେ। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କର ତୃତୀୟ ମାଳଦ୍ୱୀପ ଗସ୍ତ ଏବଂ ମହମ୍ମଦ ମୁଇଜୁଙ୍କ ରାଷ୍ଟ୍ରପତିତ୍ୱ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଥମ ମାଳଦ୍ୱୀପ ଗସ୍ତ ହେବ।

ମାଳଦ୍ୱୀପରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଧୀନତାର ୬୦ତମ ବାର୍ଷିକୀ ପାଳନରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ। ଏହି ଗସ୍ତ ଭାରତ ତା'ର ସାମୁଦ୍ରିକ ପଡ଼ୋଶୀ ମାଳଦ୍ୱୀପକୁ କେତେ ଗୁରୁତ୍ୱ ଦେଉଛି ତାହା ପ୍ରତିଫଳିତ କରିବ। ଏହି ଗସ୍ତ ଉଭୟ ପକ୍ଷକୁ ସେମାନଙ୍କର ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ଏବଂ ସୁଦୃଢ଼ କରିବାର ସୁଯୋଗ ପ୍ରଦାନ କରିବ।

# ଇସ୍କନ ଭିତରେ ଖାଇଲେ ଚିକେନ୍



**ଲଣ୍ଡନ,୨୦।୭:** ଲଣ୍ଡନର ଇସ୍କନ ପରିଚାଳିତ ଗୋବିନ୍ଦା ରେସ୍ତୋରାଁ, ଯାହା ଏକ ଶାଖାହାରୀ ପ୍ରତିଷ୍ଠାନ ଭାବେ ପରିଚିତ, ସେଠାରେ ଜଣେ ଯୁବକଙ୍କ ଦ୍ୱାରା କେଏଫ୍‌ସି ଚିକେନ ଖାଇବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇ ବିଶ୍ୱବ୍ୟାପୀ ତୀବ୍ର ବିବାଦ ସୃଷ୍ଟି କରିଛି। ଭାଇରାଲ ହୋଇଥିବା ଏକ ଭିଡିଓରେ ଦେଖାଯାଇଛି ଯେ, ଜଣେ ଆଫ୍ରିକୀୟ-ବ୍ରିଟିଶ ବ୍ୟକ୍ତି ଗୋବିନ୍ଦା ରେସ୍ତୋରାଁରେ ପ୍ରବେଶ କରି କର୍ମଚାରୀଙ୍କୁ ମାଂସ ଖାଦ୍ୟ ମିଳୁଛି କି ନାହିଁ ବୋଲି ପଚାରିଛନ୍ତି। କର୍ମଚାରୀ ଜଣେ ଜଣାଇଛନ୍ତି ଯେ, ଏଠାରେ ମାଂସ, ପିଆଜ କିମ୍ବା ରସୁଣ ମିଳେ ନାହିଁ। ଏହା ପରେ, ସେ ଏକ କେଏଫ୍‌ସି ଚିକେନ ବକ୍ସ ବାହାର କରି ରେସ୍ତୋରାଁ ଭିତରେ ଖାଇବା ଆରମ୍ଭ କରିଥିଲେ ଏବଂ ଅନ୍ୟ ଗ୍ରାହକ ଓ କର୍ମଚାରୀଙ୍କୁ ମାଂସ ଖାଇବାକୁ ଅଫର କରିଥିଲେ। ଭିଡିଓରେ ଜଣେ ଗ୍ରାହକ ତାଙ୍କୁ ବାଧା ଦେଇ କହିଛନ୍ତି, "ଆପଣ ଏହି ସ୍ଥାନର ନିୟମ ଉଲ୍ଲଙ୍ଘନ କରୁଛନ୍ତି, ଏହା ଉଚିତ ନୁହେଁ।" ତଥାପି, ସେ ତାଙ୍କର ଅସୌଜନ୍ୟମୂଳକ ବ୍ୟବହାର ଜାରି ରଖିଥିଲେ। ପରେ ସୁରକ୍ଷା କର୍ମୀଙ୍କୁ ଡକାଯାଇ ତାଙ୍କୁ ରେସ୍ତୋରାଁରୁ ବାହାର କରାଯାଇଥିଲା। ଏହି ଘଟଣା ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଅନେକେ ଏହାକୁ ଜାତିଗତ ବା ଧାର୍ମିକ ଅସହିଷ୍ଣୁତା ସହ ଜଡ଼ିତ ବୋଲି ପ୍ରଶ୍ନ ଉଠାଇଛନ୍ତି। ଜଣେ ବ୍ୟବହାରକାରୀ ଏକ୍ସରେ ଲେଖିଛନ୍ତି, "ସ୍ଥାନୀୟ ପୋଲିସ ଷ୍ଟେସନରେ ଅଭିଯୋଗ ଦାୟର ହେବା ଉଚିତ। ଏହା ହିନ୍ଦୁମାନଙ୍କ ପ୍ରତି ସ୍ପଷ୍ଟ ବିଦ୍ୱେଷ। ହିନ୍ଦୁମାନେ ପ୍ରତିଶୋଧ ନେବେ ନାହିଁ ବୋଲି ଜାଣି ସେ ଏପରି କରିବାକୁ ସାହସ କରିଛନ୍ତି।" ଅନ୍ୟ ଜଣେ ବ୍ୟବହାରକାରୀ ଲେଖିଛନ୍ତି, "ଯେକୌଣସି ରେସ୍ତୋରାଁରେ ବାହାରୁ ଖାଦ୍ୟ ଆଣିବା ନିଷିଦ୍ଧ। ଇସ୍କନରେ ମାଂସ ଆଣିବା କେବଳ ଅସମ୍ମାନ ନୁହେଁ, ଏହା ଆମର ମୂଲ୍ୟବୋଧ ଉପରେ ଆକ୍ରମଣ। ଏହାର ପବିତ୍ରତା ରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।" ଏହି ଭିଡିଓର ସତ୍ୟତା, ସ୍ଥାନ କିମ୍ବା ତାରିଖ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିନାହିଁ। ଲଣ୍ଡନର ଇସ୍କନ ଶାଖା ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଆନୁଷ୍ଠାନିକ ବିବୃତି ଜାରି କରିନାହିଁ।

# କାଉଡ଼ିଆଙ୍କୁ ଧକ୍କା ଦେଲା ଆମ୍ବୁଲାନ୍ସ : ୨ ମୃତ

**ନୂଆଦିଲ୍ଲୀ, ୨୦।୭:** ୟୁପିର ଗାଜିୟାବାଦରୁ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଦ୍ରୁତଗାମୀ ଆମ୍ବୁଲାନ୍ସ କାଉଡିଆଙ୍କୁ ଚାପି ଦେଇଛି। ସେଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଗମ୍ଭୀର ଭାବରେ ଆହତ ହୋଇଛନ୍ତି। ଯେଉଁ ହସ୍ପିଟାଲର ଆମ୍ବୁଲାନ୍ସ ଦୁର୍ଘଟଣା ଘଟାଇଛି ତାହା ମୋଦିନଗରର ବିଜେପି ବିଧାୟକ ମଞ୍ଜୁ ସିୱାଚଙ୍କ ସ୍ୱାମୀଙ୍କର ବୋଲି ସୂଚନା ମିଳିଛି।

ସୂଚନାନୁଯାୟୀ, ଦିଲ୍ଲୀ-ମରାଠୀ ନିକଟସ୍ଥ କାଦରାବାଦରେ ଦୁର୍ଘଟଣା ଘଟିଥିଲା। ପାଣି ଆଣିବାକୁ ୫ ଜଣ ହରିଦ୍ୱାର ଯାଉଥିବା ସମୟରେ ଏପରି ଅଘଟଣ ଘଟିଥିଲା। ସ୍କୁଟି ଏବଂ ବାଇକରେ ଯାଉଥିବା ୨ ଜଣ କାଉଡିଆଙ୍କୁ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥି ସମେତ ଆମ୍ବୁଲାନ୍ସ ଧକ୍କାରେ ଅନ୍ୟ ୩ଜଣ ମଧ୍ୟ ଆହତ ହୋଇଥିଲେ। ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ଚିକିତ୍ସା ପାଇଁ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ।

ଅନ୍ୟପଟେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହା ସହିତ ଆମ୍ବୁଲାନ୍ସକୁ ମଧ୍ୟ ନିଜ ହେପାଜତକୁ ନେଇଥିଲା। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସଟି ଜୀବନ ହସ୍ପିଟାଲର ମୋଦିନଗରର ବିଜେପି ବିଧାୟକ ଡକ୍ଟର ମଞ୍ଜୁ ସିୱାଚଙ୍କ ସ୍ୱାମୀ ଦେବେନ୍ଦ୍ର ସିୱାଚଙ୍କର ବୋଲି ଜଣାପଡିଛି। ଏସିପି ମୋଦିନଗର ଜ୍ଞାନ ପ୍ରକାଶ ରାୟ ଏବଂ ପୋଲିସ ଷ୍ଟେସନ ଇନଚାର୍ଜ ମୋଦିନଗର ନରେଶ ଶର୍ମା ପୋଲିସ ଫୋର୍ସ ସହିତ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।




# ଝଡ଼ ତୋଫାନରେ ବୁଡିଗଲା ବୋଟ୍: ୩୪ ମୃତ, ୮ ନିଖୋଜ

**ନୂଆଦିଲ୍ଲୀ, ୨୦।୭:** ଭିଏତନାମରେ ଭୟଙ୍କର ବୋଟ୍ ଟ୍ରାଜେଡି। ଝଡ଼ ତୋଫାନରେ ବୁଡ଼ିଗଲା ପର୍ଯ୍ୟଟକ ବୋଟ୍। ୩୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ନିଖୋଜ ଅଛନ୍ତି। ଭିଏତନାମର ୱାଣ୍ଡର ସି' ହା ଲଙ୍ଗ ବେ' ରେ ଦୁର୍ଘଟଣା ଘଟିଛି। ଏକ ପର୍ଯ୍ୟଟକ ନୌକା ଅଚାନକ ଝଡ଼ତୋଫାନ ସମୟରେ



ଓଲଟି ପଡ଼ିବାରୁ ଅତି କମରେ ୩୪ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପଟେ ଅନେକେ ନିଖୋଜ ରହିଛନ୍ତି। ମୃତକଙ୍କ ଭିତରେ ୮ ଜଣ ଶିଶୁ ଅଛନ୍ତି। ନୌକାରେ ୫୦ରୁ ଅଧିକ ଯାତ୍ରୀ ଥିଲେ। ଅଧିକାଂଶ ଯାତ୍ରୀଙ୍କ ଭିଏତନାମର ବାସିନ୍ଦା ଥିଲେ। ୟୁନେସ୍କୋ ପର୍ଯ୍ୟଟନ ସ୍ଥଳି ଭ୍ରମଣରେ ଥିଲା ନୌକା। ଭିଏତନାମର ଜନପ୍ରିୟ ପର୍ଯ୍ୟଟନ ସ୍ଥଳୀ ହା ଲଙ୍ଗ ବେ'ରେ ଶନିବାର ଅପରାହ୍ଣରେ ଅଚାନକ ଝଡ଼ତୋଫାନ ସହ ପ୍ରବଳ ବର୍ଷା ମାଡ଼ି ଆସିଥିଲା। ଫଳରେ ବୋଟଟି ଓଲଟିପଡ଼ିବାରୁ ଅଘଟଣ ଘଟିଥିଲା। ସେହି ଅଘଟଣରେ ୮ ଜଣ ନିଖୋଜ ଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାର୍ଯ୍ୟ ଜାରି ରହିଛି।

## ଇୟୁର ନୂଆ ପ୍ରତିବନ୍ଧକକୁ ନେଇ ମୁହଁ ଖୋଲିଲା ଭାରତ

# ଗ୍ରହଣୀୟ ନୁହେଁ ଏକପାଖିଆ ସାଙ୍କସନ



**ନୂଆଦିଲ୍ଲୀ, ୨୦।୭:** ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ଋଷିଆ ବିରୋଧରେ ଲାଗୁ କରାଯାଇଥିବା ନୂଆ ପ୍ରତିବନ୍ଧକ ଓ ସେକେଣ୍ଡାରୀ ସାଙ୍କସନ ଧମକ ଉପରେ ଭାରତ କଠୋର ଆଭିମୁଖ୍ୟ ପୋଷଣ କରିଛି। ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ସ୍ପଷ୍ଟ ରୂପେ କହିଛନ୍ତି ଯେ ଭାରତ କୌଣସି ୟୁନିଲେଟରାଲ ସାଙ୍କସନ ଅର୍ଥାତ ଏକପାଖିଆ ପ୍ରତିବନ୍ଧକକୁ ସ୍ୱୀକାର କରେନା ଓ ଦେଶର ଉର୍ଜା ସୁରକ୍ଷାକୁ ସବୁଠୁ ଉଚ୍ଚ ପ୍ରାଥମିକତା ଦେଇଥାଏ।

ବିଦେଶ ମନ୍ତ୍ରାଳୟ କହିଛନ୍ତି ଯେ ୟୁରୋପୀୟ ସଂଘ ଦ୍ୱାରା ଘୋଷିତ ପ୍ରତିବନ୍ଧକକୁ ଆମେ ନୋଟ୍ କରିଛୁ। ତେବେ ଭାରତ କୌଣସି ପ୍ରକାର ଏକପାଖିଆ ନିଷ୍ପତ୍ତିକୁ ସ୍ୱୀକାର କରିବନି ବୋଲି ସେ ସଫାସଫା କହିଛନ୍ତି। ମୁଖପାତ୍ର କହିଛନ୍ତି ଯେ ଆମେ ଏକ ଦାୟିତ୍ୱସମ୍ପନ୍ନ ଦେଶ ଓ ଆମେ ଆମର ଆଇନଗତ ଦାୟିତ୍ୱ ପ୍ରତି ପୂର୍ଣ୍ଣ ରୂପେ ସଂକଳ୍ପବଦ୍ଧ। ଭାରତ ସରକାର ଉର୍ଜା ସୁରକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି, ଯାହା ଦ୍ୱାରା ଆମେ ଆମର ନାଗରିକଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବୁ। ଏହା ଛଡା ଆମେ ଏହା ବି କହିବାକୁ ଚାହିଁବୁ ଯେ ଉର୍ଜା ବ୍ୟାପାର ମାମଲାରେ ଦୋହରା ମାନଦଣ୍ଡ ଗ୍ରହଣୀୟ ନୁହେଁ।

ୟୁରୋପୀୟ ସଂଘ ୧୬ ଜୁଲାଇ ୨୦୨୫ରେ ଋଷିଆ ବିରୋଧରେ ପଞ୍ଚଦଶତମ(୧୫)ପ୍ରତିବନ୍ଧକ ଘୋଷଣା କରିଛି। ଏଥିରେ ପ୍ରଥମ ଥର ଏପରି ପ୍ରାବଧାନ ରଖାଯାଇଛି ଯେ ଋଷିଆ ସହିତ ଉର୍ଜା ବ୍ୟବସାୟ କରୁଥିବା ଅନ୍ୟ ଦେଶଙ୍କ ଉପରେ ମଧ୍ୟ ସେକେଣ୍ଡାରୀ ସାଙ୍କସନର ଚେତାବନୀ ଜାରି ହୋଇଛି। ଏହାର ସିଧା ପ୍ରଭାବ ଏବେ ଭାରତ, ଚୀନ ସମେତ କିଛି ଅନ୍ୟ ଦେଶଙ୍କ ଉପରେ ପଡିପାରେ। ଭାରତ ଋଷିଆରୁ ଅଶୋଧିତ ତୈଳ, କୋଇଲା ଓ ପ୍ରାକୃତିକ ଗ୍ୟାସ୍ ର ବଡ଼ ଆମଦାନୀକାରୀ। ଏପ୍ରିଲ ୨୦୨୪ରେ ଭାରତ ଓ ଋଷିଆ ମଧ୍ୟରେ ୧୦ବର୍ଷର ଲଙ୍ଗଟର୍ମ ଡିଲରେ ସ୍ୱାକ୍ଷର ହୋଇଛି, ଯେଉଁଥିରେ ଚାବାହର ପୋର୍ଟ ଓ ଚାବାହର-ଜାହେଦାନ ରେଳ ପ୍ରକଳ୍ପ ମଧ୍ୟ ରହିଛି। ଇୟୁ ଓ ଜି-୭ ଲଗାତାର ଭାରତ ସମେତ ତୃତୀୟ ଦେଶଙ୍କ ଉପରେ ଋଷିଆରୁ ତୈଳ ଓ ଉର୍ଜା ଆମଦାନୀ ରୋକିବା ପାଇଁ ଚାପ ପକାଉଛନ୍ତି। ତେବେ ଭାରତ ପ୍ରତ୍ୟେକ ଥର କେବଳ ଯୁକ୍ତରାଷ୍ଟ୍ର (ୟୁଏନ) କଟକଣାକୁ ମାନେ ବୋଲି ସ୍ପଷ୍ଟ ଭାବେ କହି ଆସୁଛି। ଭାରତର ଏହି ବୟାନ କେବଳ ଇୟୁର ପ୍ରତିବନ୍ଧକ ଉପରେ ପ୍ରତିକ୍ରିୟା ନୁହେଁ, ବରଂ ଏକ ବ୍ୟାପକ ନୈତିକ ସନ୍ଦେଶ ମଧ୍ୟ। ଅନ୍ତରାଷ୍ଟ୍ରୀୟ ମଞ୍ଚରେ ନିଜର ରଣନୈତିକ ସ୍ୱାୟତ୍ତତାକୁ ରକ୍ଷା କରିବା ପାଇଁ ଭାରତ ଲଗାତାର ଏଭଳି କଡ଼ା ଓ ସ୍ପଷ୍ଟ ବୟାନ ଦେଇ ଆସୁଛି।

# ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ବିରୋଧରେ ଟ୍ରମ୍ପଙ୍କ ମାନହାନି ମାମଲା

**ୱାଶିଂଟନ,୨୦।୭:** ଧନୀ ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ପର୍କକୁ ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ଗୁରୁବାର ଖବର ପ୍ରକାଶ ପାଇଥିଲା। ଏହାର ଦିନକ ପରେ ଟ୍ରମ୍ପ୍ ଉକ୍ତ ଖବରକାଗଜ ଏବଂ ମିଡିଆ ମୋଗଲ ରୁପେର୍ଟ ମୁର୍ଡୋକ୍‌ଙ୍କ ବିରୋଧରେ ୧୦ ବିଲିୟନ ଡଲାରର ମାମଲା ଦାଏର କରିଛନ୍ତି। ଯୌନ ଅପରାଧରେ ସମ୍ପୃକ୍ତ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପଙ୍କ ସମ୍ପର୍କ ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ଖବର ପ୍ରକାଶ କରିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଏପ୍‌ଷ୍ଟେଇନ୍ ୨୦୦୩ରେ ପାଳନ କରିଥିବା ୫୦ତମ ଜନ୍ମଦିନ ସମ୍ପର୍କିତ ଏକ ଆଲବମ୍ ଓ ଚିଠି ଦାଖଲ କରିବା ପାଇଁ ତାଙ୍କ ସହଯୋଗୀ ଘିସ୍‌ଲାଇନ୍ ମାକ୍ସୱେଲ ଟ୍ରମ୍ପ୍ ଓ ଅନ୍ୟମାନଙ୍କୁ କହିଥିଲେ। ଉକ୍ତ ଚିଠିରେ ଟ୍ରମ୍ପଙ୍କ ନାଁ ସହ ଉଲଗ୍ନ ମହିଳାଙ୍କ ଅଶ୍ଳୀଳ ଫଟୋ ରହିଥିବାବେଳେ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କ କଳ୍ପିତ ବାର୍ତ୍ତାଳାପ ଥିଲା। ଏହି ଖବର ପ୍ରକାଶ ପାଇବା ପରେ ଟ୍ରମ୍ପ୍ ଓ ତାଙ୍କ ଅନୁଗତ ବେସ୍ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ମାମଲା ପରିଚାଳନା ତରିକାକୁ ନେଇ ଟ୍ରମ୍ପଙ୍କ କେତେଜଣ ସମର୍ଥକ ହ୍ୱାଇଟ୍ ହାଉସ୍‌କୁ ସମାଲୋଚନା କରିଛନ୍ତି।



# ଦିଲ୍ଲୀ ଗସ୍ତରେ ଆସୁଛନ୍ତି ପୁଟିନ

**ନୂଆଦିଲ୍ଲୀ ୨୦।୭:** ଋଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ବଢୁଥିବା ବୈଶ୍ୱିକ ଉତ୍ତେଜନାରେ ଓ ଆମେରିକା-ନାଟୋର କଡ଼ା ବିରୋଧ ସତ୍ତ୍ୱେ ଋଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଚଳତବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କର ଏହି ଗସ୍ତ ଭାରତ-ଋଷିଆ ବାର୍ଷିକ ଶିଖର ସମ୍ମିଳନୀକୁ ନେଇ ହେବ, ଯାହା ୨୦୨୧ ପରେ ପ୍ରଥମ ଥର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ପୁଟିନଙ୍କ ଏହି ଯାତ୍ରା ଏପରି ସମୟରେ ହେବ ଯେତେବେଳେ ଆମେରିକା ଓ ନାଟୋ ଋଷିଆ ଉପରେ କଟକଣା ବଢାଉଛନ୍ତି ଏବଂ ଭାରତ-ଋଷିଆ ଉର୍ଜା ସହଯୋଗର ପୁନର୍ବିଚାର ଲାଗି ଚାପ ପକାଉଛନ୍ତି।



ସୂତ୍ର ଅନୁସାରେ ଏହି ସମ୍ମିଳନୀ କାଳରେ ପ୍ରତିରକ୍ଷା ଉଦ୍ୟୋଗରେ ସହଯୋଗ, ଶକ୍ତି କ୍ଷେତ୍ରରେ ଭାଗିଦାରୀ, ପରମାଣୁ ଶକ୍ତି ସହଯୋଗ, ଆର୍କଟିକ୍ କ୍ଷେତ୍ରରେ ଭାରତର ଭୂମିକା ସମ୍ପ୍ରସାରଣ ଓ ହାଇ-ଟେକ୍ କ୍ଷେତ୍ରରେ ଯୁଗ୍ମ ରୋଡମ୍ୟାପ୍ ଭଳି କାମ ଉପରେ ଚର୍ଚ୍ଚା ହେବ। ନିକଟରେ ପୁଟିନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅନୁରୋଧରେ ଭାରତକୁ ଋଷିଆ ସାର ରପ୍ତାନୀ ବଢାଇଛି, ଯାହାଦ୍ୱାରା ଭାରତର ଖାଦ୍ୟ ସୁରକ୍ଷାକୁ ବଳ ମିଳିବ। ଏହା ପୂର୍ବରୁ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଥିଲେ ଯେ ଭାରତ-ଋଷିଆ ଶିଖର ସମ୍ମିଳନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଋଷିଆ ବିରୋଧରେ ପାଶ୍ଚାତ୍ୟ କଟକଣା ସତ୍ତ୍ୱେ ଋଷିଆ ସହିତ ତୈଳ କ୍ରୟ ଓ ପ୍ରତିରକ୍ଷା ଭାଗିଦାରୀ କାୟମ ରଖିଛି ଭାରତ। ଆମେରିକା ଚାହୁଁଛି ଋଷିଆଠୁ ଭାରତ ଦୂରତା ଅବଲମ୍ବନ କରୁ। ଖାସ କରି ଉଚ୍ଚ ଟେକନିକ୍ ଓ ସାମରିକ ମାମଲାରେ କୌଣସି ବାଣିଜ୍ୟ ନ କରୁ। ସେହିପରି ନାଟୋ ଦେଶମାନେ ଏଥିରୁ ଚିନ୍ତିତ ଯେ ଭାରତର ଏହି ରଣନୀତି ଜି-୭ ଓ ପାଶ୍ଚାତ୍ୟ ଜଗତର ରଣନୀତିକୁ ଦୁର୍ବଳ କରିପାରେ। ତେବେ ଭାରତ ସ୍ପଷ୍ଟରୂପେ କହିଛି ଯେ ଭାରତ ନିଜର ବୈଦେଶିକ ନୀତି ନିଜ ଅନୁସାରେ ପ୍ରସ୍ତୁତ କରେ। ଏଥିରେ ଋଷିଆ ଏକ ପୁରୁଣା ଓ ନିର୍ଭରଯୋଗ୍ୟ ସହଯୋଗୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଋଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ମଧ୍ୟରେ ଶେଷଥର ପାଇଁ ଅପରେଶନ ସିନ୍ଦୂର ପୂର୍ବରୁ କଥାବାର୍ତ୍ତା ହୋଇଥିଲା। ଆତଙ୍କବାଦ ବିରୋଧରେ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ଋଷିଆ ସମର୍ଥନ କରିଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଋଷୀୟ ନିର୍ମିତ ପ୍ରତିରକ୍ଷା ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଋଷୀୟ ଏସ୍-୪୦୦ ମିଜାଇଲ ପ୍ରତିରକ୍ଷା ପ୍ରଣାଳୀ ଓ ଭାରତ-ଋଷିଆ ଯୁଗ୍ମ ବ୍ରହ୍ମୋସ ପ୍ରକଳ୍ପ ପାକିସ୍ତାନକୁ ଧୂଳି ଚଟାଇଥିଲା। ଏହି ପ୍ରଣାଳୀଗୁଡ଼ିକ ପାକିସ୍ତାନର ଚୀନ୍ ନିର୍ମିତ ସାମରିକ କ୍ଷମତାକୁ ଅନେକାଂଶରେ ନିଷ୍କ୍ରିୟ କରିଦେଇଥିଲା। ଏଥିରେ ଯଦି ପ୍ରଧାନମନ୍ତ୍ରୀ ମୋଦି ଚୀନ୍ ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ) ସମ୍ମିଳନୀରେ ଯୋଗ ଦିଅନ୍ତି ସେଠାରେ ମଧ୍ଯ ତାଙ୍କର ପୁଟିନଙ୍କ ସହ ଅଲଗା ସାକ୍ଷାତ ଆଲୋଚନା ହୋଇପାରେ।

# ଆଇଇଡି ବିସ୍ଫୋରଣରେ ପାକ ମେଜର ନିହତ

**କ୍ୱେଟା,୨୦।୭ :** ପାକିସ୍ତାନ ବେଲୁଚିସ୍ତାନର କ୍ୱେଟା ସହରରେ ଶନିବାର ସନ୍ଧ୍ୟାରେ ଏକ ବଡ ଧରଣର ଆକ୍ରମଣରେ ପାକ ସେନାର ଜଣେ ବରିଷ୍ଠ ଅଧିକାରୀଙ୍କର ମୃତ୍ୟୁ ଘଟିଛି। ମୃତ ସେନା ଅଧିକାରୀଙ୍କ ନାମ ମେଜର ଅନବାର କାକର। ଏହି ଆକ୍ରମଣ ଜିନ୍ନା ରୋଡ ଇଲାକାରେ ହୋଇଥିଲା। ଦୁଇ ଜଣ ଆତଙ୍କବାଦୀ ମୋଟରସାଇକେଲରେ ଆସି ମେଜର ଅନବାରଙ୍କ ଗାଡି ଉପରେ ଚୁମ୍ବକୀୟ ଆଇଇଡି ବିସ୍ଫୋରଣରେ ଉଡାଇ ଦେଇଥିଲେ। ଘଟଣାସ୍ଥଳରେ ସେନା ଅଧିକାରୀଙ୍କର ମୃତ୍ୟୁ ଘଟିଛି। ଏହି ଆକ୍ରମଣ ପାଇଁ ବେଲୁଚ ଲିବରେସନ ଆର୍ମି (ବିଏଲଏ) ନିଜକୁ ଦାୟୀ କରିଛି। ଏଠି କହି ରଖିବୁ, ବିଏଲଏ ପାକିସ୍ତାନର ବଲୁଚ ରାଷ୍ଟ୍ରବାଦୀ ବିଦ୍ରୋହୀ ଗୋଷ୍ଠୀର ଏକ ଶାଖା। ଏହି ଘଟଣା ପରେ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇଛି। ଏଥିରେ ଆତଙ୍କୀମାନେ ମେଜରଙ୍କ ଗାଡ଼ିରେ ଆଇଆଇଡି ଲଗାଉଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ବିସ୍ଫୋରଣ ପରେ ଆଖପାଖ ଅଂଚଳରେ ଉତ୍ତେଜନା ଦେଖା ଦେଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ, ଏହି ଆକ୍ରମଣରେ ଅନ୍ୟ କେହି ଆହତ ନ ଥିବା ଜଣା ଯାଇଛି। ମେଜର ଅନବାର କାକର ବେଲୁଚିସ୍ତାନର ପସ୍ତୁନ ବହୁଳ ଜିଲ୍ଲା ପିଶିନର ନିବାସୀ ଥିଲେ ଏବଂ ସେ ହାଜି ଆକବର କାକରଙ୍କ ପୁତ୍ର ଥିଲେ। ମେଜର ଅନବାର ପାକିସ୍ତାନ ସେନାରେ ୧୦ ବର୍ଷରୁ ଅଧିକ ଦିନ ଧରି କାମ କରି ଆସୁଛନ୍ତି। ବିଶେଷ କରି ବାଲୁଚ ବିଦ୍ରୋହୀଙ୍କ ବିରୋଧରେ ହେଉଥିବା ଅଭିଯାନରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ୨୦୧୯ରେ ଗ୍ୱାଦରରେ ହୋଇଥିବା ହାଇ ପ୍ରୋଫାଇଲ ଆତ୍ମଘାତୀ ଆକ୍ରମଣରେ ମଧ୍ୟ ସେ ଆହତ ହୋଇଥିଲେ।



# ଚନ୍ଦନ ମିଶ୍ର ହତ୍ୟାକାଣ୍ଡରେ ସାମିଲ ୧୦ ଗିରଫ

**ବିହାର,୨୦।୭ :** ବିହାର ପାଟନାର ପାରସ ହସ୍ପିଟାଲରେ ଗୁରୁବାର ସକାଳେ ହୋଇଥିବା ହତ୍ୟା ମାମଲାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯାଇଛି। ପାଟନା ପୋଲିସ ଏବଂ ଏସଟିଏଫ ମିଳିତ ଉଦ୍ୟମରେ ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରଙ୍କ ହତ୍ୟାକାଣ୍ଡ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ପଚରାଉଚରା କରାଯାଉଛି। ହତ୍ୟା ମାମଲାରେ ଏଯାଏଁ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇଛି। ୮ ଜଣ ପଶ୍ଚିମବଙ୍ଗରୁ ହୋଇଥିବା ବେଳେ ୨ ଜଣ ବିହାରର ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ ହୋଇଛନ୍ତି। ଏଥିରେ ୨ ଜଣ ମହିଳା ରହିଛନ୍ତି। ଗିରଫ ହୋଇଥିବା ୧୦ ଜଣଙ୍କ ମଧ୍ୟରୁ ୮ ଜଣ ପଶ୍ଚିମବଙ୍ଗରୁ ହୋଇଥିବା ବେଳେ ୨ ଜଣ ବିହାରର ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ ହୋଇଛନ୍ତି। ଘଟଣାର ସିସିଟିଭି ଫୁଟେଜରେ ପାଞ୍ଚ ଜଣ ସଶସ୍ତ୍ର ବ୍ୟକ୍ତି ଦିନ ଦି'ପ୍ରହରେ ହସ୍ପିଟାଲ ପରିସରରେ ପ୍ରବେଶ କରି କଏଦୀଙ୍କ ଉପରେ ଗୁଳି ଚଳାଉଥିବାର ଦେଖାଯାଇଥିଲା। ଏହି ହତ୍ୟାକାଣ୍ଡରେ ତୌସିକ ବାଦଶାହ, ବଳବନ୍ତ, ଅଭିଷେକ, ମୋନୁ ସିଂହ, ନିଲେଶ, ସୂର୍ଯ୍ୟାନ, ନୀଶୁ ସହିତ ୧୦ ଜଣ ସୁଟରଙ୍କ ନାମ ସାମ୍ନାକୁ ଆସିଥିଲା। ଘଟଣା ପରେ ଅଭିଯୁକ୍ତ ପଶ୍ଚିମବଙ୍ଗ ଫେରାର ହୋଇଯାଇଥିଲେ।

# 'ସ୍ଲିପିଂ ପ୍ରିନ୍ସ'ଙ୍କ ପରଲୋକ

## ୨୦ ବର୍ଷ କୋମାରେ ଥିଲେ



**ସାଉଦି ଆରବ, ୨୦।୭:** ସାଉଦି ଆରବର ଲୋକପ୍ରିୟ 'ସ୍ଲିପିଂ ପ୍ରିନ୍ସ'ରେ ଜଣାଶୁଣା ଅଲୱାଲିଦ ବିନ୍ ଖାଲିଦ ବିନ୍ ତଲାଲଙ୍କ ପରଲୋକ ହୋଇଛି। ସେ ୨୦ ବର୍ଷ ଧରି କୋମାରେ ଥିଲେ। ରାଜକୁମାର ଜଣକ ୧୫ ବର୍ଷ ବୟସରୁ କୋମାରେ ଥିଲେ ଏବଂ ବର୍ତ୍ତମାନ ୩୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ରାଜକୁମାର ଅଲୱାଲିଦ ସାଉଦି ରାଜପରିବାରର ଜଣେ ବରିଷ୍ଠ ସଦସ୍ୟ ପ୍ରିନ୍ସ ଖାଲିଦ ବିନ୍ ତଲାଲଙ୍କ ପୁଅ। ପ୍ରିନ୍ସ ଖାଲିଦ ବିନ୍ ତଲାଲ ଏକ ଇନଷ୍ଟାଗ୍ରାମ ପୋଷ୍ଟରେ କହିଛନ୍ତି ଯେ, ତାଙ୍କ ପୁଅ ପ୍ରିନ୍ସ ଅଲୱାଲିଦ ୨୦୦୫ ମସିହାରେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ସେତେବେଳେ ରାଜକୁମାର ୧୫ ବର୍ଷ ବୟସର ଥିଲେ ଏବଂ ରୟାଲ ମିଲିଟାରୀ ଏକାଡେମୀରେ ପାଠ ପଢୁଥିଲେ। ଏକ କାର ଦୁର୍ଘଟଣାରେ ମୁଣ୍ଡରେ ଆଘାତ ଲାଗି ସେ କୋମାକୁ ଚାଲିଯାଇଥିଲେ।

# ରୁଷରେ ଘଣ୍ଟାଏ ଭିତରେ ୫ ଭୂକମ୍ପ

**ମସ୍କୋ, ୨୦।୭:** ପୁଣି ଭୂକମ୍ପ ଝଟକାରେ ଥରିଲା ରୁଷିଆ। ରୁଷିଆର ପ୍ରଶାନ୍ତ ମହାସାଗରୀୟ ଉପକୂଳବର୍ତ୍ତୀ ଅଞ୍ଚଳରେ ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ପାଞ୍ଚ ଥର ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପ ପରେ ସୁନାମୀ ଚେତାବନୀ ଜାରି କରାଯାଇଛି। ରବିବାର ରୁଷିଆରେ ସବୁଠାରୁ ଶକ୍ତିଶାଳୀ ଭୂକମ୍ପର ତୀବ୍ରତା ୭.୪ ଥିଲା। ଖବର ମୁତାବକ, ରୁଷିଆର ସବୁଠାରୁ ବଡ଼ ଭୂମିକମ୍ପର କେନ୍ଦ୍ରସ୍ଥଳ ପେଟ୍ରୋପାଭଲୋଭସ୍କ-କାମଚାଟସ୍କି ସହରଠାରୁ ୧୪୪ କିଲୋମିଟର ପୂର୍ବରେ ୨୦ କିଲୋମିଟର ଗଭୀରରେ ଥିଲା। ଏହାର କିଛି ମିନିଟ୍ ପୂର୍ବରୁ ନିକଟସ୍ଥ ଅଞ୍ଚଳରେ ୬.୭ ତୀବ୍ରତାର ଏକ ଭୂକମ୍ପ ହୋଇଥିଲା। କେବଳ ସେତିକି ନୁହେଁ, ଏହାପରେ ତୁରନ୍ତ ଆଉ ତିନୋଟି ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁ ଧନଜୀବନ ହାନିର କୌଣସି ସୂଚନା ମିଳିନାହିଁ। ଆମେରିକା ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଅନୁଯାୟୀ, ରୁଷିଆର ପ୍ରଶାନ୍ତ ମହାସାଗରୀୟ ଉପକୂଳରେ ତିନୋଟି ବଡ଼ ଭୂକମ୍ପ ରେକର୍ଡ କରାଯାଇଛି। ସବୁଠାରୁ ଅଧିକ ଶେଷ ଭୂକମ୍ପର ତୀବ୍ରତା ୭.୪ ରହିଥିଲା। ଏହି ଭୂକମ୍ପ ସମୟରେ ପେଟ୍ରୋପାଭଲୋଭସ୍କ-କାମଚାଟସ୍କି ଉପକୂଳର ସମାନ ଅଞ୍ଚଳରେ ୩୨ ମିନିଟ୍ ବ୍ୟବଧାନରେ ତିନୋଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ପ୍ରଥମ ଭୂକମ୍ପର ତୀବ୍ରତା ୫.୦ ରହିଥିବା ବେଳେ ପରେ ଦୁଇଟି ଭୂକମ୍ପର ତୀବ୍ରତା ୬.୭ ଏବଂ ଗୋଟିଏର ତୀବ୍ରତା ୭.୪ ଥିଲା। ଆମେରିକାର ଜାତୀୟ ସୁନାମୀ କେନ୍ଦ୍ର ରୁଷିଆ ଏବଂ ଆମେରିକାର ହାୱାଇ ପାଇଁ ସୁନାମି ଚେତାବନୀ ଜାରି କରିଛି। ସୂଚନାଯୋଗ୍ୟ, ୧୯୯୨ରେ କାମଚଟକାରେ ୯.୦ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଏଥିଯୋଗୁଁ ୩୦ ଫୁଟର ସୁନାମୀ ଆସିଥିଲା।



- ଭୂକମ୍ପର ତୀବ୍ରତା ୭.୪
- ସୁନାମୀ ଚେତାବନୀ ଜାରି

# ମହିଳାଙ୍କୁ ୭ଥର କାମୁଡ଼ିଲା ଗୋଟିଏ ସାପ

**ଉତ୍ତରାଖଣ୍ଡ, ୨୦।୭:** ତିନି ବର୍ଷ ମଧ୍ୟରେ ଜଣେ ମହିଳାଙ୍କୁ ସମାନ ସାପ ସାତ ଥର କାମୁଡ଼ିଛି। ଏହି କଥା ହଠାତ ଶୁଣିଲା ପରେ ଆପଣ ଭାବୁଛନ୍ତି କି ଏହା ଏକ ଫିଲ୍ମର କାହାଣୀ ? ଏପରି ଅନେକ କାହାଣୀ ନିଶ୍ଚୟ ଶୁଣିଥିବେ ଓ ଦେଖିଥିବେ। କିନ୍ତୁ ବାସ୍ତବରେ ବାନ୍ଦାରେ ଏକ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ଏବଂ ପରିବାର ଲୋକେ ଚିନ୍ତିତ ହୋଇଛନ୍ତି। କୁହାଯାଉଛି ଯେ ମହିଳାଙ୍କୁ ସପ୍ତମ ଥର ପାଇଁ ଜିଲ୍ଲା ହସ୍ପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଛି। ଡାକ୍ତର ତାଙ୍କୁ ଭର୍ତ୍ତି କରିବା ପରେ ଚିକିତ୍ସା କରୁଛନ୍ତି। ଏହି ମହିଳାଙ୍କୁ ବାରମ୍ବାର ସମାନ ସାପ କାମୁଡ଼ି ଥିବା ଜଣା ପଡ଼ିଛି।

ଏହି ଆଶ୍ଚର୍ଯ୍ୟଜନକ ଘଟଣାଟି ବିସଣ୍ଡା ଥାନା ଅଞ୍ଚଳର କୋରାହି ଗାଁର ଦେଖିବାକୁ ମିଳିଛି। ରୋଶନି ନାମକ ଜଣେ ମହିଳାଙ୍କୁ ତିନି ବର୍ଷ ମଧ୍ୟରେ ସାତ ଥର ସାତ ଥର କାମୁଡ଼ିଛି। ତାଙ୍କ ଅବସ୍ଥା ଖରାପ ହେବା ପରେ, ପଡ଼ୋଶୀର ଜଣେ ଯୁବକ ଜୁବୈର ମହିଳାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଜୁବୈର କୁହନ୍ତି ଯେ ରୋଶନିଙ୍କୁ ତିନି ବର୍ଷ ମଧ୍ୟରେ ସପ୍ତମ ଥର ପାଇଁ ଏକ କଳା ସାପ କାମୁଡ଼ିଛି ଏବଂ ତାଙ୍କୁ ସପ୍ତମ ଥର ପାଇଁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏହି ଆଶ୍ଚର୍ଯ୍ୟଜନକ ଘଟଣାଟି ବିସଣ୍ଡା ଥାନା ଅଞ୍ଚଳର କୋରାହି ଗାଁ ରେ ଘଟିଛି। ରୋଶନି ନାମକ ଜଣେ ମହିଳାଙ୍କୁ ତିନି ବର୍ଷ ମଧ୍ୟରେ ସାତ ଥର ସାତ ଥର କାମୁଡ଼ିଛି। ତାଙ୍କ ଅବସ୍ଥା ଖରାପ ହେବା ପରେ ପଡ଼ୋଶୀର ଜଣେ ଯୁବକ ଜୁବୈର ମହିଳାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ।



ଜୁବୈର କୁହନ୍ତି ଯେ ରୋଶନିଙ୍କୁ ତିନି ବର୍ଷ ମଧ୍ୟରେ ସପ୍ତମ ଥର ପାଇଁ ଏକ କଳା ସାପ କାମୁଡ଼ିଛି ଏବଂ ତାଙ୍କୁ ସପ୍ତମ ଥର ପାଇଁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲ୍ଲା ହସ୍ପିଟାଲର ବରିଷ୍ଠ ଡାକ୍ତର ବିନୀତ ସଚାନ କହିଛନ୍ତି ଯେ ପ୍ରାୟ ୩୮ ବର୍ଷ ବୟସ୍କା ରୋଶନି ନାମକ ଜଣେ ମହିଳାଙ୍କୁ ସାପ କାମୁଡ଼ିଛି ଏବଂ ତାଙ୍କର ଚିକିତ୍ସା କରାଯାଉଛି। ଗତ ତିନି ବର୍ଷ ମଧ୍ୟରେ, ମହିଳାଙ୍କୁ ସାତ ଥର ସାପ କାମୁଡ଼ିଛି ଏବଂ ରୋଗୀଙ୍କୁ ପ୍ରତ୍ୟେକ ଥର ଜିଲ୍ଲା ହସ୍ପିଟାଲକୁ ଅଣାଯାଉଛି। ଏହା ପରେ ସେ ସୁସ୍ଥ ହେଉଛନ୍ତି। ଆଜି ମଧ୍ୟ ସକାଳେ ମହିଳାଙ୍କୁ ସାପ କାମୁଡ଼ିଛି ଏବଂ ରୋଗୀଙ୍କୁ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଭଲ ଅଛି। ଡାକ୍ତରମାନେ ତାଙ୍କର ଚିକିତ୍ସା କରୁଛନ୍ତି।

# ଭାରତକୁ କ୍ୱାର୍ଟର୍ ଫାଇନାଲ୍ ନେଲେ ଓଡ଼ିଶା ଖେଳାଳି

ଭୁବନେଶ୍ୱର, ୨୦।୭ (ସଂଚାର ବ୍ୟୁରୋ): ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ପ୍ରତିଯୋଗୀଙ୍କ ସଫଳ ପ୍ରଦର୍ଶନ ଜାରି ରହିଛି। ଏଥିରେ ଓଡ଼ିଶା




ଖେଳାଳିମାନେ ଉପଯୋଗୀ ଯୋଗଦାନ ରଖିବା ଉଲ୍ଲେଖନୀୟ ହୋଇଛି। ଭାରତର ଉଭୟ ମହିଳା ଓ ପୁରୁଷ ଟେବୁଲ୍ ଟେନିସ୍ ଦଳ ସହ ପୁରୁଷ ବ୍ୟାଡ଼ମିଣ୍ଟନ୍ ଦଳ ମଧ୍ୟ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଏମାନେ ପଦକ ସୁନିଶ୍ଚିତ କରିବାଠାରୁ ମାତ୍ର ଗୋଟିଏ ପାଦ ଦୂରରେ



ରହିଛନ୍ତି। ଦୁଇଟି ଯାକ ଦଳ ଏହି ପ୍ରତିଯୋଗିତା ଲାଗି କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତି କରୁଥିଲେ। ପୁଣି କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ଭାରତୀୟ ଦଳର ପୁରୁଷ ଯୁଗଳ ବ୍ୟାଡ଼ମିଣ୍ଟନ୍ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ବର୍ଗର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ମାଲେସିଆକୁ ଭେଟିବ। ବହୁ ପ୍ରତୀକ୍ଷିତ ଆଥଲେଟିକ୍ସ ଓ ତୀରନ୍ଦାଜି ରବିବାରଠାରୁ ଆରମ୍ଭ ହେବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ଏବଂ ଦେଶର ଦ୍ରୁତତମ ଧାବକ ଅନିମେଷ କୁଜୁର ୧୦୦ ଓ ୨୦୦ ମିଟର ସହ ୪ଗୁଣା୧୦୦ ରିଲେ ଦୌଡ଼ରେ ଭାରତ ପାଇଁ ପଦକ ଜିତିବାକୁ ଚେଷ୍ଟା କରିବେ। ଏହି ସଫଳତା ଲାଗି କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ ଆତ୍ମସନ୍ତୋଷ ଜାହିର କରିବା ସହ ଉଭୟ କେନ୍ଦ୍ର ଏବଂ ରାଜ୍ୟ କ୍ରୀଡ଼ା ବିଭାଗକୁ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚୀନର ଚେଙ୍ଗଡୁଠାରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୧୦ ସ୍ୱର୍ଣ୍ଣ ସହ ୨୭ ପଦକ ଜିତିଥିଲା। ଏଥର ଭାରତ ପୂର୍ବାପେକ୍ଷା ଅଧିକ ପଦକ ଜିତିବ ବୋଲି ଶ୍ରୀ ସାମନ୍ତ ଦୃଢ଼ ଆଶା ପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ କିଟ୍‌ରୁ ୪୦ଜଣ, ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

## ଏସିସି ବୈଠକ ବର୍ଜନ କରିବ ବିସିସିଆଇ

ମୁମ୍ବାଇ, ୨୦।୭: ଚଳିତ ବର୍ଷ ଭାରତରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍‌କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହା ସେପ୍ଟେମ୍ବର ମାସରେ ଖେଳାଯିବାକୁ ଯୋଜନା ରହିଥିଲେ ମଧ୍ୟ ଖେଳସୂଚୀ ଚୂଡ଼ାନ୍ତ ହୋଇପାରିନାହିଁ। ଏଥିପାଇଁ ଏସୀୟ କ୍ରିକେଟ୍ ପରିଷଦ (ଏସିସି)ର ଏକ ବୈଠକ ଜୁଲାଇ ୨୪ ତାରିଖରେ ଢାକାରେ ଅନୁଷ୍ଠିତ ହେବାକୁ ରହିଛି। କିନ୍ତୁ ବାଂଲାଦେଶରେ ଅଶାନ୍ତ ପରିସ୍ଥିତି ଥିବାରୁ ସେଠାକାର ବୈଠକରେ ଯୋଗଦେବାକୁ ବିସିସିଆଇ ସ୍ପଷ୍ଟ ଭାବେ ମନା କରି ଦେଇଛି। ଭେନ୍ୟୁ ପରିବର୍ତ୍ତନ ପାଇଁ ବିସିସିଆଇ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏହା କରାଯାଇନାହିଁ। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ତଥା ପିସିବି ଅଧ୍ୟକ୍ଷ ମୋହସିନ ନକ୍‌ଭୀ ଏବେ ଏସିସିର ମଧ୍ୟ ମୁଖ୍ୟ ଅଛନ୍ତି। ନକ୍‌ଭୀଙ୍କ ପରାମର୍ଶକ୍ରମେ ଢାକାରେ ବୈଠକ ହେଲେ ଅଧିବେଶନର ସମସ୍ତ ନିଷ୍ପତ୍ତିକୁ ବିସିସିଆଇ ପ୍ରତ୍ୟାଖାନ କରିବ ବୋଲି ମଧ୍ୟ କହିଦେଇଛି। ସୂଚନାଯୋଗ୍ୟ, ଭାରତ ୨୦୨୩ ଏସିଆ କପ୍‌ରେ ବିଜେତା ହୋଇଥିଲା। ସେଥର ପାକିସ୍ତାନ ଆୟୋଜକ ଥିଲେ ମଧ୍ୟ ଭାରତ ଗସ୍ତ କରିବାକୁ ମନା କରିବାରୁ ଶ୍ରୀଲଙ୍କାରେ ଏହା ଖେଳାଯାଇଥିଲା। ସେହିଭଳି ଚଳିତ ବର୍ଷ ପ୍ରାରମ୍ଭରେ ମଧ୍ୟ ପାକିସ୍ତାନ ଆୟୋଜକ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଲାଗି ଭାରତ ସେଠାକୁ ଗସ୍ତ କରିବାକୁ ମନା କରିଦେବାରୁ ନିରପେକ୍ଷ ଭେନ୍ୟୁ ଦୁବାଇରେ ନିଜର ସମସ୍ତ ମ୍ୟାଚ୍ ଖେଳି ବିଜେତା ହୋଇଥିଲା।

### ଇଣ୍ଡିଆନ୍ ଓପନ୍ ଦୌଡ଼କୁଦ

## ୫ ଓଡ଼ିଶା ଖେଳାଳି ପ୍ରଥମ

ଭୁବନେଶ୍ୱର, ୨୦।୭: ବିହାରର ପାଟନାରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ୩୭ ଜଣିଆ ଓଡ଼ିଶା ଦଳରୁ ୧୭ ଜଣ ପ୍ରଥମ ୩ ସ୍ଥାନ ଭିତରେ ରହିଛନ୍ତି। ପ୍ରତୀକ ମହାରଣା, ମୌସୁମୀ ରୟ ୨ଟି ଲେଖାଏଁ ଇଭେଣ୍ଟରେ ଶୀର୍ଷ ୩ ସଫଳତା ପାଇଛନ୍ତି। ୫ ଜଣ ପ୍ରମୁଖ ଖେଳାଳି ଅବିନାଶ ସାହୁ (ପୁରୁଷ ୧୦୦ ମିଟର), ଶ୍ରାବଣୀ ନନ୍ଦ (ମହିଳା ୧୦୦ ମିଟର), ମନୀଷା ମେରେଲ୍ (ଲଙ୍ଗଜମ୍ପ), ସରୁନ ପାୟସିଂହ (ଲଙ୍ଗଜମ୍ପ) ଓ ଲକ୍ଷ୍ମୀପ୍ରିୟା କିଶାନ (୧୫୦୦ ମିଟର) ପ୍ରଥମ ସ୍ଥାନ ଦଖଲ କରିଛନ୍ତି। ଅମିୟ ମଲ୍ଲିକ, ଅଶୋକ ବେହେରା, ବିନତି ବେହେରା, ପ୍ରତୀକ ମହାରଣା, ମନୟ ବାରିକ, ପୂର୍ଣ୍ଣିମା ହେମ୍ବ୍ରମ ପ୍ରମୁଖ ନିଜ ନିଜ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବାବେଳେ ପ୍ରତୀକ ମହାରଣା, ଆଶିଷ ପ୍ରଧାନ, ମନ୍ଦେନ୍ଦ୍ର ସାହୁ, ମୌସୁମୀ ରୟ (୨ଟି), ବିଷ୍ଣୁପ୍ରିୟା ସେଠୀ, ଭୀମ ସରକାର, ସରୁନ ପାୟସିଂହ, ଦୟାନିଧି ମୁଣ୍ଡା ନିଜ ନିଜ ଇଭେଣ୍ଟରେ ତୃତୀୟ ସ୍ଥାନ ଦଖଲ କରିଛନ୍ତି।

## ସ୍ୱିସ୍ ଓପନ୍ ସେମିରେ ହାରିଲେ ପ୍ରଶାନ୍ତ-ଖଡ଼େ

ଗଷ୍ଟାଡ, ୨୦।୭: ଭାରତୀୟ ଯୋଡ଼ି ଅର୍ଜୁନ ଖଡ଼େ ଓ ବିଜୟ ସୁନ୍ଦର ପ୍ରଶାନ୍ତ ସ୍ୱିସ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ସେମିଫାଇନାଲରେ ପରାଜିତ ହୋଇଛନ୍ତି। ସେମାନଙ୍କୁ ତୃତୀୟ ସିଡ୍ ଫ୍ରାନ୍ସର ଆଲବାନୋ ଓଲିଭେଟୋ ଓ ହେଣ୍ଡ୍ରିକ୍ ଜେବେନ୍ସ ୫-୭, ୫-୭ ସେଟ୍‌ରେ ପରାସ୍ତ କରିଛନ୍ତି। ତେବେ ଖଡ଼େ ଓ ପ୍ରଶାନ୍ତ ଏକ ଘଣ୍ଟା ଓ ୨୨ ମିନିଟ୍ ଧରି ଲଢ଼ିବା ପ୍ରଶଂସକଙ୍କୁ ଉତ୍ସାହିତ କରିଛି। ଏହି ପ୍ରତିଯୋଗିତା ଖେଳି ଖଡ଼େ ଓ ପ୍ରଶାନ୍ତ ଏସୀୟ କ୍ରୀଡ଼ା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି।

## ପନ୍ତ ବ୍ୟାଟର୍, ଜୁରେଲ ୱିକେଟ୍ ରକ୍ଷକ ଭାବେ ଖେଳିପାରନ୍ତି

ମାଞ୍ଚେଷ୍ଟର, ୨୦।୭: ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ୍-ତେଣ୍ଡୁଲକର ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ରହିଛି। ଏଭଳି ସ୍ଥିତିରେ ଆସନ୍ତା ୨୩ ତାରିଖରୁ ମାଞ୍ଚେଷ୍ଟର୍‌ର ଓଲ୍ଡ ଟ୍ରାଫୋର୍ଡଠାରେ ଆରମ୍ଭ ହେବାକୁ ଯାଉଥିବା ଚତୁର୍ଥ ଟେଷ୍ଟ ଟିମ୍ ଇଣ୍ଡିଆ ପାଇଁ କର ବା ମର ସଦୃଶ ହେବ। କାରଣ ଏହି ମ୍ୟାଚ୍ ହାରିଲେ ଭାରତ ହାତରୁ ଶୃଙ୍ଖଳା ଖସିଯିବ। ଇଂଲଣ୍ଡ ୩-୧ରେ ଅପରାଜେୟ ଅଗ୍ରଣୀ ଲାଭ କରିବା ସହ ଏହି ଥର ଆଣ୍ଡରସନ୍-ତେଣ୍ଡୁଲକର ଟ୍ରଫି ଜିତିବାର ଗୌରବ ମଧ୍ୟ ହାସଲ କରିବ। ଏହି ମ୍ୟାଚ୍ ଜିତିଲେ ମଧ୍ୟ ଭାରତୀୟ କ୍ରିକେଟ୍ ଦଳ ଶୃଙ୍ଖଳାର ମୋଡ଼ ବଦଳାଇ ଦେବ। ଅର୍ଥାତ୍ ଲର୍ଡସରେ ଅଳ୍ପକେ ବିଜୟ ହାସଲ କରିଥିବା ଘରୋଇ ଇଂଲଣ୍ଡକୁ ଚାପରେ ପକାଇ ଶୃଙ୍ଖଳାକୁ ଶେଷ ମ୍ୟାଚ୍ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆ ଜୀବନ୍ତ ରଖିପାରିବ। ଏଭଳି ସ୍ଥିତିରେ ଭାରତର ଚୂଡ଼ାନ୍ତ ଏକାଦଶ



ଉପରେ ସମସ୍ତଙ୍କ ନଜର ରହିଛି। ଲର୍ଡସ ଟେଷ୍ଟରେ ୱିକେଟ୍‌ରକ୍ଷକ ଋଷଭ ପନ୍ତ ଆହତ ହେବା ପରେ ମାଞ୍ଚେଷ୍ଟର୍‌ରେ ସେ ୱିକେଟ୍ ରକ୍ଷଣ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଭାରତ ଯୁବ ୱିକେଟ୍ ରକ୍ଷକ ଧ୍ରୁବ ଜୁରେଲଙ୍କୁ ଖେଳାଇବା କଥା ଚିନ୍ତା କରିପାରେ। ଏପରିକି ଋଷଭଙ୍କୁ କେବଳ ବ୍ୟାଟର୍ ଏବଂ ଜୁରେଲଙ୍କୁ ବିଶେଷଜ୍ଞ ୱିକେଟ୍ ରକ୍ଷକ ଭାବେ ଖେଳାଇବାର ବିକଳ୍ପକୁ ମଧ୍ୟ ଭାରତୀୟ କ୍ରିକେଟ୍ ଦଳ ତର୍ଜମା କରୁଥିବା ଜଣାପଡ଼ିଛି। ଲର୍ଡସ ଟେଷ୍ଟରେ ପନ୍ତ ଆହତ ହେବା ପରେ ଜୁରେଲ ଅଧିକାଂଶ ସମୟ ୱିକେଟ୍ ରକ୍ଷଣ କରିଥିଲେ। ଉଭୟ ଯଦି ଏକାଠି ଖେଳନ୍ତି, ତେବେ ଭାରତକୁ ଜଣେ ବୋଲର କିମ୍ବା ଅଲ୍‌ରାଉଣ୍ଡର୍‌ଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦେବାକୁ ପଡ଼ିବ।

ଶନିବାର ଜୁରେଲ ଢେର ସମୟ ୱିକେଟ୍ ରକ୍ଷଣ ଅଭ୍ୟାସ କରିବା ମାଞ୍ଚେଷ୍ଟର୍‌ରେ ସେ ଖେଳିବା ଚର୍ଚ୍ଚାକୁ ଅଧିକ ବଳ ଦେଇଛି। ଗତବର୍ଷ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ସେ କରିଥିବା ଲଢ଼ୁଆ ୯୦ ରନ୍ ଜୁରେଲଙ୍କ ସପକ୍ଷରେ ଯାଇପାରେ। ତେବେ ସବୁକିଛି ପନ୍ତଙ୍କ ଫିଟନେସ୍ ଉପରେ ନିର୍ଭର କରିବ। ସେପଟେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ମ୍ୟାଚ୍‌ରେ ବିଶ୍ରାମ ମିଳିବା ସଙ୍କେତ ମିଳିଥିଲେ ମଧ୍ୟ ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲ ତାଙ୍କୁ ମାଞ୍ଚେଷ୍ଟର୍‌ରେ ଖେଳାଇବାକୁ ଆମେ ବାଧ ହୋଇପାରୁ ବୋଲି କହି, ପରିସ୍ଥିତିକୁ ଆହୁରି ଗୋଳମାଳିଆ କରି ଦେଇଛନ୍ତି। ଇଂଲଣ୍ଡ ପୂର୍ବରୁ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଥିଲା ବେଳେ ଆହତ ସ୍ପିନର ସୋଏବ ବଶିରଙ୍କ ସ୍ଥାନରେ ଭେଟେରାନ୍ ସ୍ପିନର୍ ଲିଆମ ଡ'ସନଙ୍କୁ ସାମିଲ କରି ଭାରତ ଉପରେ ମନସ୍ତାତ୍ତ୍ୱିକ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିଛି।

## ଭାରତ-ପାକିସ୍ତାନ ଲିଜେଣ୍ଡ୍‌ସ ଲିଗ୍ ମ୍ୟାଚ୍‌କୁ ନେଇ ବିବାଦ

ଲଣ୍ଡନ, ୨୦।୭: ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଯୁଦ୍ଧଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିରେ ଇଂଲଣ୍ଡର ବର୍ମିଂହାମଠାରେ ରବିବାର ଖେଳାଯିବାକୁ ଥିବା ଭାରତ-ପାକିସ୍ତାନ ଲିଜେଣ୍ଡ୍ସ ଲିଗ୍ ବିଶ୍ୱ ଚାମ୍ପିଅନସିପ୍ ମ୍ୟାଚ୍‌କୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଛି। ଏହି ଲିଗ୍ ପୂର୍ବତନ ଖେଳାଳିଙ୍କୁ ନେଇ ଆୟୋଜିତ ହେଉଥିଲେ ମଧ୍ୟ ଭାରତକୁ ବାରମ୍ବାର ଅପମାନିତ କରି ଆସୁଥିବା ଏବଂ କାଶ୍ମୀର ମାମଲାରେ ନିୟମିତ ଭାବେ ଭାରତ ବିରୋଧୀ



ମନ୍ତବ୍ୟ ଦେଇ ଆସୁଥିବା ପାକିସ୍ତାନୀ କ୍ରିକେଟର୍ ସାହିଦ ଆଫ୍ରିଦି ଥିବା ଦଳ ବିପକ୍ଷରେ ଭାରତୀୟ ପୂର୍ବତନ ଖେଳାଳିମାନେ କେମିତି ଓ କାହିଁକି ଖେଳୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ବିବାଦ ବଢ଼ିବା ପରେ ଭାରତୀୟ ଲିଜେଣ୍ଡ୍‌ସ ଦଳରେ ଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରୁ ତିନି ଚାରି ଜଣ ଶନିବାର ଏହି ମ୍ୟାଚ୍‌ରୁ ଓହରି ଯାଇଥିବା ଜଣାପଡ଼ିଛି। ସେହିଭଳି ଆୟୋଜକମାନେ ପାକିସ୍ତାନ ଲିଜେଣ୍ଡ୍‌ସ ଦଳରୁ ସାହିଦ ଆଫ୍ରିଦିଙ୍କୁ ବାଦ୍ ଦେଇଥିବାର ସୂଚନା ମଧ୍ୟ ରହିଛି। ତଥାପି ପାକିସ୍ତାନ ଦେଶର ନିରୀହ ଲୋକଙ୍କୁ ମାରିବାକୁ ନିୟମିତ ଷଡ଼ଯନ୍ତ୍ର କରୁଥିଲା ବେଳେ ଭାରତୀୟ ଖେଳାଳିମାନେ ଏହି ଆତଙ୍କବାଦୀ ଦେଶ ବିପକ୍ଷରେ କୌଣସି ମ୍ୟାଚ୍ ଖେଳିବା ଉଚିତ ନୁହେଁ ବୋଲି କହି ଭାରତୀୟ ପ୍ରଶଂସକଙ୍କମାନେ ସାମାଜିକ ଗଣମାଧ୍ୟରେ ନିଜନିଜର କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଭାରତୀୟ ଲିଜେଣ୍ଡ୍‌ସ ଦଳରେ ଯୁବରାଜ ସିଂହ, ଶିଖର ଧାୱନ, ହରଭଜନ ସିଂହ, ସୁରେଶ ରାଇନା, ୟୁସୁଫ ପଠାନ ଓ ଅମ୍ବାତି ରାୟୁଡୁଙ୍କ ଭଳି ଖେଳାଳି ଥିଲା ବେଳେ ପାକିସ୍ତାନ ଦଳରେ ରହିଛନ୍ତି ମିସବା-ଉଲ୍-ହକ୍, ୟୁନିସ ଖାନ୍, ସୋଏବ ମଲ୍ଲିକ, ଅବଦୁଲ ରଜାକ, କାମ୍ରନ ଆକମଲ, ସର୍ଫରାଜ ଅହମଦ ଓ ସୋହେଲ ତନବୀରଙ୍କ ଭଳି ଖେଳାଳି।

# ବରଗଡ଼, ପାରାଦୀପ, ମୟୂରଭଞ୍ଜର ଏକତରଫା ବିଜୟ

### ସାହାଣୀ କପ୍ ଫୁଟବଲ୍

ଭୁବନେଶ୍ୱର, ୨୦।୭ (ସଂଚାର ବ୍ୟୁରୋ): ରାଜ୍ୟର ୪ଟି ଜୋନ୍‌ରେ ଚାଲିଥିବା ସାହାଣୀ କପ୍ ୬୪ତମ ବରିଷ୍ଠ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତାର ଚତୁର୍ଥ ଦିନରେ ମଧ୍ୟ ଏକତରଫା ଭାବେ ଅଧିକାଂଶ ମ୍ୟାଚ୍ ଶେଷ ହୋଇଛି। କଳାହାଣ୍ଡି, ବରଗଡ଼, କଟକ, ପାରାଦୀପ ପୋର୍ଟ ଟ୍ରଷ୍ଟ, ସୁନ୍ଦରଗଡ଼, ବାଲେଶ୍ୱର, କୋରାପୁଟ ଓ ମୟୂରଭଞ୍ଜ ଦଳ ବିଜୟୀ ହୋଇଛନ୍ତି।

ବୌଦ୍ଧ ଜୋନ୍‌ରେ କଳାହାଣ୍ଡି ୧-୦ ଗୋଲ୍‌ରେ ନୟାଗଡ଼କୁ ଏବଂ ବରଗଡ଼ ୩-୦ରେ ଦେବଗଡ଼କୁ ପରାସ୍ତ କରିଛି। ବରଗଡ଼ ପାଇଁ ଆନନ୍ଦ ଓରାମ (୧୭ ମିନିଟ୍), ଅଙ୍କିତ ବେହେରା (୪୫+୨ ମିନିଟ୍), ସଂଜୀବ ଦଣ୍ଡସେନା (୭୮ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ୩-୦ରେ ଖୋର୍ଦ୍ଧାକୁ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟ ୯-୨ରେ ପୁରୀକୁ ପରାସ୍ତ କରିଛି। କଟକ ପାଇଁ ପାରାଓ ଟୁଡୁ (୬ ମିନିଟ୍), ବାପୁନି ବିନ୍ଧାଣି (୩୮ ମିନିଟ୍), ଦୀନବନ୍ଧୁ ଦାସ (୭୬ ମନିଟ୍) ଗୋଲ୍ ଦେଇଥିଲେ। ପାରାଦୀପ ପାଇଁ ପ୍ରକାଶ ନାୟକ ଡବଲ୍ ହ୍ୟାଟ୍ରିକ୍ (୩୦, ୩୬, ୬୦, ୭୩, ୮୫, ୯୦ ମିନିଟ୍) ଅର୍ଜନ କରିଥିବାବେଳେ ପୁରୀ ପାଇଁ କାହ୍ନୁ ମଲ୍ଲିକ (୩୭ ମିନିଟ୍) ଓ ସ୍ମୃତି ରଂଜନ ବେହେରା (୫୦ ମିନିଟ୍) ଗୋଲ୍ ସ୍କୋର୍ କରିଥିଲେ। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ୨-୦ରେ ସୁବର୍ଣ୍ଣପୁରକୁ ଏବଂ ବାଲେଶ୍ୱର ୪-୦ରେ ଢେଙ୍କାନାଳକୁ ପରାସ୍ତ କରିଛି। ସୁନ୍ଦରଗଡ଼ ପାଇଁ ଜମିର ଓରାମ (୨ ମିନିଟ୍) ଓ ମହେଶ ପ୍ରଧାନ (୧୮ ମିନିଟ୍) ଏବଂ ବାଲେଶ୍ୱର ପାଇଁ ଜଗନ୍ନାଥ ସୋରେନ (୫୯), ରାଜୁ ସିଂହ (୬୨, ୬୯ ମିନିଟ୍), ମଧୁ ସୋରେନ୍ (୮୦+୧ ମିନିଟ୍) ଗୋଲ୍ ସ୍କୋର୍ କରିଥିଲେ। ବ୍ରହ୍ମପୁର ଜୋନ୍‌ରେ କୋରାପୁଟ ୨-୦ ଗୋଲ୍‌ରେ ମାଲକାନଗିରିକୁ ପରାସ୍ତ କରିଥିବାବେଳେ କିଶାନ ମାଝୀ (୬୫ ମିନିଟ୍) ଓ ଜିତୁ ମୁଦୁଲି (୮୧ ମିନିଟ୍) ଗୋଲ୍ ଦେଇଥିଲେ। ସେହି ଜୋନ୍‌ରେ ମୟୂରଭଞ୍ଜ ଶନିବାରର ସବୁଠାରୁ ବଡ଼ ବ୍ୟବଧାନ ବିଜୟ ୯-୦ରେ ରାୟଗଡ଼ା ବିପକ୍ଷରେ ହାସଲ କରିଥିଲା। ବୀରସିଂହ ନାଏକ (୧୫, ୧୭, ୨୬ ମିନିଟ୍) ହ୍ୟାଟ୍ରିକ୍ ଅର୍ଜନ କରିଥିବାବେଳେ ଠାକୁର ମୁର୍ମୁ (୨୧ ଓ ୪୫+୧ ମିନିଟ୍) ଓ ରାଇସେନ୍ ଟୁଡୁ (୩୦, ୯୦ ମିନିଟ୍) ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ। ଗୋଲ୍ ଓପନିଂ କରିଥିବା ମାନଚିତ୍ର ମାର୍ଣ୍ଡି (୮ ମିନିଟ୍) ଏବଂ ସାଲହାଇ ଟୁଡୁ (୭୦ ମିନିଟ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏୟାରଲିଫ୍ଟ...

ସହ କ'ଣ ଘଟିଲା, ଆମେ ଜାଣିପାରୁନୁ କି କାହାକୁ ସନ୍ଦେହ ବି କରିପାରୁନୁ ବୋଲି ତାଙ୍କ ପିଉସୀ କହିଛନ୍ତି।

ଦୁଇ ଦିନ ପରେ ବି ସସପେନ୍ସ ଉପରୁ ପରଦା ହଟିବା ବଦଳରେ ମାମଲା ଭିନ୍ନ ମୋଡ଼କୁ ଚାଲିଯାଉଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ୨ ଦିନ ହେଲା ଫରେନସିକ୍ ଟିମ୍ ବି ପ୍ରମାଣ ଖୋଜାରେ ଲାଗିଛି। କେନ୍ଦ୍ରାଞ୍ଚଳ ଆଇଜି ଓ ପୁରୀ ଏସପି ଗତ ରାତିତମାମ୍ ବଳଙ୍ଗା ଅଞ୍ଚଳର ପୀଡ଼ିତାଙ୍କ ଗାଁରେ ଛାନଭିନ୍ ବି କରିଛନ୍ତି। କିନ୍ତୁ କି ସୁରାକ୍ ପାଇଛନ୍ତି, ସାମ୍ନାକୁ ଆସିପାରୁନି ତଥ୍ୟ। ସେପଟେ ଗାଁରେ ଲାଗିଥିବା ସିସିଟିଭି ଫୁଟେଜକୁ ଧରି ପୁଲିସ ଯାଞ୍ଚ କରିଛି। ଏସବୁ ଭିତରେ ପୀଡ଼ିତାଙ୍କ ଦାଦା, ଦାଦା ଝିଅ ଭଉଣୀ, ପିଉସୀ, ୨ ସାଙ୍ଗ ଏହିଭଳି ମୋଟ ୮ ଜଣଙ୍କୁ ଦୁଇ ଦିନ ହେଲା ବଳଙ୍ଗା ଥାନାକୁ ଡାକି ପୁଲିସ ପଚରାଉଚରା କରିଛି। ଏଥିସହ ପୀଡ଼ିତାଙ୍କ ଘରେ ବ୍ୟବହୃତ କିରୋସିନ୍ ବୋତଲ ଓ ପୀଡ଼ିତାଙ୍କ ବାପାଙ୍କ ବଳଙ୍ଗାସ୍ଥିତ ଗ୍ୟାରେଜ ଦୋକାନ ଚାବିକୁ ଜବତ କରି ପୁଲିସ୍ ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଆଜି କ୍ରାଇମ ସ୍ପଟ୍‌ରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ପୁଲିସ ଡିଜି ୱାଇବି ଖୁରାନିଆ। ଗାଁରେ ପଚରାଉଚରା କରିଛନ୍ତି ସ୍ଥାନୀୟ ଲୋକଙ୍କୁ। କେଉଁ ପରିସ୍ଥିତିରେ ଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ ଦୁଃଖୀଶ୍ୟାମ ସେନାପତି, ସେନେଇ ପ୍ରତ୍ୟକ୍ଷ ଭାବେ ତଥ୍ୟ ଆଦାୟ କରିଛନ୍ତି ଡିଜିପି। କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ପୁରୀ ଏସପି ପିନାକ ମିଶ୍ର ପ୍ରମୁଖଙ୍କ ସହ ଦୀର୍ଘ ସମୟ ଧରି ଡିଜିପି ଗ୍ରାଉଣ୍ଡରେ ଅନୁଧ୍ୟାନ କରିଛନ୍ତି। ପୀଡ଼ିତାଙ୍କ ଘରକୁ ଓ ବଳଙ୍ଗା ଥାନାକୁ ଯାଇ ସେ ତଥ୍ୟ ସଂଗ୍ରହ କରିଛନ୍ତି। ପରେ ତାଙ୍କ ପ୍ରତିକ୍ରିୟାରେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଯେ ଆଜି ଦୁଇଟି ସ୍ପେଶାଲ ଟିମ୍ ଅନୁଧ୍ୟାନ କରିଛନ୍ତି। ରାଜ୍ୟ ଫରେନ୍ସକି ଟିମ ଓ ଏମ୍ସ ଫୋରେନସିକ୍ ଟିମ୍ ପ୍ରମାଣ ବି ସଂଗ୍ରହ କରିଛନ୍ତି। କିଛି ତଥ୍ୟ ହସ୍ତଗତ ହୋଇଛି, ଆଉ କିଛି ଆସିବାର ଅଛି ବୋଲି କହିଛନ୍ତି ଡିଜିପି ଶ୍ରୀ ଖୁରାନିଆ।

ଅନ୍ୟପକ୍ଷରେ ସମ୍ପୃକ୍ତ ନାବାଳିକାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେବା ସହ ତାଙ୍କୁ ସମସ୍ତ ପ୍ରକାର ଉନ୍ନତ ମାନର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ସେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି।

ସେହିପରି ଏହି ଘଟଣାରେ ବିରୋଧୀ ବିଜେଡି ପକ୍ଷରୁ ଗତକାଲି ଏମ୍ସରେ ହଙ୍ଗାମା କରାଯାଇଥିବା ବେଳେ ଆଜି ବଳଙ୍ଗା ଥାନାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି କର୍ମୀମାନେ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ପୁଲିସ୍ କର୍ମୀମାନେ ରୋକିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଛି।

## କ୍ରାଇମବ୍ରାଞ୍ଚକୁ...

ଯେଉଁମାନେ ଯାହା ମତ ଦେଇଥିଲେ, ଏବେ ତାହା ବଦଳୁଛି। ପ୍ରତ୍ୟକ୍ଷଦର୍ଶୀ ଓ କମିଟି ସଦସ୍ୟଙ୍କୁ ପଚରାଉଚରା ଜାରି ରହିଛି। ଜବତ ସିସିଟିଭି ଫୁଟେଜ୍‌କୁ ରାଜ୍ୟ ଫୋରେନସିକ୍ ଲ୍ୟାବ୍‌କୁ ପଠାଯିବ। ଡିଜିଟାଲ୍ ପ୍ରମାଣକୁ ନେଇ ନିଶ୍ଚିତ ଭାବେ ଆମେ ସିଦ୍ଧାନ୍ତରେ ପହଞ୍ଚିବୁ। ଆମ ଟିମ୍ ବାଲେଶ୍ୱରରେ ଆଉ କିଛି ଦିନ ରହି ତଦନ୍ତ କରିବ ବୋଲି ଡିଜି କହିଛନ୍ତି।

ସେପଟେ ଆଇସିସି କମିଟି ନିଜ ରିପୋର୍ଟରେ ଅଭିଯୁକ୍ତ ସମୀର କୁମାର ସାହୁଙ୍କୁ କ୍ଲିନ୍‌ଚିଟ୍ ଦେଇଥିବା ଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଏଭଳି ରିପୋର୍ଟ ପୀଡ଼ିତା ଛାତ୍ରୀଙ୍କୁ ଅବସାଦ ଭିତରକୁ ଠେଲି ଦେଇଥିଲା। ଫୁଟ୍‌ବଲ୍ ପଡ଼ିଆ ପାଖରେ ଅଧ୍ୟାପକ ଶ୍ରୀ ସାହୁ ଆତ୍ମାହୁତି ଦେଇ ଛାତ୍ରୀଙ୍କୁ ଫେବର ମାଗିଥିଲେ। ହେଲେ ଆଇସିସି ଆଗରେ ଏହାର ପ୍ରମାଣ କେମିତି ଦେଇଥାନ୍ତେ ପୀଡ଼ିତା। ତେଣୁ ଏହି ଅଭିଯୋଗ ପ୍ରମାଣିତ ହୋଇପାରିନଥିବା କମିଟିର ସଦସ୍ୟମାନେ ଜେରା ସମୟରେ କହିଛନ୍ତି। ବରଂ ଘଟଣା ପରେ ଅଭିଯୋଗକାରିଣୀ ସାର୍‌ଙ୍କ ପାଖକୁ ନୋଟ୍ ଆଣିବା ପାଇଁ ଯାଇଛନ୍ତି ଓ ସେ ନିଜକୁ ଆଦୌ ଅସୁରକ୍ଷିତ ମନେ କରିନାହାନ୍ତି ବୋଲି କମିଟି ଆଗରେ ସ୍ପଷ୍ଟ କରିଥିଲେ। ତେଣୁ ଯାଞ୍ଚ ସତ୍ତ୍ୱେ ଶାରୀରିକ ନିର୍ଯାତନା ସମ୍ବନ୍ଧରେ କୌଣସି ପ୍ରମାଣ କମିଟିର ହସ୍ତଗତ ହୋଇନଥିଲା। ତେଣୁ ଅଭିଯୋଗ ଭିତ୍ତିହୀନ ଓ ବିନା ପ୍ରମାଣରେ କେହି କାହାରି ଚରିତ୍ର ସଂହାର ନ କରନ୍ତୁ ବୋଲି ଆଇସିସି ତା'ର ରିପୋର୍ଟରେ ଉଲ୍ଲେଖ କରିଥିଲା। ଅନୁମାନ କରାଯାଉଛି ଯେ କଲେଜ ଆଇସିସିର ଏହି ରିପୋର୍ଟ ପୀଡ଼ିତାଙ୍କୁ ଗଭୀର ମାନସିକ ଆଘାତ ଦେଇଥାଇପାରେ। ଅଭିଯୁକ୍ତ ଶ୍ରୀ ସାହୁଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନଥିବା କମିଟି ରିପୋର୍ଟରେ କହିବା ପରେ ପୀଡ଼ିତା ଜଣଙ୍କ ମାନସିକ ଭାବେ ବେଶ୍ ଦୁର୍ବଳ ହୋଇପଡ଼ିଥିଲେ।

ଗଣମାଧ୍ୟମରେ ବାରମ୍ବାର ପ୍ରତିକ୍ରିୟା ରଖି ସମୀର ସାରଙ୍କ ବଦଳି ପାଇଁ କମିଟି ସୁପାରିଶ କରିଥିବା କହୁଥିଲେ ଆଭ୍ୟନ୍ତରୀଣ କମିଟି ସଦସ୍ୟ । ହେଲେ କମିଟି ରିପୋର୍ଟରୁ ଜଣାପଡ଼ିଛି ଯେ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ନଯାଇ କାହିଁକି ପୀଡ଼ିତା ପ୍ରଥମେ ପୋଲିସ ଓ ଗଣମାଧ୍ୟମକୁ ଗଲେ ବୋଲି ତାଙ୍କୁ ପାଲଟା ପ୍ରଶ୍ନ କରାଯାଇଥିଲା । ଏ ସବୁ ପାରିପାର୍ଶ୍ୱିକ ଘଟଣା ପୀଡ଼ିତାଙ୍କୁ ଆତ୍ମାହୁତି ଭଳି ଚରମ ପଦକ୍ଷେପକୁ ବାଛି ନେବାକୁ ବାଧ୍ୟ କରିଥିଲା କି, ତାହା କ୍ରାଇମବ୍ରାଞ୍ଚ ତଦନ୍ତରୁ ସ୍ପଷ୍ଟ ହେବ ।

## ଆଜିଠୁ...

ରଣନୀତି ପ୍ରସ୍ତୁତ କରିଛନ୍ତି। ଚଳିତ ଥର ସଂସଦରେ ଆୟକର ବିଲ୍-୨୦୨୫ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପିତ ହେବାର ସମ୍ଭାବନା ରହିଛି। ଏହି ଅଧିବେଶନରେ ମୋଟ୍ ୨୧ଟି ବୈଠକ କାର୍ଯ୍ୟ ଦିବସ ରହିଛି। ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଦନ କରି ଶ୍ରୀ ରିଜିଜୁ କହିଛନ୍ତି ଯେ କେନ୍ଦ୍ର ସରକାର ସଂସଦରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ବିରୋଧୀ ଦଳଗୁଡ଼ିକ କୌଣସି ପ୍ରସଙ୍ଗରେ ପ୍ରଶ୍ନ କରିପାରିବେ। କିନ୍ତୁ ସମସ୍ତେ ସଂସଦର ନିୟମକାନୁନ୍ ମଧ୍ୟରେ ରହିବା ଉଚିତ। ଏହାଛଡ଼ା ଲୋକସଭା ଓ ରାଜ୍ୟସଭାରେ କ'ଣସବୁ ଆଲୋଚନା ହେବ, ତା' ଉପରେ ବ୍ୟାବସାୟିକ ଉପଦେଷ୍ଟା କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଶ୍ରୀ ରିଜିଜୁ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଦନ କରିବା ଅବସରରେ ଗୌରବ ଗୋଗୋଇ କହିଛନ୍ତି ଯେ ବିହାରରେ ଇଲେକ୍ଟରାଲ୍ ବଣ୍ଡ୍ ଓ ଓ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ଉପରେ ଉଠିଥିବା ବିବାଦ ଉପରେ ନିଶ୍ଚିତ ଭାବେ ଆଲୋଚନା ହେବ। ଏନେଇ ସଠିକ୍ ଉତ୍ତର ମଧ୍ୟ ସରକାର ରଖିବା ଉଚିତ। ଯଦି ଏଥିରେ ସରକାର ଅକ୍ଷମ ହୁଅନ୍ତି, ତା'ହେଲେ ଉଭୟ ପ୍ରସଙ୍ଗରେ କେଉଁଠି ନା କେଉଁଠି ସରକାରଙ୍କ ଅସ୍ୱଚ୍ଛ ନୀତି କାର୍ଯ୍ୟ କରୁଛି, ଏହା ଧରିନେବାକୁ ହେବ ବୋଲି ସାଂସଦ ଗୋଗୋଇ କହିଛନ୍ତି।

## ସଡ଼କ...

ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାଲେଶ୍ୱରରୁ ବାରିପଦା ଅଭିମୁଖେ ବେଶ୍ ଦ୍ରୁତ ଗତିରେ ଯାଉଥିବା କାର୍ (ନଂ. ଓଡି୧୧ଏମ୍‌୬୭୧୬)ରେ ବାରିପଦା ୱାଲିଗଞ୍ଜ ଅଞ୍ଚଳର ସନତ ପଟ୍ଟନାୟକଙ୍କ ପୁଅ ରାଜଦୀପ ଓ ତାଙ୍କ ସାଙ୍ଗ ଅଜୟ ନାୟକ ଯାଉଥିଲେ। ତେବେ ଅଚାନକ ଗାଡ଼ିଟି ଟୋଲ୍‌ପ୍ଲାଜାର ୩ ନଂ ବୁଥ୍ ଉପରେ ଚଢ଼ିଯାଇଥିଲା। ଫଳରେ ଅଜୟ ଓ ରାଜଦୀପ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ପୁଲିସ୍ ଉଦ୍ଧାର କରି ବାରିପଦା ପିଆର୍‌ଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ରାଜଦୀପଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ସୂଚନା ଦେଇଥିଲେ। ପୁଲିସ୍ କ୍ରେନ୍ ଯୋଗେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ରାସ୍ତାରୁ ହଟାଇବା ସହ ଏହାକୁ ଜବତ କରି ଥାନାକୁ ଆଣିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଜି ଭୋର୍ ସମୟରେ ସୁନାବେଡ଼ା ଟ୍ରାଫିକ୍ ନିକଟରେ ଏକ ମାରୁତି ସେଲେରିଓ ଗାଡ଼ି ସହ ସଫାରୀର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେଲେରିଓରେ ଥିବା ୩ ଜଣ ଓ ସଫାରୀ ଗାଡ଼ିର ଚାଳକଙ୍କ ମୃତ୍ୟୁ ଘଟିଛି। ଉକ୍ତ ସେଲେରିଓ ଗାଡ଼ି କୋରାପୁଟରୁ ଦାମନଯୋଡ଼ି ଅଭିମୁଖେ ଯାତ୍ରା କରୁଥିବା ସମୟରେ ସଫାରୀଟି ସିମିଳିଗୁଡ଼ାରୁ ସୁନାବୋଡ଼ ଅଭିମୁଖେ ଯାଉଥିଲା। ଅଚାନକ ଏକ ମୋଟର ସାଇକେଲ୍ ସାମ୍ନାକୁ ଆସିଯିବାରୁ ସେଥିରୁ ବର୍ତ୍ତିବା ସକାଶେ ଉଦ୍ୟମ କରି ଉଭୟ ଗାଡ଼ିର ଚାଳକ ପରସ୍ପରକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ଏତେ ଗୁରୁତର ଥିଲା ଯେ ଗୋଟିଏ ଗାଡ଼ି ପୂରା ଓଲଟିପଡ଼ିଥିଲା। ଘଟଣାସ୍ଥଳରେ ସେଲେରିଓରେ ବସିଥିବା ୪ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ୩ ଜଣଙ୍କ ମଧ୍ୟରୁ ଦୁଇ ଜଣ କୋରାପୁଟର ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍‌ରେ ମୃତ୍ୟୁବରଣ କରିଥିଲେ। ସେହିପରି ସଫାରୀର ଚାଳକ ଜଣଙ୍କ ମୃତ୍ୟୁବରଣ କରିଥିବା ବେଳେ ସେଥିରେ ବସିଥିବା ୪ ଜଣ ଯାତ୍ରୀଙ୍କ ମଧ୍ୟରୁ ୩ ଜଣ ସୁନାବେଡ଼ା ଗଞ୍ଜାମ କଲୋନୀର ବାସିନ୍ଦା ହୋଇଥିବା ବେଳେ ଅନ୍ୟ ଜଣେ ମଥଲପୁଟ ଅଞ୍ଚଳର ନିବାସୀ ବୋଲି ଜଣାପଡ଼ିଛି। କିନ୍ତୁ ସେମାନଙ୍କ ପରିଚୟ ନେଇ କିଛି ବି ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ସେଲେରିଓର ଅନ୍ୟ ଗୁରୁତର ଯାତ୍ରୀଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ପରିଚୟ ବି ମିଳିପାରିନାହିଁ। ଦୁର୍ଘଟଣା ନେଇ ଖବର ପାଇ ସୁନାବେଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦୁଇଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସେଲେରିଓରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ମୃତ୍ୟୁବରଣ କରିଥିବା ୩ ଯାତ୍ରୀଙ୍କ ପରିଚୟ ମିଳିଛି। ସେମାନେ ହେଲେ ବାଳକୃଷ୍ଣ ରଣାଙ୍କ ପୁଅ ଆଶୁତୋଷ, ଲିଙ୍ଗରାଜ ପାତ୍ରଙ୍କ ପୁଅ ଦିବ୍ୟରଞ୍ଜନ ଓ ସୂର୍ଯ୍ୟ ପାତ୍ରଙ୍କ ପୁଅ ବିକାଶ। ମୃତକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଶୋକ ପ୍ରକଟ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ମଧ୍ୟ ଘୋଷଣା କରିଛନ୍ତି।

## ଡିଏଫଓଙ୍କ...

ଅନୁଗୁଳ ଜଗନ୍ନାଥପୁରରେ ତାଙ୍କ ଶଶୁର ଘର, କେନ୍ଦୁଝରରେ ଥିବା ଡିଏଫଓ, କେନ୍ଦୁପତ୍ର ଡିଭିଜନ ଅଫିସ, କେନ୍ଦୁଝରସ୍ଥିତ ସରକାରୀ ବାସଭବନ, ନୟାଗଡ଼ ଜିଲ୍ଲାର କୋମଣ୍ଡାରେ ଥିବା ତାଙ୍କ ପୁଅଙ୍କ ବାସଗୃହ, ନୟାଗଡ଼ ଜିଲ୍ଲାର ନୂଆ-କୋମଣ୍ଡାରେ ଥିବା ତାଙ୍କ ପୁଅଙ୍କ ଅଫିସ ଚାମ୍ବର (ପିଏଚ୍‌ସି)ରେ ଚଢ଼ାଉ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ନାୟକଙ୍କ ନାଁରେ ଆହୁରି ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି।

## ଏଣିକି...

ଘଟିଥିଲା, ଯାହା ଜନମାନସରେ ଆତଙ୍କ ସୃଷ୍ଟି କରିଥିଲା। ଏହି ଘଟଣାଗୁଡ଼ିକ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଗ୍ରାହକଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠାଇଥିଲା। ତେଣୁ ଭବିଷ୍ୟତରେ ଏପରି ଅଘଟଣ ରୋକିବା ପାଇଁ ଆସୋସିଏସନ ଏହି କଡ଼ା ନିୟମ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ପେଟ୍ରୋଲ ପମ୍ପ କର୍ମଚାରୀମାନଙ୍କୁ ମଧ୍ୟ ନିୟମ ପାଳନ କରିବା ସକାଶେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଗ୍ରାହକମାନଙ୍କୁ ମଧ୍ୟ ନିୟମ ପାଳନ କରି କେବଳ ଗାଡ଼ିରେ ପେଟ୍ରୋଲ ଭରିବା ପାଇଁ ନିବେଦନ କରାଯାଇଛି। ଏହାଦ୍ୱାରା ସୁରକ୍ଷା ସହ ପେଟ୍ରୋଲ ପମ୍ପରେ ଅଘଟଣକୁ ମଧ୍ୟ ରୋକାଯାଇପାରିବ ବୋଲି ଆସୋସିଏସନ ଆଶା ରଖିଛି।

## ରୀତିମତ...

ରଥଯାତ୍ରା ଘଟଣାରେ ମୁଖ୍ୟମନ୍ତ୍ରୀ ନିଜେ ରାଜ୍ୟବାସୀଙ୍କୁ କ୍ଷମା ମାଗି ପ୍ରଶାସନିକ ସ୍ତରରେ କେତେକ ପରିବର୍ତ୍ତନ କରି ବାହୁଡ଼ା ଯାତ୍ରା ଓ ନିଳାଦ୍ରୀ ବିଜେ ସଫଳତାର କରାଇଥିଲେ । ଏହି ସମୟରେ ପୁରୀ ଜିଲ୍ଲା ବଳଙ୍ଗାରେ ଜଣେ ନାବାଳିକାକୁ କିଛି ଦୁର୍ବୃତ୍ତ ଟାଣି ନେଇ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଘଟଣା ପୁଣି ଏକ ଆଲୋଡନ ସୃଷ୍ଟି କରିଛି । ଗତ ଜାନୁୟାରୀରେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମବେଳେ ରସୁଲଗଡ଼ ଛକରେ ସଫେଇ କର୍ମଚାରୀ ସହଦେବ ନାୟକଙ୍କୁ ହତ୍ୟା, ଗତ ଜୁନ ମାସରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ଗଞ୍ଜାମରେ ଦୁଇ ଦଳିତ ବ୍ୟକ୍ତିଙ୍କୁ ଅତ୍ୟାଚାର, କାର୍ଯ୍ୟରତ ଓଏଏସ୍ ଅଫିସରଙ୍କୁ ଅଫିସରୁ ଘୋଷାଡ଼ି ନେଇ ମାଡ଼ ମରାଯିବା, ବଳଙ୍ଗାରେ ନାବାଳିକାକୁ ବିଚ ରାସ୍ତାରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡ଼ି ମାରିବାକୁ ଉଦ୍ୟମ କରିବା ଭଳି ଘଟଣାରୁ ରାଜନୈତିକ ଫାଇଦା ନେବାକୁ ଚକ୍ରାନ୍ତ କରୁଛି ତ୍ରୀଶକ୍ତି।

### ପାକିସ୍ତାନରେ ବନ୍ୟା

## ଗଲାଣି ୨୦୦ ଲୋକଙ୍କ ଜୀବନ

**ଇସ୍‌ଲାମାବାଦ୍, ୨୦।୭:** ମୌସୁମୀ ବର୍ଷାରେ ବେହାଲ ହୋଇଛି ପାକିସ୍ତାନ । ଅତ୍ୟଧିକ ବର୍ଷା ହେବ ଫଳରେ ଅଧିକ ମାତ୍ରାରେ କ୍ଷୟକ୍ଷତି ହୋଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ରିପୋର୍ଟ କରିଛି ଯେ ଏପର୍ଯ୍ୟନ୍ତ ବର୍ଷା ଯୋଗୁଁ ୨୦୨ ଜଣ ପ୍ରାଣ ହରାଇଛନ୍ତି । ଶିଶୁଙ୍କ ମୃତ୍ୟୁ ପରିସ୍ଥିତିର ଭୟାବହତାକୁ ଆହୁରି ବୃଦ୍ଧି କରିଛି । ୯୬ ଜଣ ଶିଶୁ ଙ୍କ ମୃତ୍ୟୁ ହୋଇଛି । ସର୍ବାଧିକ ୧୨୩ ଜଣଙ୍କ ମୃତ୍ୟୁ ପଞ୍ଜାବ ପ୍ରଦେଶରେ ଘଟିଛି । ପ୍ରବଳ ବର୍ଷା ଯୋଗୁଁ, ଅନେକ ଅଞ୍ଚଳରେ ବର୍ଷା ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି ପଞ୍ଜାବର ମରିୟମ ନୱାଜ୍ ସରକାର । ପଞ୍ଜାବ ପରେ, ଖାଇବର ପଖତୁନଖ୍ୱାରେ ୪୦ ଜଣ, ସିନ୍ଧରେ୨୧ ଜଣ, ବେଲୁଚିସ୍ତାନରେ ୧୬ଜଣ ଙ୍କର ମୃତ୍ୟୁ ହୋଇଛି । ପ୍ରବଳ ବର୍ଷା ପରେ ଭୁଶୁଡ଼ି ପଡ଼ିଥିବା କୋଠା, ବିଦ୍ୟୁତ ଆଘାତ, ବଜ୍ରପାତ ଏବଂ ଭୂସ୍ଖଳନ ମୃତ୍ୟୁର କାରଣ ହୋଇଛି । ଭୁଶୁଡ଼ି ପଡ଼ିଥିବା କୋଠାର ଭଗ୍ନାବଶେଷ ତଳେ ଚାପି ହୋଇ ଏପର୍ଯ୍ୟନ୍ତ୧୧୮ ଜଣଙ୍କର ମୃତ୍ୟୁ ହୋଇଛି । ହଠାତ୍ ବନ୍ୟା ଯୋଗୁଁ୩୦ଜଣ ପ୍ରାଣ ହରାଇଛନ୍ତି । ଯେତେବେଳେ ଅନ୍ୟମାନେ ବୁଡ଼ିଯିବା, ବଜ୍ରପାତ, ବିଦ୍ୟୁତ ଆଘାତ ଏବଂ ଭୂସ୍ଖଳନ ଯୋଗୁଁ ମୃତ୍ୟୁବରଣ କରିଛନ୍ତି । ଜାତୀୟ ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ର (ଏନଇଓସି) ସମଗ୍ର ଦେଶ ପାଇଁ ଏକ ସତର୍କତା ଜାରି କରିଛି , ଯାହା୨୫ ଜୁଲାଇ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିରେ ଆକସ୍ମିକ ବନ୍ୟା, ସହରାଞ୍ଚଳରେ ଜଳବନ୍ଦୀ ଏବଂ ହିମବାହୀ ହ୍ରଦ ବିସ୍ଫୋରଣର ବିପଦ ଉଲ୍ଲେଖ କରାଯାଇଛି। ଖାଇବର ପଖତୁନଖ୍ୱା, ପଞ୍ଜାବ, ସିନ୍ଧ ଏବଂ ଇସଲାମାବାଦର ଅନେକ ଜିଲ୍ଲା ହାଇ ଆଲର୍ଟରେ ଅଛନ୍ତି । ସ୍ଥାନୀୟ ପ୍ରଶାସନକୁ ଡ୍ରେନ୍ ସଫା କରିବା ଏବଂ ଜରୁରୀକାଳୀନ ଦଳଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ୨୫ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାକିସ୍ତାନ ପାଣିପାଗ ବିଭାଗ। । ପ୍ରମୁଖ ନଦୀଗୁଡ଼ିକର ଉପର ମୁଣ୍ଡରେ ବନ୍ୟାର ଆଶଙ୍କା ରହିଛି । ନିମ୍ନଭାଗ ଏବଂ ପାହାଡିଆ ଅଞ୍ଚଳରେ ବନ୍ୟା ଆସିବା ଫଳରେ ରାସ୍ତା ଏବଂ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇପାରେ।

ହିଞ୍ଜିଳି ପଲିଟିକ୍ସ

# ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ ଆରମ୍ଭ

## ଶକ୍ତି ପ୍ରଦର୍ଶନ କରୁଛି 'କଂଗ୍ରେସ'
## ଗାଁ ଗାଁ ବୁଲି ଜନଶୁଣାଣି କରୁଛି 'ବିଜେପି'
## ବିଧାୟକ ନ ଆସିବାରୁ ନିରବୀ ରହିଛି 'ବିଜେଡ଼ି'

**ବ୍ରହ୍ମପୁର/ହିଞ୍ଜିଳିକାଟୁ,୨୦।୭ (ସଂଚାର ବ୍ୟୁରୋ):** ଓଡିଶା ରାଜନୈତିକ ମାନଚିତ୍ରରେ ହିଞ୍ଜିଳିକାଟୁ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ଗତ ସାଧାରଣ ନିର୍ବାଚନରେ ଏଠାରେ ବିଜେଡ଼ି-ବିଜେପି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିବା ବେଳେ କଂଗ୍ରେସ ପଛରେ ପଡିଯାଇଥିଲା। ମାତ୍ର ୪ ହଜାର ଭୋଟ ବ୍ୟବଧାନରେ ଶଙ୍ଖ ଦଳ ମୁଖିଆ ନବୀନ ପଟ୍ଟନାୟକ ଗଡ ହାସଲ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ନିର୍ବାଚନ ପରେ ତିନି ପ୍ରମୁଖ ଦଳ ଏକରକମ ନିଷ୍କ୍ରିୟ ହୋଇପଡ଼ିଥିଲେ। ଦଳୀୟ ନେତାଏଁ ନିଜ ବିଜୟ ପରାଜୟର ହିସାବ ନିକାଶ କରିନାହାନ୍ତି। ସମ୍ପ୍ରତି ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ଆକ୍ଟିଭ୍ ମୁଡ୍‌କୁ ଆସୁଥିବା ଜଣାପଡିଛି। ନିଜ ନିଜ ଦଳର ନେତା ଓ କର୍ମୀ ଏବେ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଉଦ୍ୟମ କରୁଛନ୍ତି। ଆଗାମୀ ସମ୍ଭାବ୍ୟ ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ସମସ୍ତ ଦଳ ଗ୍ରାଉଣ୍ଡ ଜିରୋରୁ ସଜବାଜ ହେଉଥିବା କୁହାଯାଉଛି।

ଚର୍ଚ୍ଚା ପ୍ରକାରେ, ଏହି ଗଡରେ କଂଗ୍ରେସ ଧୀରେ ଧୀରେ ବଢିବା ଆରମ୍ଭ କଲାଣି। ଗତ ଜୁନ ମାସରେ ମିନି ଷ୍ଟାଡିୟମ ଠାରେ ପିସିସି ସଭାପତିଙ୍କ ଯୋଗଦାନରେ ସମ୍ବିଧାନ ବଞ୍ଚାଅ ମହାସମାବେଶରେ ଦଳ ଯେଉଁ ଶକ୍ତି ପ୍ରଦର୍ଶନ କରିଥିଲା ତାହା ହିଞ୍ଜିଳି କଂଗ୍ରେସ ପାଇଁ ନୂଆ ସଂଜୀବନୀ ଆଣିବ ବୋଲି କୁହାଯାଉଛି। ରାଜ୍ୟ ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଶାଳ ବାଇକ ଶୋଭାଯାତ୍ରା ଯୁବ ଗୋଷ୍ଠୀ ପାଇଁ ନୂଆ ଆଇକନ ପାଲଟିଥିଲା।

ସେହିପରି ଭାରତୀୟ ଜନତା ପାର୍ଟି ବି ବାଦ୍ ପଡିନି। ଗତ ମେ ମାସରେ ବିଜେପି ହିଞ୍ଜିଳି ଖଣ୍ଡରା ଛକରେ ନୂତନ କାର୍ଯ୍ୟାଳୟ ଖୋଲି କର୍ମୀଙ୍କ ମନୋବଳ ବଢ଼ାଇଥିବା ବେଳେ ବିଧାୟକ ପ୍ରାର୍ଥୀ ଥିବା ଶିଶିର ମିଶ୍ର ଏବେ ଗାଁ ଗାଁ ବୁଲି ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ଲୋକଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ଏହାସହ ଲୋକଙ୍କ ସରକାର କରୁଥିବା ଜନହିତକର ଯୋଜନା ଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ବିଜେଡି ବି କସରତ ଜାରି ରଖିଛି। ବିଜେପି ସରକାରଙ୍କ ବିଫଳତାକୁ ନେଇ ସ୍ଥାନୀୟ ନେତା ଓ କର୍ମୀ ଗର୍ଜନ କରୁଛନ୍ତି। କିନ୍ତୁ ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିର୍ବାଚନ ପରଠୁ ଅଂଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ହିଞ୍ଜିଳି ମୁନିସିପାଲିଟି କି ବ୍ଲକ ଆସିନାହାନ୍ତି। ବିଧାୟକ ନ ଆସିବା ସ୍ଥାନୀୟ ଶଙ୍ଖ ଶିବିରର ବଳକୁ ଦୁର୍ବଳ କରୁଛି। ଆଲୋଚନା ପ୍ରକାରେ, ସବୁ ଦଳର ନଜର୍ ଯୁବଗୋଷ୍ଠୀଙ୍କ ଉପରେ ରହିଛି। ଆଉ ଏଭଳି ସ୍ଥିତିରେ ଯୁବଗୋଷ୍ଠୀ କେଉଁ ଆଡେ ଢଳିବେ ଏବଂ ଆଗାମୀ ଦିନରେ ପୌର ଓ ପଂଚାୟତ ନିର୍ବାଚନ କାହା ସପକ୍ଷରେ ଯିବ ତାହା ସମୟ ହିଁ କହିବ।




## ନସୁର ପୀର ବାବାଙ୍କ ଉର୍ସ ଉତ୍ସବ

**କେନ୍ଦ୍ରାପଡା,୨୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କୋର୍ଟ ପରିସରରେ ଥିବା ଜିଲ୍ଲାର ପ୍ରଖ୍ୟାତ ହଜରତ ସୟଦ ମନସୁର ସାହା ବାବାଙ୍କ ଉର୍ସ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉର୍ସ କମିଟି ତରଫରୁ ସଭାପତି ସେକ ଗୟାସୁଦ୍ଦିନ, ସଂପାଦକ ସେକ ବରକତୁଲ୍ଲା, ହାଜି ସେକ ସଲାଉଦ୍ଦିନ, ସେକ କୟୟୁମ, ସେକ ମହେମୁଦ, ସେକ ସୋଲେମାନ ପ୍ରମୁଖଙ୍କ ଦ୍ୱାରା ଜିଲ୍ଲା ତଥା ଜିଲ୍ଲା ତଥା ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବିଶିଷ୍ଟ ମୌଲବୀ ମାନେ ଏହି ଉର୍ସ ଉତ୍ସବରେ ଯୋଗ ଦେଇ ଇସଲାମ ଧର୍ମ ଓ ପୀର ବାବାଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଆଲୋକପାତ କରିଥିଲେ । ଏହି ଉର୍ସ ଉତ୍ସବରେ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଭୋଜନର ବ୍ୟବସ୍ଥା କରାଯାଇଥିଲା । ଦୁଇ ଦିନ ଧରି ଚାଲିଥିବା ଏହି ଉର୍ସ ପାଇଁ ବାହାରୁ ଅସୁଥିବା ଶ୍ରଦ୍ଧାଳୁ ଏବଂ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ସହଜ ବ୍ୟବସ୍ଥା କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ସେକ ମୁସ୍ତାକ, ସେକ ଏଜାଜୁଦ୍ଦିନ, ସେକ ଗଫାର, ସେକ ସାହିଦ, ସେକ ଆବାଦି ପ୍ରମୁଖ ପରିଚାଳନା ରେ ସହାୟତା କରିଥିଲେ ।

## ନିଖିଳ ଉତ୍କଳ ଖଡୁରା ସମାଜ କଲ୍ୟାଣ ପରିଷଦର ମେଧା ସମ୍ବର୍ଦ୍ଧନା ଉତ୍ସବ



**ବ୍ରହ୍ମପୁର,୨୦।୭ (ସଂଚାର ବ୍ୟୁରୋ):** ସଫଳତା କେବଳ ଯେ ଶିକ୍ଷା କ୍ଷେତ୍ରରେ ପ୍ରଯୋଜ୍ୟ ତାହା ନୁହେଁ, ବରଂ ସବୁକ୍ଷେତ୍ରରେ ନିଜର କିଛି ପାରଦର୍ଶିତା ପ୍ରଦର୍ଶନ କରିବା ହେଉଛି ସଫଳତାର ଅନ୍ୟ ଏକ ଦିଗ। ଏ ଦିଗରେ ଅଭିଭାବକମାନେ ନିଜ ନିଜ ପିଲାମାନଙ୍କୁ ପିଲାଟି ବେଳରୁ ଶିକ୍ଷା ଦେବା ଉଚିତ। ଯଦ୍ୱାରା ପରିବାରର ଜୀବନ ସାର୍ଥକ ହେବା ସହ ଜାତି ଏବଂ ମାଟି ପ୍ରତି ମମତା ବୃଦ୍ଧି ପାଇପାରିବ ବୋଲି ଆଜି ପୁରୁଣା ବ୍ରହ୍ମପୁର ରଙ୍ଗୁଣୀବନ୍ଧ ସାହିସ୍ଥିତ ଖଡୁରା କଲ୍ୟାଣ ମଣ୍ଡପରେ ଅୟୋଜିତ ନିଖିଳ ଉତ୍କଳ ଖଡୁରା ସମାଜ କଲ୍ୟାଣ ପରିଷଦର ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ.ସିଦ୍ଧାର୍ଥଶଙ୍କର ପାଢୀ ମତବ୍ୟକ୍ତ କରିଛନ୍ତି। ପରିଷଦର ରାଜ୍ୟ ଉପସଭାପତି ତଥା ବ୍ରହ୍ମପୁର ଖଡୁରା ସମାଜ କଲ୍ୟାଣ ପରିଷଦର ସଭାପତି ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଡାକ୍ତର ନିରଞ୍ଜନ ନାୟକ ଆଗକୁ ବଢିବାକୁ ହେଲେ ପିତା-ମାତାଙ୍କ ଆଜ୍ଞାଧୀନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗଞ୍ଜାମର ସମସ୍ତ ପେଣ୍ଠ ଏବଂ ବ୍ରହ୍ମପୁର ମହାନଗର ନିଗମ ରେ ଚଳିତ ମାଟ୍ରିକ ଏବଂ ଯୁକ୍ତଦୁଇ ପରୀକ୍ଷାରେ ସଫଳତାର ସହ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଉପଢୌକନ, ମାନପତ୍ର ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଜଣା ପିକଅପ୍ ଭ୍ୟାନ୍ ଓ ଅଟୋ ମୁହାଁମୁହିଁ ଧକ୍କା, ହେଲପର ମୃତ, ଡ୍ରାଇଭର ଗୁରୁତର



**ସାଲେପୁର,୨୦।୭ (ସଂଚାର ବ୍ୟୁରୋ):** ଆଜି କଟକ-ସାଲେପୁର ରାସ୍ତାରେ ଏକ ଦୁର୍ଘଟଣା ଘଟି ଅଟୋ ହେଲପରର ମୃତ୍ୟୁ ଘଟିଥିବାବେଳେ ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି କଟକ-ସାଲେପୁର ରାସ୍ତାର ନାଳିଆମୁହଁ ନିକଟରେ ଏକ ଅଟୋ ସହ ଅଜଣା ପିକଅପ୍ ଭ୍ୟାନ୍‌ର ଧକ୍କା ହେବା ଫଳରେ ଅଟୋ ଚାଳକ ଗୁରୁତର ଆହତ ହୋଇଥିବାବେଳେ ହେଲପରର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ଏକ ମାଲବାହୀ ଅଟୋ ନଂ-ଓ.ଆର.୦୬.ଜେ.୧୨୪୫ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବା ସମୟରେ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ଡାଲା ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଥିବାବେଳେ ଅଟୋରେ ଥିବା ହେଲପର ଢେଙ୍କାନାଳ ଅଞ୍ଚଳର ରାଣୀପାଳ ଅନ୍ତର୍ଯ୍ୟାମୀ ସାହୁଙ୍କ ପୁତ୍ର ସାଗର ସାହୁ(୩୦) ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଡ୍ରାଇଭରଙ୍କ ଅଦ୍ୟାବଧି କୌଣସି ପରିଚୟ ମିଳିନାହିଁ। ଦୁର୍ଘଟଣା ଘଟାଇଥିବା ପିକଅପ୍ ଭ୍ୟାନ୍ ଘଟଣା ସ୍ଥଳରୁ ଖସି ଚମ୍ପଟ ମାରିଛି। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଡାଲାଅଟୋକୁ ଜବତ କରିବା ସହ ଦୁର୍ଘଟଣାର ତଦନ୍ତ ଚାଲୁ ରଖିଛି।

## ଛାତ୍ରୀ ଆକ୍ରମଣ ଘଟଣାରେ ଜଣେ ଗିରଫ

- କଳା ପଲସରରେ ମୁଖାପିନ୍ଧା ୨ଜଣ ଗିରଫ କେବେ?
- ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତଜାରି

**କାକଟପୁର/ଅସ୍ତରଙ୍ଗ,୨୦।୭ (ସଂଚାର ବ୍ୟୁରୋ):** ଛାତ୍ରୀ ଆକ୍ରମଣ ଘଟଣାକୁ ୧୦ରୁ ଉର୍ଦ୍ଧ ଦିନ ବିତିଲା ପରେ ପୁଲିସ ଜଣେ ଅଭିଯୁକ୍ତକୁ ରବିବାର ଦିନ ଗିରଫ କରିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ କଳା ପଲସରରେ କଳାମୁଖାଧାରୀ ୨ ଜଣ କିଏ ପୁଲିସ ଟେର ପାଇନାହିଁ।



ଖବର ମୁତାବକ ଜୁଲାଇ ୧୦ ତାରିଖ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଠାରୁ ମାତ୍ର ୩ଶହ ମିଟର ଦୂରରେ ଦିନ ଦ୍ୱିପ୍ରହରରେ ଅଥବା ସକାଳ ୯ଘ ୩୦ମିନିଟ ରେ ୧୩ବର୍ଷୀୟ ନାବାଳିକା ସକାଳୁ ଟ୍ୟୁସନ ଯାଇ ଘରକୁ ଫେରୁଥିବା ବେଳେ ଅସ୍ତରଙ୍ଗ ପାର୍କ ନିକଟରେ ଦୁଇ ଯୁବକ କଳା ପଲସରରେ କଳାମୁଖା ପିନ୍ଧି ନାବାଳିକାକୁ ଆକ୍ରମଣ କରିଥିବା ଯାହା ବିଭିନ୍ନ ଗଣମାଧ୍ୟମରେ ଥାନା ସମ୍ମୁଖରେ ନାବାଳିକା ଛାତ୍ରୀ ପ୍ରତିକ୍ରିୟା ଦେଇଥିଲେ। ଯାହାକି ସ୍ଥାନୀୟ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କିଏସେ କଳାପଲସର ଧାରୀ, କିଏ କଳାମୁଖା ପିନ୍ଧା ଦୁର୍ବୃତ୍ତଙ୍କୁ ଧରିବାକୁ ଦାବୀ ହୋଇଥିଲା।

## ଆଇଆଇସିଙ୍କୁ ଧରି ପୁଣି ଛାଡି ଦେଲା ଭିଜିଲାନ୍ସ



**ନବରଙ୍ଗପୁର,୨୦।୭ (ସଂଚାର ବ୍ୟୁରୋ):** ଫେଲ ମାରିଲା ଭିଜିଲାନ୍ସ ମିଶନ । ବର୍ତ୍ତିଗଲେ ଆଇଆଇସି। ନବରଙ୍ଗପୁରରେ ଦେଖିବାକୁ ମିଳିଛି ଏଭଳି ଏକ ରୋଚକ ଦୃଶ୍ୟ। ବସରେ ଯାଉଥିବା ଆଇଆଇସିଙ୍କୁ ଧରି ପୁଣି କିଛି ସମୟ ପରେ ଛାଡି ଦେଇଛି ଭିଜିଲାନ୍ସ। ଯାହା ଚର୍ଚ୍ଚାର କେନ୍ଦ୍ର ପାଲଟିଛି । ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଆଇଆଇସି ଗୋପାଳ କୃଷ୍ଣ ଅଗୁପାତ୍ର କୌଣସି କାମ ନେଇ ବ୍ରହ୍ମପୁର ଯିବା ପାଇଁ ବରାଳ ଦେବୀ ନାମକ ଏକ ଘରୋଇ ବସରେ ପାପଡାହାଣ୍ଡି ଠାରେ ଚଢିଥିଲେ। ତେବେ ବସ ଅଳ୍ପ ବାଟ ଯିବା ପରେ ପାପଡାହାଣ୍ଡିସ୍ଥିତ ହନୁମାନ ମନ୍ଦିର ନିକଟରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜ ଯୋଜନା ମୁତାବକ ପାପଡାହାଣ୍ଡି ଠାରେ ଅପେକ୍ଷା କରିଥିବା ଭିଜିଲାନ୍ସ ଏକ ଟିମ ଆଇଆଇସି ଅଗୁପାତ୍ରଙ୍କୁ ବସରୁ ଓହ୍ଲାଇ ଭିଜିଲାନ୍ସ ଗାଡିରେ ବସାଇଥିଲେ । ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ କେହି କିଛି ବୁଝିବା ପୂର୍ବରୁ ଗାଡି ସହିତ କଳାହାଣ୍ଡି ରାସ୍ତା ଅଭିମୁଖେ ଆଇଆଇସିଙ୍କୁ ନେଇଥିଲେ। ଗିରଫର କାରଣ ନେଇ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ବେଳେ ପୁଣି ଆଇଆଇସିଙ୍କ ଠାରୁ କିଛି ମିଳିନଥିବାରୁ ଛାଡିଦେଇଥିବା ଭିଜିଲାନ୍ସ ତରଫରୁ ସୂଚନା ମିଳିଛି । କାହିଁକି ତାଙ୍କୁ ନେଇଥିଲେ କେଉଁ କାରଣରୁ ଛାଡି ଦେଲେ ତାହାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

### ବନ୍ୟାବିପନ୍ନଙ୍କ ଦୁଃଖ ବୁଝିଲା ନାହିଁ ପ୍ରଶାସନ

## ମାନବିକତା ଦେଖାଇଲେ ସରପଞ୍ଚ



**ଆଳି,୨୦।୭ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ୧୭ ପଞ୍ଚାୟତ ୭ ଦିନ ଧରି ପାଣି ଘେରରେ ଥିବା ବେଳେ ଭୁଇଁପୁର ପଞ୍ଚାୟତର ୧ ନମ୍ବର ୱାଡ କଳମଡ଼ା ଶାସନ ଏବେ ପାଣି ଘେର ରହିଛନ୍ତି। ଅପରପକ୍ଷେ ବନ୍ୟାକୁ ୭ ଦିନ ବିତିଥିଲେ ମଧ ପ୍ରଶାସନ ଏମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାହାକୁ ନେଇ ଗ୍ରାମବାସୀମାନେ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକଟ କରିଛନ୍ତି। ଅନ୍ୟପଟେ ସରପଞ୍ଚ ରେଶ୍ମା ରାଣୀ ମଲିକ ଲୋକଙ୍କ ଦୁଃଖ ବୁଝି ମାନବିକତା ଦେଖାଇ ୧୦୦ରୁ ଉର୍ଦ୍ଧ ଘର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରି ପହଞ୍ଚି ଥିଲେ। ଭୂଇଁପୁର ପଞ୍ଚାୟତ ଅଧୀନରେ ଥିବା ନଦୀନାଳ ଘେରା କଳମଡା ଶାସନ ଗାଁରେ ଭୋଟ ଯୋଗେ ସ୍ଥାନୀୟ ସରପଞ୍ଚ ରେସ୍ମାରାଣୀ ମଲ୍ଲିକ ଓ ତାଙ୍କ ସହଯୋଗୀ ଅରୁପ ପରିଡ଼ା, ସତ୍ୟରଞ୍ଜନ ବିଶ୍ୱାଳ, ଉଷାକାନ୍ତ ସାମଲ, ବିନୋଦ ଜେନା,ପ୍ରଶାନ୍ତ ବିଶ୍ୱାଳ,ଅଜୟ ଶତପଥୀ ପ୍ରମୁଖଙ୍କୁ ନେଇ ବନ୍ୟା ଘେରରେ ଥିବା ଲୋକମାନଙ୍କ ଦୁଃଖ ଦୁର୍ଦଶା ବୁଝିବା ସହ ସରକାରଙ୍କୁ ଅନୁରୋଧ କରିଛନ୍ତି ଯଥା ଶୀଘ୍ର ରିଲିଫ ସହ ପାନୀୟ ଜଳ, ଯୋଗାଇ ପାଇଁ ।

ଅନ୍ୟ ପଟେ ଯଦି କହିବା ପାନୀୟ ଜଳ କଥା ପ୍ରାୟତଃ ସବୁ ନଳକୂପ ପାଣିରେ ବୁଡ଼ି ରହିଥିବାରୁ ଦୂଷିତ ଜଳ ବ୍ୟବହାର ଯୋଗୁ ଆଗାମୀ ଦିନ ପାଇଁ ହଇଜା ରୋଗରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ସରପଞ୍ଚ ଶ୍ରୀମତୀ ମଲିକ ଏଥି ପ୍ରତି ପ୍ରଶାସନର ଧାନ ଦେବା ଆବଶ୍ୟକ ରହିଛି ମତ ପ୍ରକାଶ କରିଛନ୍ତି।

## ଅବିଭକ୍ତ କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଂଗଠନ ବୈଠକ ଏବଂ କର୍ମକର୍ତ୍ତା ମନୋନୀତ

**କୋରାପୁଟ,୨୦।୭ (ସଂଚାର ବ୍ୟୁରୋ):** ଜୟପୁର ପାୱାରହାଉସ ସମ୍ମିଳନୀ ଗୃହ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଂଗଠନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି।ନିର୍ମଳ ବାଘଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ କୃଷ୍ଣ ଖିଲଙ୍କୁ ମନୋନୀତ କରାଯାଇଛି ।ଅନ୍ୟ କର୍ମକର୍ତ୍ତା ମାନେ ହେଲେ ଗୌରୀ ଜେନା (ଉପସଭାପତି),ତ୍ରିନାଥ ନାୟକ(ଯୁଗ୍ମ ସମ୍ପାଦକ),ତପନ ରଥ(କୋଷାଧ୍ୟକ୍ଷ)ଏବଂ ମହେନ୍ଦ୍ର ବିଶୋଇ (ଯୁଗ୍ମ କୋଷାଧ୍ୟକ୍ଷ)। କୋରାପୁଟ ଜିଲ୍ଲାର ବରିଷ୍ଠ ଆଇନଜୀବୀ ମୋତି ରଞ୍ଜନ ବେହେରାଙ୍କୁ ଆଇନ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପାଇକ ଓ ଅର୍ଜୁନ ନାୟକ ଯୋଗଦେଇ ବୈଠକକୁ ପରିଚାଳନା କରିଥିଲେ।ଆଗାମୀ ଦିନରେ ସଙ୍ଘ କିଭଳି ମଜବୁତ ହେବ ସେ ସମ୍ପର୍କରେ ନୂତନ ଭାବେ ମନୋନୀତ ହୋଇଥିବା କାର୍ଯ୍ୟକର୍ତା ଏବଂ ସମସ୍ତ ଗୃହରକ୍ଷୀ ଆଲୋଚନା କରିଥିଲେ।



### ବଳଦେବଜୀଉଙ୍କ ରଥଯାତ୍ରା ବିଭ୍ରାଟ ଘଟଣା

## ପରିଚାଳନା ସମିତିର ସମୀକ୍ଷା ବୈଠକ ଅନୁଷ୍ଠିତ



**କେନ୍ଦ୍ରାପଡ଼ା,୨୦।୭ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଗତ ତିନିବର୍ଷ ଧରି ଶ୍ରୀ ଗୁଣ୍ଡିଚା ଓ ବାହୁଡା ରଥଯାତ୍ରାରେ ଚରମ ବିଶୃଙ୍ଖଳା ଓ ରଥ ବାରମ୍ବାର ବାମ ମୋଡ ନେବା ଘଟଣାକୁ ନଇ ପରିଚଳନା ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚଳନା ସମିତିର ସଭାପତି ତଥା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟ ସଦସ୍ୟ ନବକୃଷ୍ଣ ଜେନା, ଏସଡିପିଓ ଜ୍ୟୋତି ରଂଜନ ଗୌଡ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ବତନ ପୌରପାଳ ତଥା ଟ୍ରଷ୍ଟି ଧିରେନ ସାହୁ, ପଣ୍ଡିତ ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ରଥ ନିର୍ମାଣ ଦାୟିତ୍ୱରେ ଥିବା ବିଶ୍ୱକର୍ମା ମହାରଣା ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଭ୍ରାଟ ଓ ବିଳମ୍ବ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲେଚନା କରିଥିଲେ।

କେନ୍ଦ୍ରାପଡାର ପରମ୍ପରା ଅନୁଯାଇ ଶ୍ରୀ ଗୁଣ୍ଡିଚା ଦୁଇ ଦିନ ଓ ବାହୁଡା ଦୁଇ ଦିନରେ ରଥ ଟଣା ଶେଷ ହେଉଥିବା ବେଳେ ଚଳିତ ବର୍ଷ ଚାରି ଚାରି ଦିନ ରଥଟଣା ଲାଗି ରହିବାରୁ ଜନ ଜନସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଆଗକୁ ଯେପରି ଏଭଳି ବିଭ୍ରାଟ ନହୁଏ ସେଥିପାଇଁ ରଥ ନିର୍ମାଣ ଠାରୁ ରଥ ଟଣା ହେବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ବୈଠକରେ ନିଷ୍ପତି ନିଆଯାଇଛି । ରଥଯାତ୍ରା ପରିଚାଳନା ପାଇଁ ଗୋଟିଏ କମିଟି ଓ ରଥ ନିର୍ମାଣ ତଦାରଖ ପାଇଁ ଅନ୍ୟ ଏକ କମିଟି ଗଠନ କରାଯାଇ ଅଭିଜ୍ଞ ବ୍ୟକ୍ତି ମାନଙ୍କ ମାଧ୍ୟମରେ କାର୍ଯ୍ୟ ସଂପାଦନ କରାଯିବ ବୋଲି ନିଷ୍ପତି ନିଆଯାଇଛି ।

## ଡିଜିଟାଲ କରେନ୍ସି ସମ୍ପର୍କିତ ସଚେତନତା ଶିବିର

**କେନ୍ଦ୍ରାପଡା,୨୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ଆନୁକୂଲ୍ୟରେ ଡିଜିଟାଲ କରେନ୍ସି ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନାରେ ହିତାଧିକାରୀ ମାନଙ୍କୁ ସିବିଡିସି କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିଟାଲ ଟଙ୍କା ପ୍ରଦାନ କରାଯିବା ସଂପର୍କରେ ହିତାଧିକାରୀ ମାନଙ୍କୁ ସଚେତତା କରାଇଥିଲେ ।

## ଯୁବକଙ୍କ ଅପମୃତ୍ୟୁ, ପରିବାର କଲେ ଚକ୍ଷୁଦାନ



**ଡେରାବିଶ,୨୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର କେଶରପୁର ଗ୍ରାମର ଗୋପବନ୍ଧୁ ଦାଶଙ୍କ ପୁଅ ରଶ୍ମିରଞ୍ଜନ (୨୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଭଳି ଦୁଃଖଦ ଘଟଣା ଘଟିଯାଇଛି। ସେ ଅନୁଗୋଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତକାଲି ସେ ଛୁଟିରେ ଘରକୁ ଆସିଥିଲେ। ହେଲେ ରାତିରେ କୌଣସି କାରଣରୁ ତାଙ୍କ ଶୋଇବା ଘରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଅଭିଯୋଗ ପାଇବା ପରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପଞ୍ଚନାମା କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକେ କଜଳା ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ତେବେ ଯୁବକଙ୍କ ମୃତ୍ୟୁପରେ ତାଙ୍କର ପରିବାର ଲୋକ ତାଙ୍କ ଆଖିଦୁଇଟିକୁ ଦାନ କରି ଦୁଇଜଣ ଅନ୍ଧଙ୍କୁ ଚକ୍ଷୁଷ୍ମାନ କରାଇଛନ୍ତି।

## ସୂଚନା ଫଳକ ନାହିଁ, ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ରାସ୍ତାକାମ

**ନିଶ୍ଚିନ୍ତକୋଇଲି,୨୦।୭ (ସଂଚାର ବ୍ୟୁରୋ):** ଅନୀତି ଦୁର୍ନୀତିର ଗନ୍ତାଘର କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଅଧିନରେ ଥିବା ବିଭିନ୍ନ ଗ୍ରାମ ପଞ୍ଚାୟତରେ ନୂଆ ସରକାରଙ୍କ ଅସିବା ଦିନ ଠାରୁ ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ଦୂର୍ନିତି ବାରିହୋଇ ପଡୁଥିବା ସ୍ଥଳେ ବ୍ଲକ୍ ଅଫିସରେ ଦୀର୍ଘ ବର୍ଷ ହେବ ଗାଦି ମାଡ଼ି ବସିଥିବା ଯନ୍ତ୍ରୀ ମହୋଦୟାଙ୍କ ଦାୟିତ୍ୱରେ ଥିବା ପଞ୍ଚାୟତ ମାନଙ୍କରେ ଦିନକୁ ଦିନ ଦୁର୍ନୀତି ବଢ଼ି ଚାଲିଥିବା ଅଭିଯୋଗ ହୋଇ ଆସୁଥିଲେ ମଧ ନା ତତ୍ପର ଉଚ୍ଚ ପଦସ୍ଥ ଅଧିକାରୀ ନା ସ୍ଥାନୀୟ ବିଧାୟକ।



ତେବେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଫୋଗୋଲ ଗ୍ରାମ ପଞ୍ଚାୟତ ୫ନଂ ୱାର୍ଡ ଦାସ ସାହି ରାସ୍ତା ଦୀର୍ଘ ବର୍ଷ ହେବ ଅବ୍ୟବସ୍ଥା ଘେରରେ ଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଏବେ ଉକ୍ତ ରାସ୍ତା କାର୍ଯ୍ୟର ଶୁଭା ଆରମ୍ଭ ହୋଇଥିବା ଦେଖିବା ପାଇଁ ମିଳିଛି। କିନ୍ତୁ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନରେ ରାସ୍ତା ଉପରେ ପୂର୍ବରୁ ପଡ଼ିଥିବା ଗୋଡି, ମେଟାଲ୍‌କୁ ତାଡି ପୁର୍ନବାର ଉକ୍ତ ପୁରୁଣା ଗୋଡି, ମେଟାଲ ରାସ୍ତା କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସହିତ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନଥିବା ଅଭିଯୋଗ ହୋଇଛି। ଏପରିକି କାର୍ଯ୍ୟ ସ୍ଥଳରେ ପ୍ରଶାସନିକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତକୁ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

ଅପର ପକ୍ଷରେ ସ୍ଥାନିୟ ଜନପ୍ରତିନିଧି ଜଣଙ୍କ ତାଙ୍କ ସମର୍ଥକ ମାନଙ୍କୁ ଲଗାଇ କାର୍ଯ୍ୟ କରୁଥିବା କୁହାଯାଉଛି। ତେବେ ଏଥିପ୍ରତି ସ୍ଥାନୀୟ ବିଧାୟକଙ୍କ ସମେତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ଦାବୀ ହୋଇଛି।

## ସମାଜସେବୀଙ୍କ ବନ୍ଧୁମିଳନ ଓ ଚାରାରୋପଣ କାର୍ଯ୍ୟକ୍ରମ



**ନାଉଗାଁ,୨୦।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ସାଧୁଗୋସ୍ୱାମୀ ପୀଠ ପରିସରରେ ଏକ ବନ୍ଧୁମିଳନ ଉତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ସାମାଜସେବୀଙ୍କ ଦ୍ୱାରା ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ବିନୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ଦୀପକ କୁମାର ବିଶ୍ୱାଳ ଯୋଗ ଦେଇ ଚାରାରୋପଣ କରିଥିଲେ। ପରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଯୋଗ ଦେଇ ଆମ ଅଞ୍ଚଳରେ ରହୁଥିବା ଅସହାୟ, ଅବହେଳିତ ଜନସାଧାରଣଙ୍କୁ କିପରି ସହଯୋଗର ହାତ ବଢ଼ାଇବା ଏହା ଉପରେ ମତବ୍ୟକ୍ତ କରିଥିଲେ। ତାଙ୍କ ସହିତ ଭିକାରୀ ସ୍ୱାଇଁ, ପ୍ରକାଶ ଜେନା, ସହଦେବ ପାଳ, ଦୀପକ ଜେନା, ବିବେକାନନ୍ଦ ବାରିକ, ନିତ୍ୟାନନ୍ଦ ବିଶ୍ୱାଳ, ଗଣେଶ କୁମାର ମୁଦୁଲି ଆଦି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before the Excutive Magistrate, Bhubaneswar, I Mr. Prabhat Kumar Sahoo, At - Happy colony, P.O/P.S- Gop, Dist-Puri, PIN- 752110 declare that I have changed the name of my daughter from SNESHASHREE PRABHA SAHOO to SNEHASHREE PRABHA SAHOO.

Henceforth she shall be known as SNEHASHREE PRABHA SAHOO for all purposes.

**Prabhat Kumar Sahoo**

# ୨୬ ବର୍ଷ ପରେ କାର୍ଯ୍ୟକ୍ଷମ ହେବ ଶାରଳା ସୂତାକଳ




- ସ୍ଥାପିତ ହେବ ଟେକ୍ସଟାଇଲ୍ କ୍ଲଷ୍ଟର୍
- ସ୍ଥିତି ଅନୁଧ୍ୟାନ କରିସାରିଛନ୍ତି ଶିଳ୍ପ ମନ୍ତ୍ରୀ

**ଜଗତସିଂହପୁର,୨୦।୭(ସଂଚାର ବ୍ୟୁରୋ):** ୨୬ ବର୍ଷ ଧରି ବନ୍ଦ ପଡ଼ିଥିବା ତିର୍ତ୍ତୋଲ ଶାରଳା ସୂତାକଳ ନୂଆ ରୂପରେ କାର୍ଯ୍ୟକ୍ଷମ ହେବ। ଉକ୍ତ ସ୍ଥାନରେ ରାଜ୍ୟ ସରକାର ଟେକ୍ସଟାଇଲ କ୍ଲଷ୍ଟର୍ ପ୍ରତିଷ୍ଠା କରିବେ। ଫଳସ୍ୱରୂପ ସ୍ଥାନୀୟ ଲୋକଙ୍କୁ ଘର ପାଖରେ କାମ ମିଳିପାରିବ। ବିଗତ ଦିନରେ କେବଳ ନିର୍ବାଚନୀ ପ୍ରସଙ୍ଗ ଭିତରେ ସୀମିତ ହୋଇ ରହିଯାଇଥିବା ଶାରଳା ସୂତାକଳର ପୁନର୍ବିନ୍ୟାସ ପାଇଁ ଶିଳ୍ପମନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ଲୋକେ ଖୁସି ପ୍ରକାଶ କରିଛନ୍ତି।

ଏହା ଫଳରେ ତିର୍ତ୍ତୋଲବାସୀଙ୍କ ମୁହଁରେ ହସ ଫୁଟିଛି। କାରଣ ଦୀର୍ଘ ୨୬ ବର୍ଷ ପରେ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନାଉସିରାଠାରେ ଅଶୀ ଦଶକରେ ପ୍ରତିଷ୍ଠା ହୋଇଥିବା ଶାରଳା ସୂତାକଳ ପୁଣିଥରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଗତ ୧୯୯୯ ମହାବାତ୍ୟାରେ ଏହି ସୂତାକଳ କ୍ଷତିଗ୍ରସ୍ତ ହେବା ଫଳରେ ପରବର୍ତ୍ତୀ ସମୟରେ ବନ୍ଦ ହୋଇଯାଇଥିଲା। ଫଳସ୍ୱରୂପ ପ୍ରାୟ ଦେଢ଼ ହଜାର କର୍ମଚାରୀ ବେକାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଦାଦନ ଯିବାକୁ ବାଧ୍ୟ ହୋଇଥିଲେ। ଏପରିକି କେତେକ ସେମାନଙ୍କ ଇପିଏଫ ଟଙ୍କାକୁ ଅନେଇ ଅନେଇ ଆରପାରିକୁ ଚାଲିଗଲେଣି। ଏହା ସତ୍ତ୍ୱେ ସ୍ଥାନୀୟ ଲୋକେ ଏହି ସୂତାକଳ ଚାଲୁ କରିବା ସକାଶେ ନିୟମିତ ଭାବେ ଦାବି କରିଆସୁଥିଲେ। କିନ୍ତୁ ଶାରଳା ସୂତାକଳ ପୁନରୁଦ୍ଧାର କେବଳ ଏକ ନିର୍ବାଚନୀ ପ୍ରସଙ୍ଗ ହୋଇ ରହିଯାଇଥିଲା। ଯେତେବେଳେ ନିର୍ବାଚନ ଆସୁଥିଲା, ସେତେବେଳେ ନେତାଙ୍କ ମୁହଁରେ ଏହାର ପୁନରୁଦ୍ଧାର ପ୍ରସଙ୍ଗ ଆସୁଥିଲା ଓ ନେତାଏ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ସକାଶେ ଉଦ୍ୟମ କରୁଥିଲେ।

କିନ୍ତୁ ଗତବର୍ଷ ରାଜ୍ୟରେ ସରକାର ବଦଳିବା ପରେ ତିର୍ତ୍ତୋଲବାସୀଙ୍କ ବହୁ ଦିନର ଦାବି ପୂରଣ ହେବା ନେଇ ଆଶା ଜାଗିଥିଲା। ଶାରଳା ସୂତାକଳ ସ୍ଥାନରେ ଏକ ଆଧୁନିକ ତଥା ଶ୍ରମିକ କୈନ୍ଦ୍ରିକ ବୟନ ଓ ପୋଷାକ ଶିଳ୍ପ ବା ଟେକ୍ସଟାଇଲ କ୍ଲଷ୍ଟର ପ୍ରତିଷ୍ଠା ପାଇଁ ସରକାର ମନସ୍ଥ କରିଛନ୍ତି। ଉତ୍କର୍ଷ ଓଡ଼ିଶା କନକ୍ଲେଭ-୨୦୨୫ରେ ମଧ୍ୟ ଶାରଳା ସୂତାକଳ ସ୍ଥାନରେ ପୁଞ୍ଜିନିବେଶ ପାଇଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପସଂସ୍ଥା ବେଶ୍ ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା। ଏହାଛଡ଼ା ଜଗତସିଂହପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମଧ୍ୟ ଶିଳ୍ପମନ୍ତ୍ରୀ କହିଛନ୍ତି। ଏହି କ୍ରମରେ ଗତ ସପ୍ତାହରେ ଇଡ୍କୋ ଅଧିକାରୀ, ଜଗତସିଂହପୁର ଜିଲ୍ଲାପାଳ, ତିର୍ତ୍ତୋଲ ତହସିଲଦାର ପ୍ରମୁଖଙ୍କୁ ସାଥିରେ ନେଇ ଶିଳ୍ପ ମନ୍ତ୍ରୀ ଭିତ୍ତିଭୂମି ପରଖିଛନ୍ତି। ଏଥିସହ ଶାରଳା ସୂତାକଳ ପରେ ରାହାମା ସୂତାକଳର ପୁନରୁଦ୍ଧାର ଉପରେ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଓଟିଇଟି ପରୀକ୍ଷା ବନ୍ଦରେ ପରୀକ୍ଷାର୍ଥୀ ନିରାଶ

## ଦୂରଦୂରାନ୍ତରୁ ଆସିଥିବା ପରୀକ୍ଷାର୍ଥୀଙ୍କ କ୍ଷୋଭ



**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଓଟିଇଟି ପରୀକ୍ଷା ହେବା ସକାଶେ ଧାର୍ଯ୍ୟ ହୋଇଥିଲେ ହେଁ ଗତକାଲି ବିଳମ୍ବିତ ରାତିରେ ସରକାର ଏହାକୁ ସ୍ଥଗିତ ରଖିଛନ୍ତି। ତେବେ ଏଥିରେ ନିରାଶ ହୋଇଛନ୍ତି ହଜାର ହଜାର ପରୀକ୍ଷାର୍ଥୀ। ରାଜ୍ୟରେ କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଏହି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଉଦ୍ଦିଷ୍ଟ ହୋଇଥିବା ବେଳେ ଏଥିରେ ପାଖାପାଖି ୭୫ ହଜାର ଶିକ୍ଷକଶିକ୍ଷୟିତ୍ରୀ ଉପନୀତ ହୋଇଥାନ୍ତେ। ପେପର୧ ଓ ପେପର୨ରେ ପରୀକ୍ଷା ହୋଇଥାନ୍ତା। କିନ୍ତୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କାରଣରୁ ପରିଚାଳନା ଦାୟିତ୍ୱରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ଏହାକୁ ସ୍ଥଗିତ ରଖିଛି। ଏହି ପରୀକ୍ଷା ସକାଳ ୯ଟାରୁ ସାଢ଼େ ୧୧ଟା ପେପର୧ ଓ ଅପରାହ୍ନ ୨ଟାରୁ ସାଢ଼େ ୪ଟା ପେପର ୨ ପରୀକ୍ଷା ହୋଇଥାନ୍ତା। ଅର୍ଥାତ୍ ପରୀକ୍ଷାଟି ଦୁଇଟି ସିଟିଂରେ ହେବାର ଥିଲା। ତେବେ ଅଚାନକ ସରକାରଙ୍କ ଏପରି ଘୋଷଣାରେ ପରୀକ୍ଷାର୍ଥୀମାନେ ନିରାଶ ହୋଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ପ୍ରଶ୍ନପତ୍ର ଛପାଯିବା ସ୍ଥଳରୁ ହିଁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ କେହି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ତୁରନ୍ତ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ର ପ୍ରକୃତ ପ୍ରଶ୍ନପତ୍ର ସହ ମେଳ ଖାଇବା ପରେ ପରିଷଦ ଶେଷ ମୁହୂର୍ତ୍ତରେ ଆଜି ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟିକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ବିଳମ୍ବିତ ରାତିରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ପରିଷଦ ସଭାପତି ଶ୍ରୀକାନ୍ତ ତରାଇ। ଫଳସ୍ୱରୂପ ଦୂରଦୂରାନ୍ତରୁ ଆସିଥିବା ପରୀକ୍ଷାର୍ଥୀମାନେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଓଟିଇଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ସେଠାରେ ଆଜି ସକାଳୁ ପରୀକ୍ଷା ଦେବା ସକାଶେ କେତେକ ପରୀକ୍ଷାର୍ଥୀ ପହଞ୍ଚିଥିଲେ। କିନ୍ତୁ ଫାଟକରେ ପରୀକ୍ଷା ବାତିଲ ନେଇ ନୋଟିସ ଲଗାଯାଇଥିବା ଦେଖିବାକୁ ପାଇବା ପରେ କେତେକ ପରୀକ୍ଷାର୍ଥୀ ହୋହାଲ୍ଲା କରିଥିଲେ। ଦୂରଦୂରାନ୍ତରୁ ଆସି ରାତିରେ ହୋଟେଲରେ ରହି ଖର୍ଚ୍ଚାନ୍ତ ହୋଇ ସକାଳୁ ପରୀକ୍ଷା ବାତିଲ ହୋଇଥିବାରୁ ସେମାନେ ନିଜ କ୍ରୋଧକୁ ନିୟନ୍ତ୍ରଣ କରିପାରିନଥିଲେ। ତେବେ ଏହି ପରୀକ୍ଷା ପୁନର୍ବାର କେବେ ହେଉଛି, ତାହା ଦେଖିବାର କଥା।

# ସାମ୍ବାଦିକଙ୍କୁ ସହଯୋଗ ହାତ ବଢ଼ାଇଲେ ଧର୍ମେନ୍ଦ୍ର



**ସମ୍ବଲପୁର,୨୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଦୁର୍ଘଟଣାରେ ଆହତ ହୋଇ ବୁର୍ଲା ସୁପର୍ ସ୍ପେଶାଲିଷ୍ଟ୍ ହସ୍ପିଟାଲ୍‌ରେ ଆଇସିୟୁରେ ଥିବା ସାମ୍ବାଦିକ ନବୀନ ଦାସଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଅଧିକ ଚିକିତ୍ସା ପାଇଁ ତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ସକାଶେ କେନ୍ଦ୍ର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ସାମ୍ବାଦିକ ଶ୍ରୀ ଦାସ ଓ ତାଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

# ବଳାତ୍କାର ଅଭିଯୋଗରେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

**ରାୟଗଡ଼ା,୨୦।୭ (ସଂଚାର ବ୍ୟୁରୋ):** ରାୟଗଡ଼ା ଅଗ୍ନିଶମ ବିଭାଗର ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ବଳାତ୍କାର ମାମଲାରେ ରାୟଗଡ଼ା ଟାଉନ ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ପରେ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି। ଜଣେ ମହିଳାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ୨୫୫/୨୫ରେ ମାମଲା ରୁଜୁ କରିବା ସହ ଶ୍ରୀ ବେହେରାଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ଯେ ରାୟଗଡ଼ାରେ ପ୍ରାୟ ଦୁଇ ବର୍ଷ ହେଲା ଶ୍ରୀ ବେହେରା ଜନୈକ ବିବାହିତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏଥିସହ ସେ ଉକ୍ତ ମହିଳାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ମହିଳା ଜଣଙ୍କ ଦୁଇଟି ସନ୍ତାନର ମା' ହୋଇଥିବା ବେଳେ ସେ ରବିବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ୟୁଏଲ୍‌ବିଗୁଡ଼ିକରେ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର,୨୦।୭(ସଂଚାର ବ୍ୟୁରୋ):** ନାଗରିକ-କୈନ୍ଦ୍ରିକ ସହରାଞ୍ଚଳ ଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ଗୁଡ଼ିକରେ ବିଚାରାଧୀନ ଥିବା ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଏକ 'ଉତ୍ସର୍ଗୀକୃତ ସ୍ୱତନ୍ତ୍ର ଅଭିଯାନ' ଘୋଷଣା କରାଯାଇଛି। ଏଥିପାଇଁ ଆଜିଠାରୁ ଏହି ଅଭିଯାନ ଆରମ୍ଭ ହୋଇଛି, ଯାହାକି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପାଞ୍ଚଦିନିଆ ଜନଶୁଣାଣି, କେନ୍ଦ୍ରୀକୃତ ଜନ ଅଭିଯୋଗ ସମାଧାନ ଓ ମନିଟରିଂ ସିଷ୍ଟମ (ସିପିଜିଆରଏଏମଏସ), ୟୁଏଲବି ସ୍ତରୀୟ ହେଲ୍ପଡେସ୍କ ସମେତ ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ନାଗରିକଙ୍କଠାରୁ ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ଉପରେ ଧ୍ୟାନ ଦିଆଯିବ। ସମସ୍ତ ପୌର ନିଗମ କମିଶନର ଓ ପୌରପାଳିକା ତଥା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଆବଶ୍ୟକ ଦଳ ଗଠନ କରିବା, ଅଭିଯୋଗ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଓ ଏହି ସମୟ ମଧ୍ୟରେ ସମସ୍ତ ବ୍ୟାକ୍‌ଲଗ୍ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ପ୍ରତିକ୍ରିୟାଶୀଳ ଓ ଉତ୍ତରଦାୟୀ ସହରାଞ୍ଚଳ ସେବା ପ୍ରଦାନ ପ୍ରତି ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ପରିମଳ, ଜଳ ଯୋଗାଣ, ଷ୍ଟ୍ରିଟ୍ ଲାଇଟ୍, ଡ୍ରେନେଜ୍, ବର୍ଜ୍ୟ ପରିଚାଳନା, ବିଲ୍ଡିଂ ଯୋଜନା ଅନୁମୋଦନ ଏବଂ ଅନ୍ୟାନ୍ୟ ନାଗରିକ ସେବା ସମ୍ବନ୍ଧୀୟ ସମସ୍ୟାର ସମୟୋଚିତ ସମାଧାନ ମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି। ବିଭାଗ ପକ୍ଷରୁ ସମସ୍ତ ୟୁଏଲବିକୁ ଆସନ୍ତା ୨୯ ତାରିଖ ସୁଦ୍ଧା ଏହି ଅଭିଯାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ (ଏଟିଆର) ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା, ସିଷ୍ଟମସ୍ତରୀୟ ଉନ୍ନତି ଓ ନାଗରିକଙ୍କ ମତାମତ ଉପରେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏହି ସ୍ୱତନ୍ତ୍ର ଅଭିଯାନ ଗୁଣାତ୍ମକ ସେବା ପ୍ରଦାନ କରିବା ଏବଂ ସହରାଞ୍ଚଳରେ ଶେଷ-ମାଇଲ ଶାସନ ସୁନିଶ୍ଚିତ କରିବା ପାଇଁ ଆମର ନିରନ୍ତର ପ୍ରୟାସର ଏକ ଅଂଶ। ଅଧିକ ସୂଚନା ପାଇଁ, ନାଗରିକମାନଙ୍କୁ ସେମାନଙ୍କ ସ୍ଥାନୀୟ ୟୁଏଲବି କାର୍ଯ୍ୟାଳୟ ପରିଦର୍ଶନ କରିବାକୁ କିମ୍ବା ସରକାରୀ ଯୋଗାଯୋଗ ମାଧ୍ୟମ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।

# ପୁରୀ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅନୁଧ୍ୟାନ କଲେ ରେଳ ରାଷ୍ଟ୍ର ମନ୍ତ୍ରୀ



**ପୁରୀ,୨୦।୭(ସଂଚାର ବ୍ୟୁରୋ):** କେନ୍ଦ୍ର ରେଳ ଓ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନା ଆଜି ପୁରୀ ରେଳ ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରୂପାନ୍ତରଣ କରାଯାଉଥିବା ପୁନର୍ବିକାଶ କାର୍ଯ୍ୟର ନୀରିକ୍ଷଣ କରିଛନ୍ତି। ସେ ରେଳ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ୨୦୨୫ ରେଳ ବଜେଟରେ ଓଡ଼ିଶା ପାଇଁ ୧୦ ହଜାର ୫୯୯ କୋଟି ଟଙ୍କା ମଞ୍ଜୁର କରାଯାଇଛି, ଯାହାକି ଗତ ୨୦୦୯-୧୪ ପଞ୍ଚବାର୍ଷିକ ତୁଳନାରେ ପାଖାପାଖି ସାଢ଼େ ୧୨ ଗୁଣ ଅଧିକ। ସମ୍ପ୍ରତି ରାଜ୍ୟର ୫୯ଟି ଷ୍ଟେସନର ପୁନର୍ବିକାଶ ୨୩୭୯ କୋଟି ଟଙ୍କା ବ୍ୟୟରେ କରାଯାଉଛି ଓ ପ୍ରାୟ ୮୦ ହଜାର କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଜ୍ୟରେ ଚାଲୁ ରହିଛି। ଗତ ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ଅଭୂତପୂର୍ବ ଅଭିବୃଦ୍ଧି ପାଇଛି, ଯେଉଁଥିରେ ନୂତନ ରେଳ ଲାଇନ ନିର୍ମାଣ, ଟ୍ରାକ୍ ଦୋହରୀକରଣ ଏବଂ ଯାତ୍ରୀ ସୁବିଧା ବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୋମାନ୍ନା କହିଛନ୍ତି। ସେହିପରି 'ବନ୍ଦେ ଭାରତ ଏକ୍ସପ୍ରେସ' ଭଳି ଆଧୁନିକ ଟ୍ରେନର ପ୍ରଚଳନ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଅଂଶକୁ ବନ୍ଦେ ଭାରତ ଏକ୍ସପ୍ରେସ ସଂଯୋଗ କରୁଛି ଓ ଆଞ୍ଚଳିକ ସଂଯୋଗୀକରଣ ଏବଂ ବିକାଶକୁ ଆହୁରି ବୃଦ୍ଧି କରୁଛି। ରୂପାନ୍ତରିତ ପୁରୀ ଷ୍ଟେସନରେ 'ୱାନ ଷ୍ଟେସନ ୱାନ ପ୍ରଡକ୍ଟ' ଷ୍ଟଲ ଉପଲବ୍ଧ କରାଯାଇ ସ୍ଥାନୀୟ ପ୍ରଡକ୍ଟକୁ ପ୍ରୋତ୍ସାହନ ଦିଆଯିବା ସହ ଏଥିରେ ଉନ୍ନତ ପ୍ରବେଶ, ଆଧୁନିକ ପ୍ରତୀକ୍ଷା ହଲ୍, ଲିଫ୍ଟ/ଏସ୍କେଲେଟର, ଏକଜିକ୍ୟୁଟିଭ୍ ଲାଉଞ୍ଜ, ସ୍ଥାନୀୟ ବୈଶିଷ୍ଟ୍ୟ ଏବଂ କିଓସ୍କ ସମେତ ବିଭିନ୍ନ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରାଯିବ ବୋଲି ଶ୍ରୀ ସୋମାନ୍ନା କହିଛନ୍ତି। ଏହି ଅନୁଧ୍ୟାନ ସମୟରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ସହ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବିଏସ୍ ରାଜକୁମାର, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଏଜି ଶ୍ରୀନିବାସଙ୍କ ସହ ଅନ୍ୟାନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଦୋକାନୀ ଗିରଫ



**ସାକ୍ଷୀଗୋପାଳ,୨୦।୭ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଗତକାଲି ମଧ୍ୟାହ୍ନରେ ଜନୈକ ୫ମ ଶ୍ରେଣୀରେ ପଢ଼ୁଥିବା ୧୦ ବର୍ଷୀୟା ନାବାଳିକାଙ୍କୁ କୁର୍‌କୁରେ ଲୋଭ ଦେଖାଇ ଦୋକାନ ଭିତରେ ବଳାତ୍କାର କରାଯାଇଥିବା ନେଇ ଆଜି ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ଗ୍ରାମର ଏକ ଦୋକାନକୁ ମସଲା ଆଣିବାକୁ ଯାଇଥିବା ସମୟରେ ୫୩ ବର୍ଷୀୟ ଦୋକାନୀ ଜଣଙ୍କ ତାଙ୍କୁ ଦୁଇ ପ୍ୟାକେଟ କୁର୍‌କୁରେ ଦେଇ ଦୋକାନ ଭିତରକୁ ଡାକିନେଇଥିଲେ। ପରେ ସେ ଉକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ଏହି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ମା' ତୁରନ୍ତ ସତ୍ୟବାଦୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରିଥିଲା। ସତ୍ୟବାଦୀ ପୁଲିସ୍ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ଅଭିଯୁକ୍ତ ଦୋକାନୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପୁଲିସ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ଏହି ଘଟଣାରେ ସତ୍ୟବାଦୀ ଥାନାରେ କେସ୍ ନମ୍ବର ୧୨୮/୨୫ ମାମଲା ରୁଜୁ ହୋଇଛି। ଆଇଆଇସି ବିଜୟ କେତନ ବେହେରା କହିଛନ୍ତି ଯେ ଅଭିଯୁକ୍ତଙ୍କୁ ପସ୍‌କୋ ଅଦାଲତରେ ହାଜର କରାଯିବ। ଘଟଣାର ତଦନ୍ତ ଜାରି ରହିଛି ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ଅନ୍ତେବାସୀଙ୍କ ଉପରେ ମରଣାନ୍ତକ ଆକ୍ରମଣ

## ଥାନାର ଦ୍ୱାରସ୍ଥ ହେଲେ ମାନସିକ ବିକାରଗ୍ରସ୍ତ ମହିଳା




**ଭୁବନେଶ୍ୱର,୨୦।୭ (ସଂଚାର ବ୍ୟୁରୋ) :** ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଆମ୍ବିଳିଝରି ଜନନୀ ଆଶ୍ରମର ଘଟଣା। ଆଶ୍ରମ ଜମିକୁ ନେଇ ତୁମୂଳକାଣ୍ଡ। ଅଭିଯୋଗ ଅନୁଯାୟୀ, କିଛି ଲୋକଙ୍କ ସହ ଅନ୍ତେବାସୀଙ୍କର ଧସ୍ତାଧସ୍ତି ଓ ମାରପିଟ ହୋଇଛି। ଏହାକୁ ନେଇ ଆଶ୍ରମ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏହି ଆଶ୍ରମରେ ୨୬ରୁ ଊର୍ଦ୍ଧ୍ୱ ମାନସିକ ଭିନ୍ନକ୍ଷମ ମହିଳାଙ୍କ ଚିକିତ୍ସା କରାଯିବା ସହ ସମସ୍ତ ଦାୟିତ୍ୱ ନିଆଯାଇଥାଏ। ଦୀର୍ଘ ୨୫ ବର୍ଷ ହେବ ଏହି ସେବା ଯୋଗାଇ ଆସୁଛି ଆଶ୍ରମ। ଏହି ସମୟ ଭିତରେ ବହୁ ମାନସିକ ଭିନ୍ନକ୍ଷମ ମହିଳା ସୁସ୍ଥ ହେବା ସହ ନିଜ ନିଜ ପରିଚୟ ଦେଇ ପୁଣି ଫେରିଯାଇଛନ୍ତି ନିଜ ପରିବାରକୁ। ଯାହାର ପରିଚୟ ମିଳିନାହିଁ, ସେମାନେ ଭଲ ହୋଇ ଆଶ୍ରମରେ ଅନ୍ୟମାନଙ୍କ ଦେଖାଶୁଣା କରିଆସୁଛନ୍ତି। ଏବେ ମଧ୍ୟ ଏହି ଆଶ୍ରମରେ ୩୦ ଜଣ ମାନସିକ ଭିନ୍ନକ୍ଷମଙ୍କର ଚିକିତ୍ସା ଚାଲିଛି। ଯେଉଁ ମା'ମାନେ ଭଲ ହୋଇଛନ୍ତି, ସେମାନେ ନିକଟରେ ଥିବା ସରକାରୀ ଓ ନିଜ ଆଶ୍ରମ ଜମିରେ ଫସଲ କରି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ଦାନା ଯୋଗାଇ ଆସୁଛନ୍ତି। ହେଲେ ଏବେ କେତେକ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ଏହି ଆଶ୍ରମ ଜମି ଉପରେ। ଆଖପାଖ ଅଞ୍ଚଳର ମାଫିଆମାନେ ଆଜି ଏହି ଜମିରେ ଟ୍ରାକ୍ଟର ଦ୍ୱାରା ହଳ କରି ଜମି ଦଖଲ କରିବା ସକାଶେ ଉଦ୍ୟମ କରୁଥିଲେ। କିନ୍ତୁ ଆଶ୍ରମର କେତେକ ମହିଳା ଅନ୍ତେବାସୀ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ତେବେ ଜମି ମାଫିଆମାନେ ମହିଳାମାନଙ୍କୁ ମାଡ଼ ମାରିବା ସହ କାଦୁଅ ଭିତରେ ପୋତି ଦେବାକୁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି।

# ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା ଜିଲ୍ଲା ଯୁବ କଂଗ୍ରେସ



**ପୁରୀ,୨୦।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଆଇନକାନୁନ ବିପର୍ଯ୍ୟୟ ହୋଇପଡ଼ିଛି। ନାରୀ ସୁରକ୍ଷା କଥା କହିଲେ ନ ସରେ। କେତେବେଳେ ଗୋପାଳପୁରରେ ତ ଆଉ କେତେବେଳେ ବାଲେଶ୍ୱର ଏଫଏମ କଲେଜରେ ଆଉ ଏବେ ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗାରେ। ସବୁଠି ନାରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗତକାଲି ବଳଙ୍ଗା ପୀଡ଼ିତା ଜଣଙ୍କ ଏମ୍ସରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ଶରୀରର ୭୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଛି। କିନ୍ତୁ ସରକାର ତାଙ୍କ ବର୍ଷକ ସଫଳତା ନେଇ ଯେଉଁ ପ୍ରଚାର କରୁଥିଲେ, ତାହାଠାରୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ପ୍ରଭାତୀ ପରିଡ଼ା ତାଙ୍କ ନିର୍ବାଚନମଣ୍ଡଳୀର ଝିଅକୁ ନ୍ୟାୟ ଦେଇପାରିନାହାନ୍ତି ବୋଲି ପୁରୀ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ବଳଙ୍ଗା ଅଘଟଣ ମାମଲାରେ କଂଗ୍ରେସ ପକ୍ଷରୁ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଇସ୍ତଫା ଦାବି କରାଯାଇଛି। ଘଟଣାକୁ ୩୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ୍ ଆକ୍ରମଣକାରୀ ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣକୁ ବି ଧରିପାରିନଥିବାରୁ ଯୁବ କଂଗ୍ରେସର ସଦସ୍ୟମାନେ ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି। ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଗୋପନ ମାର୍ଥା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୂଦୀପ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଏକଜୁଟ ହୋଇଥିଲେ। ସେମାନେ ଉପରୋକ୍ତ ୩ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ।

# ହରିଶଙ୍କରଠାରେ ହଠାତ ମାଡ଼ିଆସିଲା ପାଣି, ପର୍ଯ୍ୟଟକ ଭୟଭୀତ



**ବଲାଙ୍ଗିର,୨୦।୭(ସଂଚାର ବ୍ୟୁରୋ):** ସୁସୁ ଗର୍ଜନ କରି ମାଡ଼ି ଆସିଲା ପାଣି। ହଠାତ ପାଣି ମାଡ଼ି ଆସିବାରୁ ଝରଣାରେ ଗାଧୋଉଥିବା ପର୍ଯ୍ୟଟକମାନେ ଭୟଭୀତ ହେବା ସହ ଉପରିସ୍ଥ ଅଞ୍ଚଳକୁ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ପ୍ରଖ୍ୟାତ ଶୈବପୀଠ ହରିଶଙ୍କରଠାରେ ଏଭଳି ଅଚାନକ ପାଣି ମାଡ଼ି ଆସିଥିବା ବେଳେ ଏଠାରେ ପ୍ରକୃତିର ବିଚିତ୍ର ରୂପ ଦେଖିବାକୁ ମିଳିଥିଲା। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କର ପାପନାଶିନୀ ଝରଣାରେ ଅପ୍ରତ୍ୟାଶିତ ପାଣି ମାଡ଼ି ଆସିଥିଲା। ଭୟଙ୍କର ଭାବେ ପାଣି ମାଡିଆସିବା ହେତୁ କିଛି ସମୟ ପାଇଁ ପର୍ଯ୍ୟଟକମାନେ କିଛି ବୁଝିପାରିନଥିଲେ।

ପାହାଡ଼ ଉପରେ ଅଧିକ ପରିମାଣର ବର୍ଷା ହୋଇଥିବାରୁ ଭୂସ୍ଖଳନ ହୋଇ ପାଣି ମାଡ଼ି ଆସିଥିବା କୁହାଯାଉଛି। ଅବଶ୍ୟ ଶ୍ରାବଣ ମାସରେ ଏଠାରେ ଭକ୍ତଙ୍କ ସମାଗମ ଅଧିକ ହେଉଥିବା ବେଳେ ଏହି ଅଚାନକ ପାଣି ମାଡ଼ିଆସିବା କାରଣରୁ କାହାର କିଛି କ୍ଷତି ଘଟିନଥିବା ଏକ ଚମତ୍କାର ବୋଲି ଭକ୍ତମାନେ ମତାମତ ଦେଉଛନ୍ତି। ଅଳ୍ପ ସମୟ ପରେ ପୁଣି ଝରଣା ସ୍ୱାଭାବିକ ହୋଇଥିବା ବେଳେ ଝରଣା ଉଚ୍ଛୁଳା ଭିଡିଓ ଏବେ ଭାଇରାଲ ହେଉଛି। ପାହାଡ଼ ଉପରେ ପ୍ରବଳ ବର୍ଷା ହେବାରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି। କିନ୍ତୁ ଶ୍ରାବଣ ମାସ ପାଇଁ ଭକ୍ତଙ୍କ ଭିଡ ହେତୁ ମନ୍ଦିର ପରିସର ଅପରିଷ୍କାର ହୋଇଥିଲା। ଏବେ ହରିଶଙ୍କର ବାବାଙ୍କ ନିର୍ଦ୍ଦେଶରେ ପାଣି ଆସି ପୀଠକୁ ପରିଷ୍କାର କରିଦେଇଛି ବୋଲି ମଧ୍ୟ କେତେକ ଶ୍ରଦ୍ଧାଳୁ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୧୯ରେ ଲଗାଣ ବର୍ଷା ଯୋଗୁ ହରିଶଙ୍କରରେ ଭୂସ୍ଖଳନ ହୋଇଥିଲା। ପାହାଡ଼ ଉପରୁ ଅଚାନକ ମାଟି ଖସିଥିଲା। ବଡ଼ ବଡ଼ ପଥର ଖସିବା ସହ ପ୍ରବଳ ବେଗରେ ପ୍ରବାହିତ ହୋଇଥିଲା ପାଣି। ଏତେ ଜୋରରେ ପାହାଡ଼ ଉପରୁ ପାଣି ପ୍ରବାହିତ ହୋଇଥିଲା ଯେ ରେଲିଂ ଓ କାନ୍ଥ ଆଦି ଭାଙ୍ଗିଯାଇଥିଲା। କେହି କିଛି ବୁଝିବା ଓ ଦେଖିବା ଆଗରୁ ପାହାଡ଼ ଧସି ତଳକୁ ଖସିଥିଲା। ଅବଶ୍ୟ ସେତେବେଳେ ବି ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

SANCHAR ସଂଚାର




# ମୋବାଇଲରେ ମାସକୁ ୨୦ ଘଣ୍ଟା

- ୧୨୧୧ ମିନିଟ୍ କଥା ହେଉଛନ୍ତି ଓଡ଼ିଶାବାସୀ
- ସବୁଠୁ ଉପରେ ବିହାର, ସବୁଠୁ ତଳେ କେରଳ



ଭୁବନେଶ୍ୱର, ୨୦ା୭: ମୋବାଇଲ ଫୋନରେ କଥାହେବା କ୍ଷେତ୍ରରେ ଓଡ଼ିଶାର ଗ୍ରାହକମାନେ ଆଗରେ ରହିଛନ୍ତି। ମାସକୁ ହାରାହାରି ୧୨୧୧ ମିନିଟ୍ ଅର୍ଥାତ ୨୦ ଘଣ୍ଟା ୧୧ ମିନିଟ୍ ସେମାନେ କଥା ହେଉଛନ୍ତି। ରାଜ୍ୟଗୁଡ଼ିକୁ ତୁଳନା କଲେ ଦେଶରେ ଓଡ଼ିଶା ଗ୍ରାହକମାନେ ମୋବାଇଲରେ କଥାହେବା କ୍ଷେତ୍ରରେ ୪ର୍ଥ ସ୍ଥାନରେ ରହିଛନ୍ତି। ବିହାରର ମୋବାଇଲ ଫୋନ ଗ୍ରାହକମାନେ ସବୁଠୁ ଅଧିକ ଅର୍ଥାତ୍ ମାସକୁ ୧୩୮୦ ମିନିଟ୍ ବା ୨୩ ଘଣ୍ଟା କଥା ହେଉଛନ୍ତି। ବିହାର ପଛକୁ ଦ୍ୱିତୀୟ ସ୍ଥାନରେ ଉତ୍ତରପ୍ରଦେଶ (ପୂର୍ବ) ସର୍କଲ ରହିଛି। ଏହି ସର୍କଲର ଗ୍ରାହକମାନେ ମାସିକ ହାରାହାରି ୧୨୭୫ ମିନିଟ ବା ୨୧ ଘଣ୍ଟା ୧୫ ମିନିଟ୍ କଥା ହେଉଛନ୍ତି। ତୃତୀୟ ସ୍ଥାନରେ ଜମ୍ମୁ କାଶ୍ମୀର ରହିଛି। ଏଠାକାର ଗ୍ରାହକମାନେ ମାସିକ ହାରାହାରି ୧୨୧୪ ମିନିଟ୍ ବା ୨୦ ଘଣ୍ଟା ୧୪ ମିନିଟ୍ କଥା ହେଉଛନ୍ତି। ଭାରତୀୟ ଟେଲି ନିୟାମକ କର୍ତ୍ତୃପକ୍ଷ ବା ଟ୍ରାଇର ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ରିପୋର୍ଟରୁ ଏହା ଜଣାଯାଇଛି ଯେ ଓଡ଼ିଶାର ଗ୍ରାହକମାନେ ମାସିକ ଯେଉଁ ୧୨୧୧ ମିନିଟ୍ କଥା ହେଉଛନ୍ତି ସେଥିରୁ ସେମାନଙ୍କର ଆଉଟଗୋଇଂ କଲ୍ ସମୟ ୬୦୦ ମିନିଟ୍ (୧୦ ଘଣ୍ଟା) ରହିଥିବାବେଳେ ଇନକମିଂ କଲ୍ ସମୟ ୬୧୧ ମିନିଟ୍ (୧୦ ଘଣ୍ଟା ୧୧ ମିନିଟ୍) ରହିଛି। ଅନ୍ୟପକ୍ଷରେ କେରଳର ଗ୍ରାହକମାନେ ଦେଶରେ ସବୁଠୁ କମ୍ ସମୟ ଅର୍ଥାତ ମାସିକ ହାରାହାରି ୬୧୧ ମିନିଟ୍ ବା ୧୦ ଘଣ୍ଟା ୧୧ ମିନିଟ୍ ମୋବାଇଲ ଫୋନରେ କଥା ହେଉଛନ୍ତି। ସବୁଠୁ କମ୍ ସମୟ କଥା ହେଉଥିବା ରାଜ୍ୟ ବା ଟେଲିକମ୍ ସର୍କଲର ମୋବାଇଲ ଗ୍ରାହକଙ୍କ ମଧ୍ୟରେ କେରଳ ବ୍ୟତୀତ ମୁମ୍ବାଇ, ଗୁଜରାଟ, ପଞ୍ଜାବ ଏବଂ ହରିୟାଣାର ଗ୍ରାହକମାନେ ଯଥାକ୍ରମେ ରହିଛନ୍ତି। ମୁମ୍ବାଇର ଗ୍ରାହକମାନେ ୮୪୦ ମିନିଟ୍ ବା ୧୪ ଘଣ୍ଟା, ଗୁଜରାଟର ଗ୍ରାହକମାନେ ୮୫୧ ମିନିଟ୍ ବା ୧୪ ଘଣ୍ଟା ୧୧ ମିନିଟ, ପଞ୍ଜାବର ଗ୍ରାହକମାନେ ୮୫୯ ମିନିଟ୍ ବା ୧୪ ଘଣ୍ଟା ୧୯ ମିନିଟ୍ ଏବଂ ହରିୟାଣାର ଗ୍ରାହକମାନେ ମାସିକ ହାରାହାରି ୮୮୨ ମିନିଟ୍ ବା ୧୪ ଘଣ୍ଟା ୪୨ ମିନିଟ୍ କଥା ହେଉଛନ୍ତି। ଜାତୀୟ ସ୍ତରରେ ମୋବାଇଲ ଗ୍ରାହକମାନେ ମାସକୁ ହାରାହାରି ୧୦୨୬ ମିନିଟ୍ ବା ୧୭ ଘଣ୍ଟା ୬ ମିନିଟ୍ କଥା ହେଉଛନ୍ତି।

ଟ୍ରାଇ ପକ୍ଷରୁ ପ୍ରକାଶିତ ଦୂରସଂଚାର ଉପଭୋକ୍ତା ତଥ୍ୟ ଅନୁଯାୟୀ ଓଡ଼ିଶାରେ ମେ ମାସ ଶେଷ ସୁଦ୍ଧା ମୋଟ ୩ କୋଟି ୫୨ ଲକ୍ଷ ୪୭ ହଜାର ୯୯୬ ଜଣ ମୋବାଇଲ ଗ୍ରାହକ ରହିଛନ୍ତି । ଏଥି ମଧ୍ୟରୁ ରିଲାଏନ୍ସ ଜିଓର ସର୍ବାଧିକ ୧,୬୨,୬୩,୮୭୩ ମୋବାଇଲ ଗ୍ରାହକ ଥିବାବେଳେ ଏହା ପଛକୁ ଏୟାରଟେଲର ୧,୨୦,୦୩,୭୪୪, ବିଏସ୍ଏନ୍ଏଲ୍ର ୫୫,୫୬,୯୦୬ ଏବଂ ଭୋଡାଫୋନ ଆଇଡିଆର ୧୪,୨୩,୪୭୩ ମୋବାଇଲ ଗ୍ରାହକ ରହିଛନ୍ତି ।

## ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ଏମ୍ଇଏଆଇ ଜୀବନବ୍ୟାପୀ ସାଧନା ସମ୍ମାନ



ଭୁବନେଶ୍ୱର, ୨୦ା୭: ଖଣି ଓ ଇସ୍ପାତ ଶିଳ୍ପ କ୍ଷେତ୍ରକୁ ବଳିଷ୍ଠ ଅବଦାନ ପାଇଁ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ମାଇନିଂ ଇଞ୍ଜିନିୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ପକ୍ଷରୁ 'ଏମ୍ଇଏଆଇ ଜୀବନବ୍ୟାପୀ ସାଧନ ସମ୍ମାନ' ପ୍ରଦାନ କରାଯାଇଛି। ବିଶିଷ୍ଟ ଖଣି ଇଞ୍ଜିନିୟରଭାବେ ପରିଚିତ ଶ୍ରୀ ପଟ୍ଟନାୟକ ଖଣି ଓ ଇସ୍ପାତ ଶିଳ୍ପରେ ଦୀର୍ଘ ୩୭ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି। ଓସମାନିଆ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରି ପରେ ଶ୍ରୀ ପଟ୍ଟନାୟକ ଫ୍ରାନ୍ସର ସିଇଡିଇପି-ଆଇଏନ୍ଏସ୍ଇଏଡିରୁ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ଅଧ୍ୟୟନ କରିଛନ୍ତି। ୨୦୧୯ ନଭେମ୍ବର ପର୍ଯ୍ୟନ୍ତ ସେ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ ଲିମିଟେଡ (ପୂର୍ବର ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ)ର ଏମ୍ଡି ଦାୟିତ୍ୱ ତୁଲାଇଥିଲେ। ସଂପ୍ରତି ସେ ଏସାର ମିନେଟ୍ ଲିମିଟେଡର ନିର୍ଦ୍ଦେଶକ(ପ୍ରୋଜେକ୍ଟ ଆଫେୟାର୍ସ ଆଣ୍ଡ ବିଜ୍ନେସ୍ ଡେଭଲପମେଣ୍ଟ) ଭାବେ କାର୍ଯ୍ୟ କରୁଛନ୍ତି। ଅତୀତରେ ସେ ସିଆଇଆଇ ଓଡ଼ିଶାର ଅଧ୍ୟକ୍ଷ, ଫିମିର ସଭାପତି, ଏମଇଏଆଇର ସଭାପତି ଆଦି ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦.୦୪୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୭୦୦ ଟଙ୍କା ଛୁଇଛି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୦,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୧୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୧, ୦୦,୦୪୦ ଓ ୯୧ ହଜାର ୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬ ,୦୦୦ ଟଙ୍କା ହୋଇଛି।

## ଇନ୍ଦୋର ଗାରମେଣ୍ଟ୍ସ୍ ପକ୍ଷରୁ ପ୍ରଦର୍ଶନୀ



ଭୁବନେଶ୍ୱର, ୨୦ା୭: ଦି କ୍ରାଉନ୍ ହୋଟେଲ୍ଠାରେ ଇନ୍ଦୋର ଗାରମେଣ୍ଟ୍ସ୍ ପକ୍ଷରୁ ଏକ ବୃହତ୍ ଶୀତକାଳୀନ ଗାରମେଣ୍ଟ୍ସ୍, ପୁରୁଷ ଏବଂ ମହିଳାଙ୍କ ଗାରମେଣ୍ଟ୍ସ୍, ଜୋତା, ହ୍ୟାଣ୍ଡଲୁମ୍, ଲଗେଜ୍ ବ୍ୟାଗ୍ ଓ ଖେଳନା ସେଲ୍ ଆରମ୍ଭ ହୋଇଛି। ଏହି ସେଲ୍ ଆସନ୍ତାକାଲି ଅର୍ଥାତ୍ ରବିବାର ପର୍ଯ୍ୟନ୍ତ ଚାଲୁରହିବ। ଗ୍ରାହକଙ୍କ ପାଇଁ ଏଠାରେ ବିଭିନ୍ନ ପ୍ରକାର ରିହାତିର ସୁବିଧା ରହିଛି। ପୁରୁଷ, ମହିଳା ଓ ପିଲାଙ୍କର ଗାରମେଣ୍ଟ୍ସ୍ ସହିତ ବିଭିନ୍ନ ରକମର ଶୀତକାଳୀନ ବସ୍ତ୍ର ରିହାତି ଦରରେ ବିକ୍ରୟ କରାଯାଉଛି। ସେଲ୍ରେ ରିହାତିର ଲାଭ ଉଠାଇବା ପାଇଁ ନିର୍ଦ୍ଦେଶକ ପ୍ରଦୀପ ଭଦୋରିୟା କହିଛନ୍ତି।

## ଅଗଷ୍ଟ ୧ ପୂର୍ବରୁ ଭାରତକୁ ଖୁସିଖବର ଦେବ ଆମେରିକା !




ନୂଆଦିଲ୍ଲୀ, ୨୦ା୭: ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଖୁବ ଶୀଘ୍ର ସ୍ଥିର ହୋଇପାରେ। ନିକଟରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା ମଧ୍ୟ ସମାପ୍ତ ହୋଇଥିଲା। ଏଥିରେ ବାଣିଜ୍ୟ ଚୁକ୍ତିର ଚୂଡ଼ାନ୍ତ ରୂପରେଖା ଦିଆଯିବାର ଥିଲା। ଏହି ଚୁକ୍ତିକୁ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଯାହା ଦ୍ୱାରା ପାରସ୍ପରିକ ଟାରିଫ୍କୁ ଏଡାଯାଇପାରିବ ଏବଂ ଏହା ଏହି ମାମଲାରେ ଅନ୍ୟ ଏସୀୟ ଦେଶମାନଙ୍କଠାରୁ ଆଗରେ ରହିପାରିବ। ଏହି ଆଲୋଚନା ୱାଶିଂଟନରେ ଚାରି ଦିନ (୧୪ ଜୁଲାଇ-୧୭ ଜୁଲାଇ) ଧରି ଚାଲିଥିଲା। ଆପଣଙ୍କୁ ଜଣାଇ ଦେଉଛୁ ଯେ ଆମେରିକା ପାରସ୍ପରିକ ଟାରିଫ୍ ଲାଗୁ କରିବା ପାଇଁ ଅଗଷ୍ଟ ୧ ତାରିଖକୁ ଶେଷ ତାରିଖ ଭାବରେ ଧାର୍ଯ୍ୟ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ କହିଛନ୍ତି ଯେ ଭାରତ ସହିତ ଚୁକ୍ତି ପ୍ରାୟ ଚୂଡ଼ାନ୍ତ, କିନ୍ତୁ ଯଦି ଏହି ସମୟ ମଧ୍ୟରେ ଉଭୟ ଦେଶ ଏକ ଚୁକ୍ତିରେ ପହଞ୍ଚି ପାରିବେ ନାହିଁ, ତେବେ ଆମେରିକା ଭାରତ ଉପରେ ୨୬ ପ୍ରତିଶତ ଟାରିଫ୍ ଲାଗୁ କରିବ। ଭାରତ ଚାହୁଁଛି ଯେ ଆମେରିକା ଅନ୍ୟ ଏସୀୟ ଦେଶମାନଙ୍କ ତୁଳନାରେ ଏହା ଉପରେ କମ ଟାରିଫ୍ ଲାଗୁ କରୁ। ତଥାପି, କୁହାଯାଉଛି ଯେ ଏହି ଆଲୋଚନା ବାଣିଜ୍ୟ ଉପରେ ସାଧାରଣ ଆଲୋଚନାଠାରୁ ଅନେକ ସ୍ତର ଆଗକୁ ବଢ଼ିଛି, ଯେଉଁଥିରେ ଡିଜିଟାଲ ଅର୍ଥନୀତି ଠାରୁ 'ଉଚ୍ଚ ପ୍ରଯୁକ୍ତି ବାଣିଜ୍ୟ' ପର୍ଯ୍ୟନ୍ତ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ୧୬ରୁ ପୁଣି ଆରମ୍ଭ ହେବ ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବା

ଝାରସୁଗୁଡ଼ା,୨୦ା୭(ସଂଚାର ବ୍ୟୁରୋ) : ପୁଣି ଝାରସୁଗୁଡ଼ାରୁ ଭୁବନେଶ୍ୱରକୁ ବିମାନ ସେବା ଆରମ୍ଭ ହେବ। ଗତ ୩ ତାରିଖରୁ ଝାରସୁଗୁଡ଼ାରୁ ଭୁବନେଶ୍ୱର ବିମାନ ସେବା ବନ୍ଦ ହୋଇଯାଇଥିବା ବେଳେ ଏହାକୁ ନେଇ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ସଦ୍ୟପ୍ରାପ୍ତ ଖବର ଅନୁସାରେ, ଆସନ୍ତା ଅଗଷ୍ଟ ୧୬ ତାରିଖରୁ ଝାରସୁଗୁଡ଼ା ବିମାନବନ୍ଦରରୁ ଭୁବନେଶ୍ୱରକୁ ପୁଣି ବିମାନ ସେବା ଆରମ୍ଭ ହେବ। ଏହି ସେବା ଷ୍ଟାର ଏୟାର ଯୋଗାଇଦେବ ବୋଲି ଜଣାପଡ଼ିଛି।

ଏନେଇ ଷ୍ଟାର୍ ଏୟାର ପକ୍ଷରୁ ଏକ ସମୟ ସାରଣୀ ମଧ୍ୟ ଜାରି ହୋଇଛି।

୭୬ ଜଣ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଏୟାରକ୍ରାଫ୍ଟ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ସନ୍ଧ୍ୟା ୭ଟା ୨୦ ମିନିଟରେ ଉଡ଼ାଣ ଭରିବ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହା ରାତି ୮ଟା ୫ ମିନିଟରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ରାତି ସାଢ଼େ ୮ଟାରେ ବାହାରି ବିମାନଟି ଝାରସୁଗୁଡ଼ାରେ ରାତି ୯ଟା ୧୫ ମିନିଟରେ ପହଞ୍ଚିବ। ଏଥିସହ ଅନ୍ୟ ଏକ ସମୟ ସାରଣୀ ମଧ୍ୟ ଜାରି କରାଯାଇଛି, ଯେଉଁଥିରେ ଝାରସୁଗୁଡ଼ାରୁ ପୂର୍ବାହ୍ନ ୧୧ଟା ୪୫ ମିନିଟରେ ବିମାନ ଉଡ଼ାଣ ଭରିବା ସହ ଭୁବନେଶ୍ୱରରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ପହଞ୍ଚିବ ବୋଲି ଦର୍ଶାଯାଇଛି।

ଏହାଛଡ଼ା ଉକ୍ତଦିନ ବିମାନଟି ଭୁବନେଶ୍ୱରରୁ ଅପରାହ୍ନ ୧ଟାରେ ବାହାରି ଝାରସୁଗୁଡ଼ାରେ ୧ଟା ୪୫ ମିନିଟରେ ପହଞ୍ଚିବ। ଏହି ସମୟ ସାରଣୀ ଆସନ୍ତା ଅଗଷ୍ଟ ୧୬ରୁ ଅକ୍ଟୋବର ୨୫ ତାରିଖ ପର୍ଯ୍ୟନ୍ତ ଲାଗୁ ହେବ ବୋଲି ଷ୍ଟାର୍ ଏୟାର୍ ପକ୍ଷରୁ କୁହାଯାଇଛି। ଭିଜିଏଫ୍ ଚୁକ୍ତି ରଦ୍ଦ ହେବା ପରେ ଏହି ସେକ୍ଟରରେ ବିମାନ ସେବା ବନ୍ଦ ରହିଥିବା ବେଳେ ନିକଟରେ ରାଜ୍ୟ ସରକାର ପୁଣି ଥରେ ଚୁକ୍ତି ସ୍ୱାକ୍ଷର କରିବାରୁ ଭୁବନେଶ୍ୱର-ଝାରସୁଗୁଡ଼ା ସେକ୍ଟରରେ ଉଭୟ ଏଲାୟନ୍ସ ଏୟାର ଓ ଷ୍ଟାର ଏୟାର ବିମାନ ସେବା ଯୋଗାଇବେ ବୋଲି ଘୋଷଣା କରାଯାଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।



## କିମ୍ସରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୨୦ା୭: ଭୁବନେଶ୍ୱରସ୍ଥିତ କିମ୍ସର ଡାକ୍ତରମାନେ ଏକ ଅଭିନବ ପ୍ରଣାଳୀରେ ଜଣେ ରୋଗୀଙ୍କ ଫୁସ୍ଫୁସ୍ରୁ ଏକ ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ଜଣେ ୪୦ ବର୍ଷୀୟ ମହିଳାଙ୍କଠାରେ କାର୍ସିନଏଡ୍ ଟ୍ୟୁମର ଭଳି ଏକ ବିରଳ ପ୍ରକାରର ଫୁସଫୁସ ଟ୍ୟୁମର ଚିହ୍ନଟ ହେବା ପରେ ରୋଗୀ ଜଣକ ୨୦୨୩ ମସିହାରେ ରେଡିଏସନ୍ ଥେରାପି ନେଇଥିଲେ। ତେବେ ମହିଳାଙ୍କ ଶ୍ୱାସନଳୀର ଅଧାରୁ ଅଧିକ ଅଂଶ ଏକ ମାଂସ ପିଣ୍ଡ ଭଳି କିଛି ଅବରୋଧ କରୁଥିବା ଗତ ଜୁନ୍ରେ କରାଯାଇଥିବା ସ୍କାନରୁ ଜଣାପଡ଼ିଥିଲା।

କିମ୍ସର ଇଣ୍ଟରଭେନସନାଲ ପଲମୋନୋଲୋଜି ବିଶେଷଜ୍ଞ ଦଳ ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରିଥିଲେ। କାର୍ଡିଓଥୋରାସିକ୍ ଅପରେଟିଂ ଥିଏଟରରେ ସାଧାରଣ ଆନାସ୍ଥେସିଆ ଦେଇ ସେମାନେ ରୋଗୀଙ୍କଠାରେ ଏକ ନମନୀୟ ବ୍ରୋଙ୍କୋସ୍କୋପ୍ ପ୍ରବେଶ କରାଇଥିଲେ। ପରେ ହିଟ୍ ଆଣ୍ଡ କୋଲ୍ଡ ପଦ୍ଧତି ଜରିଆରେ ଉତ୍ତାପ ନିୟନ୍ତ୍ରଣ ପ୍ରକ୍ରିୟା ବ୍ୟବହାର କରି ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଥିଲା। କିମ୍ସ ଇଣ୍ଟରଭେନସନାଲ ପଲମୋନୋଲୋଜି ବିଭାଗର ଡା. ଦେବାଶିଷ ବେହେରା, ଡା. ସ୍ୱଦୀପ ମିଶ୍ର ଏବଂ ଡା. ସୁଶାନ୍ତ ମିଶ୍ର ଏହି ଜଟିଳ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ଡା. ଅଶୋକ କୁମାର ବଡ଼ମାଳି, ଡା. ଜ୍ଞାନରଞ୍ଜନ ମିଶ୍ରଙ୍କ କାର୍ଡିଆକ୍ ଆନାସ୍ଥେସିଆ ଦଳ ଏଥିରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଏହା ବ୍ୟତୀତ ପଲମୋନୋଲୋଜିର ରେସିଡେଣ୍ଟ ଡା. ଅଭିଷେକ ଦାସ, ଡା. ନିଖିଲ କୃଷ୍ଣ ଏବଂ ଡା. ଦେବ ଗର୍ଗ ମଧ୍ୟ ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ଏଭଳି ବିରଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ୧୧ ଟଙ୍କାରେ ଭାରତରୁ ଭିଏତନାମ ବିମାନ ଯାତ୍ରା




ନୂଆଦିଲ୍ଲୀ, ୨୦ା୭: ଯଦି ଆପଣ ବିଦେଶ ଯିବାକୁ ଚାହୁଁଛନ୍ତି ଆଉ ଆପଣଙ୍କ ବଜେଟ୍ କମ୍ ଅଛି ତେବେ ଏହି ଖବର ଖାସ୍ ଆପଣଙ୍କ ପାଇଁ । ଆପଣଙ୍କ ସ୍ୱପ୍ନ ସାକାର ହେବ ମାତ୍ର ୧୧ ଟଙ୍କାରେ । ଭିଏତନାମର ବିମାନ କମ୍ପାନୀ ଭିଏତଜେଟ୍ ଏୟାର ଏକ ଜବରଦସ୍ତ ଫେଷ୍ଟିଭ୍ ଅଫର୍ ଆରମ୍ଭ କରିଛି । ଏହି ସ୍କିମ୍ ଅନୁଯାୟୀ ଭାରତ ଏବଂ ଭିଏତନାମ ମଧ୍ୟରେ ଯାତ୍ରା ପାଇଁ ଫ୍ଲାଇଟ୍ ଟିକେଟ୍ ମାତ୍ର ୧୧ ଟଙ୍କାରେ ଉପଲବ୍ଧ । କିନ୍ତୁ ଟ୍ୟାକ୍ସ ଏବଂ ଅନ୍ୟାନ୍ୟ ଶୁଳ୍କ ଅଲଗା ରହିବ । ଭିଏତନାମର ବିମାନ କମ୍ପାନୀ ଭିଏତଜେଟ୍ ଏୟାରର ଏହି ୧୧ ଟଙ୍କିଆ ଅଫର୍ ପ୍ରତି ଶୁକ୍ରବାର ଉପଲବ୍ଧ ହେବ । ଏହି ଅଫରର ବୈଧତା ବିଷୟରେ କହିବାକୁ ଗଲେ ଏହା ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ। ଭିଏତନାମ ଏୟାରଲାଇନ୍ସ କହିଛି ଯେ ଭାରତ ଏବଂ ଭିଏତନାମ ମଧ୍ୟରେ ସମସ୍ତ ସିଧାସଳଖ ବିମାନର ଇକୋନୋମି କ୍ଲାସ ଭଡ଼ା ମାତ୍ର ୧୧ ଟଙ୍କା ରୁ ଆରମ୍ଭ ହେବ । କିନ୍ତୁ ଟ୍ୟାକ୍ସ ଏବଂ ଅନ୍ୟାନ୍ୟ ଶୁଳ୍କର ଚାର୍ଜ ଯାତ୍ରୀଙ୍କ ଠାରୁ ନିଆଯିବ । ଏହି ଅଫରରେ ଟିକେଟ ବୁକିଂ ଭିଏତଜେଟର ଅଫିସିଆଲ୍ ୱେବସାଇଟ୍ (www.vietjetair.com) ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ କରାଯାଇପାରିବ ।

## ୯ କ୍ୟାରେଟ୍ ସୁନାର ହଲମାର୍କିଂ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୦ା୭: ଏଣିକି ୯ କ୍ୟାରେଟ୍ ସୁନା ଉପରେ ବାଧ୍ୟତାମୂଳକ ହଲମାର୍କିଂ ରହିବ। ଏହି ନୂଆ ନିର୍ଦ୍ଦେଶ ଜୁଲାଇ ମାସରୁ ଲାଗୁ ହେବ। ଏ ନେଇ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଏ ସଂପର୍କରେ ଅଲ ଇଣ୍ଡିଆ ଜେମ୍ସ ଏଣ୍ଡ ଜୁଏଲାରୀ ଡୋମେଷ୍ଟିକ୍ କାଉନସିଲ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇଛି ଯେ ବିଆଇଏସ ଆଇନ ଅନୁସାରେ ଜୁଏଲାରୀ ଓ ହଲମାର୍କିଂ ସେଣ୍ଟରଗୁଡ଼ିକୁ ଏହି ନିୟମ ପାଳନ କରିବା ବାଧ୍ୟତାମୂଳକ ହେବ। ପୂର୍ବରୁ ୯ କ୍ୟାରେଟ୍ ସୁନାକୁ ବାଧ୍ୟତାମୂଳକ ହଲମାର୍କିଂରୁ ବାଦ ଦିଆଯାଇଥିଲା। ଏବେ ନୂଆ ନିୟମ ପରେ ୯ କ୍ୟାରେଟ ସୁନା ଏବେ ବିଆଇଏସ ଆମେଣ୍ଡମେଣ୍ଟ ନଂ.୨ ନିୟମାବଳୀ ଅଧିନରେ ଆସିବ। ନୂଆ ନିୟମ ଅନୁସାରେ ଅଳଙ୍କାର ଓ କଳାକୃତିର ବ୍ୟାଖ୍ୟା କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଅନେକ ଜୁଏଲାରୀ କମ୍ପାନିମାନେ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ସାଧାରଣ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ସୁନା ଅଳଙ୍କାର ପହଞ୍ଚିପାରିବ ବୋଲି ସେମାନେ କହିଛନ୍ତି।

# ବନ୍ୟା ଯନ୍ତ୍ରଣା: ବିପନ୍ନଙ୍କ ଠିକଣା ସାଜିଛି ଲକ୍ଷ୍ମୀ ବସଷ୍ଟାଣ୍ଡ ଓ କ୍ୟାବିନ



### ପାଣିରେ ବୁଡ଼ିଛି ଘର

### ଓଳିଏ ଖାଇ ଦିନ ବିତାଉଛନ୍ତି ୧୦ ପରିବାରର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ

### ପରିବାର ପିଛା ଦୁଇ କେଜି ଚୁଡ଼ା ଦେଇ ଦାୟିତ୍ୱ ସାରିଦେଇଛି ପ୍ରଶାସନ



**ବାଲିଆପାଳ,୨୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଏକ ମାସ ଭିତରେ ଚାରି ଚାରିଥର ବନ୍ୟା ଆସିଛି। ଚାଷବାସ ଉଜୁଡ଼ିଛି। ଜୀବନ ଜୀବିକା ଉପରେ ପଡ଼ିଛି ପ୍ରଭାବ। ଭୋକ ଉପବାସରେ ବିତୁଛି ଜୀବନ। ବନ୍ୟାର ତାଡନା ଭିତରେ ବଂଚିବାର ରାହା ଖୋଜୁଛନ୍ତି ଛୋଟ ଠୁ ବଡ ସମସ୍ତେ। ପ୍ରଥମ ବନ୍ୟାରେ ଘରେ ପାଣି ପଶିଯିବାରୁ ଦୀର୍ଘ ଏକମାସ ହେଲା ୧୦ଟି ପରିବାରର ୫୦ରୁ ଉର୍ଦ୍ଧ ସଦସ୍ୟଙ୍କ ବଂଚିବାର ଠିକଣା ପାଲଟିଛି ଲକ୍ଷ୍ମୀ ବସଷ୍ଟାଣ୍ଡ, କ୍ୟାବିନ ଏବଂ ଦୋକାନ ବାରଣ୍ଡା। ପ୍ରଶାସନ ପକ୍ଷରୁ ସାଧାରଣ ଜନତା ସମସ୍ତ ନଜରରେ ଏହି ପରିବାରର ବିକଳ ଚିତ୍ର ଦେଖାଯାଉଥିଲେ ମଧ ସମସ୍ତେ ନୀରବଦ୍ରଷ୍ଟା। ପ୍ରଶାସନ ପକ୍ଷରୁ ମିଳିଥିବା ରିଲିଫ ବାବାଦ ଚାରୋଟି ବନ୍ୟାରେ ପରିବାର ପିଛା ଦୁଇ କେଜି ଚାଉଳ ଏକ ପେଟି ପାଣି ସମୁଦ୍ରକୁ ଶଂଙ୍ଖେ। ଭୋକ ଉପବାସରେ ରହୁଥିବା ଏହି ପରିବାର ସଦସ୍ୟ ମାନେ ସଂଘର୍ଷ ଭିତରେ ଖୋଜୁଛନ୍ତି ଜିଇଁବାର ରାହା।ଏମିତିକିଛି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ଜାମକୁଣ୍ଡା ଲକ ନିକଟରେ। ଏହି ଲକ ତଳେ ଥିବା ସରକାରୀ ଜାଗାରେ ଆଜକୁ ୧୫ ବର୍ଷରୁ ଉର୍ଦ୍ଧ ହେଲା ତାପସ ମୁର୍ମ୍ମୁ, ରାଜୁ ମୁର୍ମ୍ମୁ, ବାପି ହାଂସଦା, ଲକ୍ଷ୍ମୀ ମାରାଣ୍ଡି ସମେତ ୧୦ରୁ ଉର୍ଦ୍ଧ୍ୱ ପରିବାର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଘର କରି ରହିଆସୁଛନ୍ତି। ଏମାନେ ଏବେ ଜାମକୁଣ୍ଡା ପଞ୍ଚାୟତର ସ୍ଥାୟୀ ଭୋଟର। ତେବେ ସେମାନଙ୍କ ମଧ୍ୟରୁ କିଏ ଦିନମଜୁରିଆ ତ ଆଉ କିଏ ଗାଡି ଚଳାଇ ନିଜର ପରିବାର ପ୍ରତିପୋଷଣ କରନ୍ତି। ତେବେ ବନ୍ୟା ଏହି ପରିବାରଗୁଡିକ ପାଇଁ ଦୁଃଖର କାରଣ। ବନ୍ୟା ପାଣି ଆସିବା ମାତ୍ରେ ଏହିସବୁ ଘର ପାଣିରେ ବୁଡିଯାଏ। ପିଲାଛୁଆ ଧରି ବହୁ କଷ୍ଟରେ ଦିନ କାଟିବାକୁ ପଡେ। ମାତ୍ର ଚଳିତ ବର୍ଷ ଚାରି ଚାରିଥର ବନ୍ୟା ଏହି ପରିବାରର ସବୁକିଛି ଛାରଖାର କରିଦେଇଛି। ଏକ ମାସ ହେଲା ବନ୍ୟା ପାଣି ଛାଡିବାର ନାଁ ଧରୁନାହିଁ।ଫଳରେ ପିଲାଛୁଆ ଧରି ନିକଟସ୍ଥ ଲକ୍ଷ୍ମୀ ବସଷ୍ଟାଣ୍ଡ, ଏକ କ୍ୟାବିନ ସାଙ୍ଗକୁ ଦୋକାନ ବାରଣ୍ଡାରେ ଦିନ କାଟୁଛନ୍ତି। ତେବେ ବନ୍ୟା ଯୋଗୁଁ ଚାରିଆଡେ ପାଣି ବୁଡିରହିଥିବାରୁ କାମଧନ୍ଦା ମଧ ନାହିଁ। ଏଭଳି ସ୍ଥିତିରେ ସରକାରଙ୍କ ତରଫରୁ ମିଳିଥିବା ଚୁଡା ଗୁଡ ସମୁଦ୍ରକୁ ଶଖେ। ଏକ ମାସ ହେଲା ଏଭଳି ସ୍ଥିତିରେ ଏହି ପରିବାରମାନେ ରହୁଥିବା ବେଳେ ପ୍ରଶାସନ ପକ୍ଷରୁ ପଲଥିନ ଖଣ୍ଡିଏ ମିଳିପାରିନାହିଁ। ସରକାର ବନ୍ୟାର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଏହି ପରିବାରର ବିକଳ ଚିତ୍ର କେବେ ସରକାରଙ୍କ ଦୃଷ୍ଟିରେ ପଡୁଛି ତାହା ଦେଖିବାକୁ ବାକି ରହିଲା।

**ଝିଅର ଶବକୁ ଟ୍ରଲିରେ ବୋହି ଡାକ୍ତରଖାନା ନେବା ଘଟଣା**

# ଖବର ପ୍ରକାଶନ ପରେ ଶବ ସତ୍କାର ବ୍ୟବସ୍ଥା କଲା ପ୍ରଶାସନ




**ବାଲିଆପାଳ,୨୦।୭ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ ଦେଉଳା ଗ୍ରାମରେ ଜଣେ ଗରିବ ଆଦିବାସୀ ବାପା ଆତ୍ମହତ୍ୟା କରିଥିବା ଝିଅର ଶବକୁ ବ୍ୟବଚ୍ଛେଦ ପାଇଁ ୬ କିମି ଏକ ଟ୍ରଲି ରିକ୍ସାରେ ବୋହି ଡାକ୍ତରଖାନା ପର୍ଯ୍ୟନ୍ତ ନେଇଯିବା ଘଟଣା ପ୍ରକାଶନ ପରେ ପ୍ରଶାସନର ନିଦ ଭାଙ୍ଗିଛି। ଗତକାଲି ଶବକୁ ଜବତ କରି ପୁଲିସ ବ୍ୟବଛେଦ ପାଇଁ ଆଣିବାର ବ୍ୟବସ୍ଥା ନକରି ପରିବାର ଲୋକଙ୍କୁ ଦାୟିତ୍ୱ ଦେଇ ନିଜର କର୍ତ୍ତବ୍ୟ ସାରିଦେଇଥିଲା। ଗରିବ ଆଦିବାସୀ ବାପା ଶବ ନେବାକୁ ଆମ୍ବୁଲାନ୍ସ ଖର୍ଚ୍ଚ ଦେବାକୁ ପାଖରେ ଅର୍ଥ ନଥିବାରୁ ବାଧ ହୋଇ ଏକ ଟ୍ରଲିରିକ୍ସାରେ ଠେଲି ଠେଲି ଡାକ୍ତରଖାନା ପର୍ଯ୍ୟନ୍ତ ଆଣିଥିଲେ। ଆଜି ବ୍ୟବଚ୍ଛେଦ ପରେ ପୁଣି ଥରେ ଶବକୁ ସେହି ରିକ୍ସାରେ ଘରକୁ ନେବାର ଥିଲା। ତେବେ ଖବର ପ୍ରକାଶନ ପରେ ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ତତ୍ପରତା ଦେଖାଇଛନ୍ତି। ଦେଉଳା ପଞ୍ଚାୟତ ସରପଞ୍ଚ ସରୋଜ କୁମାର ପିଳା ଡାକ୍ତରାଖାନାରେ ଉପସ୍ଥିତ ରହି ଶବ ବ୍ୟବଚ୍ଛେର ସମସ୍ତ କଥା ବୁଝିବା ସହ ଏକ ଆମ୍ବୁଲାନ୍ସ ଯୋଗେ ଶବକୁ ଘରକୁ ନେଇଥିଲେ। ଏଥିସହିତ ସରପଞ୍ଚ ଶ୍ରୀ ପିଳା ମୃତ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ବାବଦ ୩୦୦୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ମୃତ ପରିବାରକୁ ଭେଟି ସମସ୍ତ ଘଟଣା ପଚାରି ବୁଝିବା ସହ ବ୍ଲକ ପ୍ରସାସନ ପକ୍ଷରୁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରିବା ସହ ସତ୍କାରର ସମସ୍ତ ବ୍ୟବସ୍ଥା କରିଥିଲେ। ତେବେ ଏହି ଘଟଣାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି।

ସୂଚନା ଯୋଗ୍ୟ ଦେଉଳା ପଞ୍ଚାୟତ ବିନ୍ଧାଣୀ ସାହି ଗ୍ରାମର ମଧୁବିନ୍ଧାଣୀ ଝିଅ ନନ୍ଦିନୀ ଘରୁ ରାଗିଯାଇ ନିକଟସ୍ଥ ଗ୍ରାମରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବଦ କରି ବ୍ୟବଚ୍ଛେଦ ପାଇ ପରିବାର ଲୋକଙ୍କୁ ଦାୟିତ୍ୱ ଦେଇ ପଳାଇ ଆସିଥିଲେ।

# ଉର୍ଦ୍ଧୁ ଲାଇବ୍ରେରୀ ତରଫରୁ ଚାରା ବଣ୍ଟନ ଓ ଚାରାରୋପଣ



**କେନ୍ଦ୍ରାପଡା,୨୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଉର୍ଦ୍ଧୁ ଲାଇବ୍ରେରୀ କମିଟି ତରଫରୁ ହଜରତ ସୟଦ ମନସୁର ସାହା ବାବାଙ୍କ ପବିତ୍ର ଉର୍ସ ଉତ୍ସବ ଉପଲକ୍ଷେ ଚାରା ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷା ଅକବରୀ ଖାତୁନ, କାଉନସିଲର ସେକ ଅସଲମ, ହବିବା ବେଗମ, ଫରଜନା ଖାତୁନ ପ୍ରମୁଖ ଉପସ୍ଥିତ ରହି ପୌରାଂଚଳ ର ବିଭିନ୍ନ ୱାର୍ଡରେ ବୃକ୍ଷ ରୋପଣ କରିଥିଲେ । ଏଥି ସହିତ ଉର୍ସ ଉତ୍ସବରେ ଯୋଗ ଦେଇଥିବା ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଚାରା ବଣ୍ଟନ କରିଥିଲେ। ଏଥିରେ ଆମ୍ବ, ପିଜୁଳି, ବରଗଛ, ଜାମୁ, ଇଉକାଲ ପଟାସ, ବିଭିନ୍ନ ଫୁଲ ଜାତୀୟ ଚାରା ବଣ୍ଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କମିଟିର ମହମ୍ମଦ ଅଜଗର ଅଲ୍ଲୀ, ସେକ ଫୟାଜୁଦ୍ଦିନ, ମହମ୍ମଦ ନସିମୁଦ୍ଦିନ, ଆକରମ ଖାନ ପ୍ରମୁଖ ସହଯୋଗ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଇନ ସଚେତନତା ଶିବିର




**ଫୁଲବାଣୀ,୨୦।୭ (ସଂଚାର ବ୍ୟୁରୋ):** ଓଡିଶା ଆଦର୍ଶ ବିଦ୍ୟାଳୟ, ଧୋବାତୋଟା ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ ଦ୍ୱାରା ଏକ ଆଇନ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ସଚେତନତା ଶିବିରରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ ରମାକାନ୍ତ ମହାନ୍ତି, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ, ଡି.ଏସ.ପି. ଫୁଲବାଣୀ, ସର୍ବେଶ୍ୱର ବେହେରା, ଆଇନଜୀବୀ ଦେବରାଜ୍ ସାହାଣୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ସମ୍ମୁଖ କାର୍ଯ୍ୟାଳୟ ରିଟେନର୍ ଅନୁପ ନାରାୟଣ ନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟ ଧୋବାତୋଟା ର ପ୍ରିନ୍ସିପାଲ, ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ଉକ୍ତ ସଚେତନତା ଶିବିରରେ କିଶୋର ନ୍ୟାୟ ଆଇନ୍, ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ବିଷୟରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ମାଗଣା ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲ୍ସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲ୍ସା ପୋର୍ଟାଲ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା।

## ତିର୍ତ୍ତୋଲ ବ୍ଲକରେ ହୋଇପାରୁନି ସରକାରୀ କାର୍ଯ୍ୟ କି ବିଲ୍, ଲୋକେ ହନ୍ତସନ୍ତ




**ତିର୍ତ୍ତୋଲ,୨୦।୭ (ସଂଚାର ବ୍ୟୁରୋ):** : ଡବଲ ଇଞ୍ଜିନ ସରକାର ବିଭିନ୍ନ ଯୋଜନାକୁ ରୂପାନ୍ତର କରି ବିଭିନ୍ନ କାର୍ଯ୍ୟ ମାଧମରେ ସାଧାରଣ ଲୋକଙ୍କ ପାଇଁ ଭେଟି ଦେଉଛନ୍ତି ବହୁ ପ୍ରକଳ୍ପ । ସାଧରଣ ଜନତା କାର୍ଯ୍ୟକୁ ଠିକ ଭାବରେ ତୁଲାଇ ବା ସହିତ ଖର୍ଚ୍ଚ କରିଥିବା ଅର୍ଥକୁ ସରକାରଙ୍କ ଠାରୁ ବ୍ଲକ ଓ ବିଭିନ୍ନ ସଂସ୍ଥା ମାଧମରେ ପାଉଛନ୍ତି । ଏହାର ବିକଳ ଚିତ୍ର ଦେଖିବାକୁ ମିଳିଛି ତିର୍ତ୍ତଲ ବ୍ଲକରେ । ବ୍ଲକର ଆଜକୁ ପ୍ରାୟ ୨ ମାସରୁ ଅଧିକ ହେଲା ସାଧାରଣ ଲୋକ କାମ କରିସାରିଛନ୍ତି କିନ୍ତୁ ବିଡ଼ିଓ ମହାଶୟ ମାନମାନି ପାଇଁ ସାଧାରଣ ଲୋକମାନେ ବିଲ ହୋଇ ପାରୁନଥିବା ଅଭିଯୋଗ ଆସିଛି । କେବଳ ସେତିକି ନୁହଁ ବିଡିଓ ମହାଶୟ ପୁରୀରେ ରଥଯାତ୍ରା ଡିଉଟିକୁ ସାରି କୁଆଡେ ଟ୍ରେନିଂରେ ଯାଇଥିବା ବେଳେ କୁଜଙ୍ଗ ବିଡିଓଙ୍କୁ ଏହି ତିର୍ତ୍ତଲ ଭଳି ସମ୍ବେଦନଶୀଳ ବ୍ଲକକୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଚାର୍ଜରେ ଥିବା ବିଡିଓଙ୍କୁ ସବୁ କାମ ହସ୍ତାନ୍ତର ନ କରିବା ହେତୁ ବ୍ଲକ ବହୁ କାମ ପଡି ରହିଛି ବୋଲି ଚର୍ଚ୍ଚା ହେଉଛି। ସେହିପରି ତିର୍ତ୍ତଲ ବ୍ଲକରେ ସ୍ଥାୟୀ ସହକାରୀ ଯନ୍ତ୍ରୀ ନଥିବାରୁ ଚାର୍ଜରେ ଥିବା ଯନ୍ତ୍ରୀ ମନଇଚ୍ଛା କେତେ ବେଳେ ବ୍ଲକ ଆସୁଛନ୍ତି ତାହା ଜଣାପଡୁନାହିଁ। ଏହି ବାବଦରେ ଗତ ସପ୍ତାହରେ ଇବ୍ରିସିଂ ପଞ୍ଚାୟତର କିଛି ଲୋକେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପିଟିସନ ପକାଇଥିବା ଜଣାପଡ଼ିଛି। ଆଉ କେତେଦିନ ଲୋକମାନେ ଏଭଳି ହଇରାଣ ହରକତ ହେଲେ ସରକାରଙ୍କ ଚେତା ପଶୁଛି ଦେଖିବାକୁ ବାକି ରହିଲା ।

**ଦେଓଗାଁ ବ୍ଲକରେ ବିଧାୟକ ପାଣ୍ଠି ଖର୍ଚ୍ଚରେ ଅନିୟମିତତା**

# କମ୍ୟୁନିଟି ସେଣ୍ଟର ନାଁରେ ମନ୍ଦିର ନିର୍ମାଣ

**ବଲାଙ୍ଗିର,୨୦।୭ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝର ଗାଁରେ ନିର୍ମାଣ ଚାଲିଥିବା ମନ୍ଦିରକୁ ନେଇ ଚର୍ଚ୍ଚା ଚାଲିଛି। ଏହି ମନ୍ଦିର ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ପ୍ରଥମେ ୩ଲକ୍ଷ ଟଙ୍କା ନିର୍ମାଣ କାମ ଆରମ୍ଭ ହୋଇଥିଲା। ପରେ ଏହି କାମ ଅଧପନ୍ତରିଆ ହୋଇ ରହିଗଲା। ପୁଣି ସେହି ମନ୍ଦିର କାମରେ ବଲାଙ୍ଗିର ବିଧାୟକଙ୍କ ପାଣ୍ଠିରୁ କମ୍ୟୁନିଟି ସେଣ୍ଟର ନାଁରେ ଆସିଥିବା ୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ନେଇ ଅଭିଯୋଗ ହେଉଛି। ଅନ୍ୟପଟେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଦେଓଗାଁ ବ୍ଲକରେ କାହାକୁ ନିଜର ପ୍ରତିନିଧି ଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ଦେଇ ନଥିବାରୁ ତାଙ୍କ ଅନୁଦାନ ଖର୍ଚ୍ଚରେ ଅନିୟମିତତା ହେଉଥିବା ଏବଂ କିଛି ଠିକାଦାରଙ୍କୁ ତୁଷ୍ଟିକରଣ କରିବାକୁ ଏପରି କାମ ଚାଲିଛି ବୋଲି କିଛି ବିଜେଡି କର୍ମୀମାନେ ଅଭିଯୋଗ କରିଛନ୍ତି। ବିନା ବିଧାୟକଙ୍କ ପ୍ରତିନିଧିରେ କିଭଳି ଭାବରେ ବିଧାୟକଙ୍କ ଅନୁଦାନ ଖର୍ଚ୍ଚ ହେଉଥିବ ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ସାଂସଦଙ୍କ ଅଧାପନ୍ତରିଆ ପ୍ରକଳ୍ପରେ ଖର୍ଚ୍ଚ ହେଉଛି ବିଧାୟକଙ୍କ ଅନୁଦାନ**

କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁସାରେ ସାଂସଦଙ୍କ ପାଣ୍ଠିରେ ନିର୍ମାଣ ହେଉଥିବା ପ୍ରକଳ୍ପରେ ବିଧାୟକଙ୍କ ପାଣ୍ଠିର ଅନୁଦାନ ଖର୍ଚ୍ଚ ହୋଇପାରିବ ନାହିଁ। ସେହିପରି କୌଣସି ଧାର୍ମିକ ଅନୁଷ୍ଠାନରେ ମଧ ସାଂସଦ କିମ୍ବା ବିଧାୟକଙ୍କ ପାଣ୍ଠି, ସରକାରୀ ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ। ତେବେ ଏହି ଗାଁରେ କେମିତି ହେଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଆମେ ଦେଓଗାଁ ବିଡିଓଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସାଂସଦଙ୍କ ପାଣ୍ଠିରୁ ଯଦି କୌଣସି କାମ ଅଧା ହୋଇପଡ଼ି ରହିଛି, ସେହି କାମରେ ବିଧାୟକ ଯଦି ତାଙ୍କ ପାଣ୍ଠି ଦେଲେ ଖର୍ଚ୍ଚ କରାଯାଇ ପାରିବ। କମ୍ୟୁନିଟି ସେଣ୍ଟର (ଗୋଷ୍ଠି ଗୃହ) ନାଁରେ ମନ୍ଦିର ତିଆରି କରାଯାଇ ପାରିବ ନାହିଁ। କିନ୍ତୁ ଆଜି ନୁହେଁ ବହୁ ଆଗରୁ ଗାଁ ଗୁଡ଼ିକରେ ଗୋଷ୍ଠି ଗୃହ ନାଁରେ ମନ୍ଦିର ଗୁଡ଼ିକ ତିଆରି ଚାଲିଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ତେବେ କିଭଳି ଓ କେଉଁ ପରିସ୍ଥିତିରେ ସାଂସଦଙ୍କ ପାଣ୍ଠିର ଅଧାକାମରେ କମ୍ୟୁନିଟି ସେଣ୍ଟର ପାଇଁ ବିଧାୟକ ଦେଇଥିବା ପାଣ୍ଠି ଖର୍ଚ୍ଚ ହେଉଛି ସେନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବାକୁ ସାଧାରଣରେ ଦାବୀ ହେଉଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**କଣାସ,୨୦।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକ ନୂଆ ଜଗନ୍ନାଥ ସଡକର ଚୁପୁରିଙ୍ଗି ବଜାରରେ ଅଜଣା ଗାଡିଧକାରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଶ୍ରୀମକୁନ୍ଦପୁର ଗ୍ରାମର ଅକ୍ଷୟ ନାୟକ ୪୫ବର୍ଷ ଗତକାଲି ରାତିରେ ଜଙ୍କିଆ ବଜାରରୁ ନିଜ ଘରକୁ ଜଗନ୍ନାଥ ସଡକରେ ଚାଲିଚାଲି ଯାଉଥିବା ବେଳେ ଚୁପୁରିଙ୍ଗି ବଜାରରେ କୌଣସି ଗାଡି ତାଙ୍କୁ ଧକା ଦେବାରୁ ସେ ରାସ୍ତାରେ ପଡପିଯାଇଥିଲେ। କେତେକ ବ୍ୟକ୍ତି ତାଙ୍କୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣି ଥିଲେ। ଡାକ୍ତର ଅକ୍ଷୟଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଖବର ପାଇ ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର ଦାସ ଅକ୍ଷୟଙ୍କ ଶବକୁ ଯବତ କରି ଗଡ଼ିଶାଗୋଦା ଥାନା କେସ୍ ନଂ-୧୧୭/୨୦୨୫ରେ ଏକ ମକଦମା ରୁଜ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଦେଇଛନ୍ତି

## ଟାଟା ମ୍ୟାଜିକ ଜବତ, ୨ କାଠ ମାଫିଆ ଗିରଫ




**ସୁବର୍ଣ୍ଣପୁର,୨୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅର୍ଜୁନପୁର ଜଙ୍ଗଲରୁ ଚୋରି ଶାଳ କାଠ ସହ ବ୍ୟବହୃତ ଟାଟା ମ୍ୟାଜିକ ଗାଡି ଓ ବାଇକ ଜବତ କରିବା ସହ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରିଛି ବନ ବିଭାଗ। ରେଞ୍ଜର ସୁବାସ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ଭକ୍ତବନ୍ଧୁ ମିଶ୍ର, ଫରେଷ୍ଟ ଗାର୍ଡ ସୁଜ୍ଞାନି ମିଶ୍ରଙ୍କ ସହ ପ୍ରୋଟେକ୍ସନ୍ ସ୍କାର୍ଡ ସୋନପୁର ରେଞ୍ଜ ଅର୍ଜୁନପୁର ଜଙ୍ଗଲକୁ ଯାଇ ସେଠାରୁ ଶାଳ କାଠ ସହ ବ୍ୟବହୃତ ଗାଡି ଓ ବାଇକକୁ ଜବତ କରିଛନ୍ତି । ଏବଂ ଏଥିରେ ସଂମ୍ପୃକ୍ତ ଥିବା ଦୁଇ ଜଣ ପେଶାଦାର ଜଙ୍ଗଲ ମାଫିଆକୁ ବନ ବିଭାଗ ଗିରଫ କରିବାରେ ସଫଳ ହୋଇଛି। ଏହି ଜବତ ହୋଇଥିବା କାଠ ପରିବହନରେ ବ୍ୟବହୃତ ଟାଟା ମ୍ୟାଜିକ ଗାଡ଼ି ନମ୍ବର ଓଡି୦୭ଡି-୫୨୨୪କୁ ଜବତ କରାଯାଇଥିବା ବେଳେ ଗାଡ଼ିର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲା । ଉକ୍ତ ଗାଡ଼ି ବିଷୟ ରେ ଅଧିକ ତଦନ୍ତ ପାଇଁ ସ୍ଥାନୀୟ ପରିବହନ ଅଧିକାରୀ ଙ୍କୁ ଏ ବିଷୟରେ ଅବଗତ କରାଯାଇଥିବା ନେଇ ରେଞ୍ଜର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାଫିଆ ଦ୍ୱୟ ସୋନପୁର ଥାନା ଜାମପାଲି ଗ୍ରାମ ର ଲିଙ୍ଗରାଜ ବାଘ ଓ ବାଙ୍କବିଜା ଗ୍ରାମର କାହ୍ନୁ ବାଘ ବୋଲି ଜଣାପଡିଛି । ଉଭୟ ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲରୁ ବ୍ୟାପକ ଶାଳ ଗଛ ଚୋରା ଚାଲାଣ ରେ ଲିପ୍ତ ଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି । ଏହି କାଠ ଚାଲାଣରେ ବ୍ୟବହୃତ ଏକ ବାଇକକୁ ମଧ ବନ ବିଭାଗ ଜବତ୍ କରିଥିବା ସୂଚନା ମିଳିଛି ।

## କେଶବ ହତ୍ୟାକାଣ୍ଡରେ ୨ଆସାମୀକୁ କୋର୍ଟ ଚାଲଣ

**କଣାସ,୨୦।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ହରଷପଡ଼ା ଗ୍ରାମରେ ୩ଦିନ ତଳେ ଜମିବାଡିକୁ କେନ୍ଦ୍ରକରି ଏକ ଗଣ୍ଡଗୋଳ ଘଟି କେଶବ ଦଳେଇଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ପତ୍ନୀ ଗଡ଼ିଶାଗୋଦା ଥାନାରେ ୧୧୬/୨୫ରେ ମକଦମା ରୁଜ କରାଯାଇଥିଲା। ଆଇ.ଆଇ.ସି ସୁଧିର ଦାସ ତଦନ୍ତ କରି ହରଷପଡ଼ା ଗ୍ରାମର ଅର୍ନ୍ତଯ୍ୟାମି ବିଶ୍ୱାଳ ୪୮ ଓ ଗିତାଞ୍ଜଳି ବିଶ୍ୱାଳ ୩୮ଙ୍କୁ ୨୦୨୩, ୧୦୩ (୨)/୩୦୩(୨)୭୬ବି.ଏନ୍ କେସ୍‌ରେ ଗିରଫ କରି ଆଜି କୋର୍ଟଚାଲଣ କରିଥିବା ଜଣାପଡ଼ିଛି।

# ସ୍ଥାନୀୟ ମିଲରେ ଅନ୍‌ଲୋଡ ହେଉଛି ଛତିଶଗଡ଼ ଚାଉଳ

**ବଲାଙ୍ଗିର,୨୦।୭ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଓ ତୁଷୁରା ଅଞ୍ଚଳର କେତେକ ମିଲର ବାହାର ରାଜ୍ୟରୁ ଚାଉଳ ଆଣି ନିଜ ଗୋଦାମରେ ଗଚ୍ଛିତ ରଖିଥିବା ଅଭିଯୋଗ ହେଉଛି। ଏପରିକି ତୁଷୁରା ଅଞ୍ଚଳ ଡଙ୍ଗାପଥର ନିକଟସ୍ଥ ଏକ ରାଇସ ମିଲ ଭିତରେ ଛତିଶଗଡ଼ର ଏକ ଟ୍ରକରୁ ଚାଉଳ ଓହ୍ଲାଇ ଗୋଦାମରେ ରଖୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ବାହାର ରାଜ୍ୟରୁ ଚାଉଳ କିମ୍ବା ଧାନ ଆସିବା ଦିଗରେ କଟକଣା ଜାରି କରିଛନ୍ତି। କିନ୍ତୁ ବିଳମ୍ବିତ ରାତିରେ ବାହାର ରାଜ୍ୟରୁ ଚାଉଳ ବୋଝେଇ ଟ୍ରକ ଆସି ମିଲରେ ସକାଳୁ ଖାଲି ହେଉଛି।

ସରକାର ପ୍ରତ୍ୟେକ ମିଲକୁ ପ୍ରତିବର୍ଷ ଖରିଫ ଓ ରବି ଋତୁରେ କଷ୍ଟମ ମିଲିଂ କରିବା ପାଇଁ ସର୍ତ୍ତମୂଳକ ଭାବେ ଧାନ ଦେଇଥାନ୍ତି। କିନ୍ତୁ ମିଲର ପେକ୍ସର ସମ୍ପାଦକମାନଙ୍କ ସହ ହାତ ମିଳାଇ କାଗଜ ପତ୍ରରେ ଫଲ୍ସ ଏଣ୍ଟ୍ରି କରି ଧାନ ନେଇଥାନ୍ତି। ତେଣୁ, ସେହି ଧାନକୁ ଚାଉଳ ହିସାବରେ ଦେବାପାଇଁ ଛତିଶଗଡ଼ ରାଜ୍ୟରୁ ଚାଉଳ ମଗାଇ ସେରକାରଙ୍କୁ ଭରଣା କରୁଛନ୍ତି ସ୍ଥାନୀୟ କିଛି ମିଲରମାନେ। ଯୋଗାଣ ବିଭାଗ ମିଲମାନଙ୍କୁ ଧାନ ଦେବାପରେ କୌଣସି ଯାଞ୍ଚ କରୁନଥିବାରୁ ମିଲର୍ସ ଗୁଡ଼ିକ ବେଆଇନ କାମ କରୁଥିବା ଅଭିଯୋଗ ହେଉଛି। ଏପରିକି ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀମାନେ ମିଲ୍‌ମାନଙ୍କଠାରୁ ହାତଗୁଞ୍ଜା ନେଇ ଅନୁକମ୍ପା ଦେଖାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।




### ଯୋଗାଣ ବିଭାଗ ଜାଣତରେ ଚାଲିଛି ସବୁ କାମ

ଏନେଇ ଯୋଗାଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ କେତେକ ମିଲ୍ ବାହାରୁ ଚାଉଳ ମଗାଉଥିବା ଅଭିଯୋଗ ଆସିଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# କଣାସ ଅଞ୍ଚଳରୁ ପିଛାଛାଡୁନି ଝାଡ଼ାବାନ୍ତି, ପୁଣି ୧୦ ଆକ୍ରାନ୍ତ

**କଣାସ,୨୦।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଜଳ ପ୍ରଦୂଷିତ ଯୋଗୁଁ ତିନିମାସ ତଳେ ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଜାଗୁଲେଇପଦର, କଳାପଦର, ଗୋପିନାଥପୁରରେ ଦୀର୍ଘ ୧ମାସ ଧରି ଝାଡାବାନ୍ତି ଲାଗି ୬ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ଲକ, ଜିଲ୍ଲା ଓ ରାଜ୍ୟ ପ୍ରଶାସନର ନିଦ ହଜିଯାଇଥିଲା। ଝାଡାବାନ୍ତି ଥମିଥିବା ବେଳେ ପୁନଶ୍ଚ ୨୫ଦିନ ହେଲା ଝାଡାବାନ୍ତି ବିଭିନ୍ନ ଗ୍ରାମରେ ଲାଗିବାରୁ ଦୈନନ୍ଦିନ ୧୦ରୁ ୨୦ଜଣ ଝାଡାବାନ୍ତି ରୋଗୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଛନ୍ତି।

କ୍ରମାଗତ ଭାବେ ଝାଡାବାନ୍ତି ଲାଗିଥିବାରୁ ଜିଲ୍ଲାପାଳ ଚଞ୍ଚଳ ରଣା, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ ଶତପଥୀ ଝାଡାବାନ୍ତି ଲାଗିଥିବା ଗ୍ରାମ ବୁଲି ଦେଖିବା ସହିତ କାହିଁ ଝାଡାବାନ୍ତି ଲାଗିରହୁଛି ତାହାର ତଦନ୍ତକରି ଫେରିଥିଲେ ମଧ ପ୍ରତ୍ୟେକ ଦିନ ଝାଡାବାନ୍ତି ରୋଗୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଆଜି ନୂଆଦୋକନ୍ଦା ଗ୍ରାମର ଅନୁପମା ବେହେରା ୪୦ବର୍ଷ, ନାନାକେରା ଗ୍ରାମର ଇଲା ଜେନା ୪୫ବର୍ଷ, କାତପଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ ୩୬ବର୍ଷ, କରମଳା ଗ୍ରାମର ମହନ୍ତି ବିଶ୍ୱାଳ ୬୦ବର୍ଷ, କରମଳା ଗ୍ରାମର ଧୁଶାସନ ବିଶ୍ୱାଳ ୬୫ବର୍ଷ ଏବଂ ଗଡ଼ସାହି, ଦୁପୁର ଏବଂ ଗଡ଼ମାଟିଆପଡ଼ା ଗ୍ରାମର ମୋଟ ୧୦ଜଣ ଝାଡାବାନ୍ତି ରୋଗୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହେଉଛନ୍ତି।



# ବିପଦସଂକୁଳ ଅବସ୍ଥାରେ ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

**ଫୁଟ୍ ଓଭରବ୍ରିଜ ନିର୍ମାଣ ଦାବି**



**ଯାଜପୁର ରୋଡ଼,୨୦।୭ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ନମ୍ବର-୨୦ର ନିର୍ମାଣ ସମୟରେ ରାସ୍ତା ପାର୍ଶ୍ୱରେ ଥିବା ସ୍କୁଲକୁ ଛାତ୍ରଛାତ୍ରୀ ମାନେ କିଭଳି ସୁରକ୍ଷିତ ଭାବେ ଯିବେ ସେଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ । ଯାହା ଫଳରେ କୋରେଇ ବ୍ଲକର ପାଣିକୋଇଲି ଠାରୁ ଅନ୍ଧାରୀ ମଧ୍ୟରେ ଏକାଧିକ ସ୍କୁଲର କୋମଳମତି ପିଲାମାନେ ଦୈନନ୍ଦିନ ଦୁଇ ଦୁଇଟି ରାସ୍ତା ପାର ହୋଇ ବିପଦସଂକୁଳ ଅବସ୍ଥାରେ ସ୍କୁଲକୁ ଯାତାୟାତ କରୁଥିବା ଦେଖିବାକୁ ମିଳେ । ଏହା ବ୍ୟତୀତ ବିଲ ବାଡ଼ିକୁ ଯିବାକୁ ହେଉ କିମ୍ବା ଦୋକାନ ବଜାରକୁ ତଥା ଅନ୍ୟାନ୍ୟ କାମରେ ରାସ୍ତାର ସେପଟ ଲୋକ ଏପଟକୁ ଓ ଏପଟ ଲୋକଙ୍କୁ ସେପଟକୁ ଯିବା ପାଇଁ ଏକାଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି । ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି ।

କିଛି ଦିନ ତଳେ ରାସ୍ତା ପାର ହେଉଥିବା ସମୟରେ କୋରେଇ ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ଗ୍ରାମ ନିକଟରେ ଜଣେ ବାଇକ ଚାଳକଙ୍କ ଉପରେ ବସ ଚଢି ଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟାନ୍ୟ ସ୍ଥାନରେ ମଧ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । କୋରେଇ ବ୍ଲକ ତଳଗଡ଼ ସରକାରୀ ଉପ୍ରା ସ୍କୁଲ, ଅନ୍ଧାରୀ ପଂଚାୟତ ଜଜାଙ୍ଗୀ ଆବୁଲୁପୁରା ସରକାରୀ ଉପ୍ରା ସ୍କୁଲ ଓ ଯାଜପୁର-କେନ୍ଦୁଝର ସୀମାରେ ଥିବା ଜରଦାସ୍କୁଲର ଛାତ୍ରଛାତ୍ରୀଙ୍କ ଯାତାୟାତରେ ଏମିତି ଦେଖିବାକୁ ମିଳିଛି। ଅଭିଭାବକ ଓ ଶିକ୍ଷକ ପିଲାଙ୍କୁ ରାସ୍ତା ପାର କରି ସ୍କୁଲ ନେଉଥିବା ବେଳେ ଛୁଟି ପରେ ସାଙ୍ଗରେ ଧରି ରାସ୍ତା ପାର କରୁଥିବା ଦେଖିବାକୁ ମିଳୁଛି। କେତେକ ଜାଗାରେ ସ୍କୁଲ ଠାରୁ ବହୁ ଦୂରରେ ଗଳିପୋଲ ନିର୍ମାଣ ହୋଇଥିଲେ ମଧ ଏହା ତ୍ରୁଟି ପୂର୍ଣ୍ଣ ଥିବାରୁ ବର୍ଷା ଦିନେ ଏଥିରେ ତିନିରୁ ଚାରିଫୁଟ ପର୍ଯ୍ୟନ୍ତ ପାଣି ଜମିବା ଫଳରେ ଲୋକମାନେ କି ଛାତ୍ରଛାତ୍ରୀ ଯାତାୟାତ କରିପାରି ନଥାନ୍ତି । ରାସ୍ତା ପାର ହୋଇ ଯାତାୟାତ କରିବାକୁ ବାଧ ହୁଅନ୍ତି । ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବାର ଭୟ ରହୁଛି । ଏହାକୁ ବିଚାର କରି ଜାତୀୟ ରାଜପଥ କର୍ତ୍ତୃପକ୍ଷ ପିଲାଙ୍କ ଜୀବନର ସୁରକ୍ଷା ପାଇଁ ଏହିସବୁ ସ୍କୁଲ ନିକଟରେ ଫୁଟ ଓଭର ବ୍ରିଜ ନିର୍ମାଣ କରିବାକୁ ଦାବି ହୋଇଛି।





# ପର୍ଯ୍ୟଟନ

# କଣ୍ଟିଲୋ ନୀଳମାଧବ






ଏହା ରାଜଧାନୀ ଭୁବନେଶ୍ୱରଠାରୁ ୮୨ କିଲୋମିଟର ଓ ନୟାଗଡ଼ ଜିଲ୍ଲାଠାରୁ ୩୩ କିଲୋମିଟର ଦୂରରେ ଅବସ୍ଥିତ। ଖଣ୍ଡପଡ଼ାଠାରୁ ୧୨ କି.ମି.ଦୂରତା।

ନୀଳମାଧବଜୀଉ ମନ୍ଦିର ଓଡ଼ିଶାର ନୟାଗଡ଼ ଜିଲ୍ଲାର କଣ୍ଟିଲୋଠାରେ ମହାନଦୀ କୂଳ ନିକଟରେ ଅବସ୍ଥିତ ଅତ୍ୟନ୍ତ ପୁରୁଣା ଏବଂ ପ୍ରସିଦ୍ଧ ଭଗବାନ ବିଷ୍ଣୁ ମନ୍ଦିର। ଏହା ଆଖପାଖ ଜଙ୍ଗଲ ସହିତ ଯୁଗଳ ପାହାଡ଼ ନିକଟରେ ଅବସ୍ଥିତ। ଭଗବାନ ନୀଳମାଧବଙ୍କ ପାଦରୁ ପବିତ୍ର ଜଳର ସ୍ଥାୟୀ ପ୍ରବାହ ଏହି ସ୍ଥାନର ଅନ୍ୟ ଏକ ଆକର୍ଷଣ। ଭଗବାନ ସିଦ୍ଧେଶ୍ୱର ମଧ ଉପସ୍ଥିତ ଅଛନ୍ତି ଯାହା ଏହି ସ୍ଥାନର ଅନ୍ୟ ଏକ ଆକର୍ଷଣ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ମହାପ୍ରଭୁ ନୀଳମାଧବ ଏକ କେନ୍ଦ୍ରୀୟ ସ୍ଥାନ ଅଧିକାର କରିଛନ୍ତି। ଏବେବି ପୁରୀ ଜଗନ୍ନାଥ ମନ୍ଦିରର ଲକ୍ଷ୍ମୀ ମନ୍ଦିରର ଡାହାଣ ପାର୍ଶ୍ୱରେ ଭଗବାନ ନୀଳମାଧବଙ୍କ ମନ୍ଦିର ରହିଛି।

ଆଜି ନୟାଗଡ଼ ଜିଲ୍ଲାର କଣ୍ଟିଲୋ ନାମରେ ପରିଚିତ ମହାନଦୀ କୂଳରେ ଥିବା ବ୍ରହ୍ମଦ୍ରି ପାହାଡ଼ରେ ଥିବା ଏକ ଛୋଟ ଗୁମ୍ଫାରୁ ଏହା ଆରମ୍ଭ ହୋଇଛି। ଏଠାରେ ସ୍ଥାନୀୟ ଶବର ମୁଖ୍ୟ ବିଶ୍ୱବାସୁ କିତୁଙ୍ଗଙ୍କୁ ପୂଜା କରୁଥିଲେ, କାରଣ ଭଗବାନ ସବର ଭାଷାରେ ଜଣାଶୁଣା ଥିଲେ। ପୁରାଣ ଅନୁଯାୟୀ, ଏହି ଦେବତାଙ୍କୁ ପ୍ରଥମେ 'ନୀଳମାଧବ' ନାମକ ଇନ୍ଦ୍ରାନୀଳ ରତ୍ନ ମୂର୍ତ୍ତି ଆକାରରେ ପୂଜା କରାଯାଉଥିଲା। ଦାରୁମୂର୍ତ୍ତି ବହୁ ପରେ ଆସିଲା। ମହାନଦୀ, କୁଆଁରିଆ ଓ କୁସୁମୀ ନଦୀର ସଙ୍ଗମସ୍ଥଳ ନିକଟରେ ଅବସ୍ଥିତ। ଏହି ମନ୍ଦିରର ଢାଞ୍ଚା ପୁରୀର ଜଗନ୍ନାଥ ମନ୍ଦିର ପରି। ଏହା ମହାନଦୀର ଡାହାଣ କୂଳରେ ରହିଛି। ଏହାକୁ ଓଡ଼ିଶାର ତ୍ରିବେଣୀ ସଙ୍ଗମ କୁହାଯାଏ। ଯେମିତି ପ୍ରୟାଗରେ ବେନି-ମାଧବ ଅଛନ୍ତି, ସେମିତି ଏଠାରେ ନୀଳମାଧବ ଅଛନ୍ତି।



ଏଥିପାଇଁ ପ୍ରସିଦ୍ଧ ମାଘସପ୍ତମୀ ପର୍ବ ଏଠାକାର ଶ୍ରେଷ୍ଠ ପର୍ବ ଅଟେ। ଏହା ପିତ୍ତଳ ଏବଂ ବେଲ ଧାତୁ ବାସନ ପାଇଁ ପ୍ରସିଦ୍ଧ। କେମିତି ପହଞ୍ଚିବେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନାମକ ଏକ ବ୍ଲକରେ ମହାନଦୀ କୂଳରେ ଅବସ୍ଥିତ କଣ୍ଟିଲୋ।

ନିକଟତମ ରେଳ ଷ୍ଟେସନ ହେଉଛି ନୟାଗଡ଼ ଟାଉନ୍ ଏବଂ ନିକଟତମ ବିମାନବନ୍ଦର ଭୁବନେଶ୍ୱର। ଯଦି ଆପଣ ଟ୍ରେନରେ ଆସିବାକୁ ଯୋଜନା କରୁଛନ୍ତି ତେବେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଯାଆନ୍ତୁ କାରଣ ସେଠାରୁ ଆପଣଙ୍କୁ ବାରମ୍ବାର କଣ୍ଟିଲୋକୁ ବସ୍ ମିଳିବ। କଣ୍ଟିଲୋ ସହିତ ରାସ୍ତା ସଂଯୋଗ ହୋଇଛି ଯେଉଁଠାରେ ନିୟମିତ ବସ୍ସେ ବା ପ୍ରଦାନ କରାଯାଏ।



## ଛେନାପୋଡ଼

ଛେନାପୋଡ଼ ଓଡ଼ିଶାର ଏକ ସ୍ୱତନ୍ତ୍ର ପ୍ରକାରର ମିଠା। ଏହା ଭଲ ଭାବରେ ପ୍ରସ୍ତୁତ ତାଜା ଛେନା, ଚିନି, ସୁଜି ମିଶ୍ରଣରେ ତିଆରି ହୋଇଥାଏ। ବ୍ରାଉନ ହେବା ପର୍ଯ୍ୟନ୍ତ ଅନେକ ଘଣ୍ଟା ପର୍ଯ୍ୟନ୍ତ କାଠଚୁଲିରେ ପୋଡ଼ା ଯାଇଥାଏ କିମ୍ବା ବେକ୍ କରାଯାଏ। ଛେନାପୋଡ଼ ଓଡ଼ିଶାର ମିଠା ଭାବରେ ଜଣାଶୁଣା ଯାହାର ସ୍ୱାଦ ମୁଖ୍ୟତଃ ଚିନିର କାରାମେଲାଇଜେସନରୁ ମିଳିଥାଏ।

୧୯୪୭ ମସିହାରେ ସୁଦର୍ଶନ ସାହୁ ଦଶପଲ୍ଲା ଗ୍ରାମରେ ଏକ ହୋଟେଲ ପ୍ରତିଷ୍ଠା କରି ବଳକା ଛେନାକୁ ନେଇ ଗୁଡ଼ ମିଶାଇ ନିଆଁରେ ବସାଇ ଦେଇଥିଲେ। ଏପରି ଖିଆଲୀ ଚିନ୍ତାଧାରାରୁ ଛେନାପୋଡ଼ର ଆବିଷ୍କାର ହୋଇଥିଲା। ତେଣୁ ୨୦୨୨ ଏପ୍ରିଲ ୧୧ ତାରିଖରୁ ସୁଦର୍ଶନ ସାହୁଙ୍କ ଜୟନ୍ତୀକୁ ଛେନାପୋଡ଼ା ଦିବସ ଭାବରେ ପାଳିତ ହେଉଛି। ଓଡ଼ିଶାର ସବୁ ସମୟରେ ସମସ୍ତ ସ୍ଥାନରେ ଛେନା ପୋଡ଼ ପ୍ରସ୍ତୁତ କରାଯାଏ। ୧୯୮୦ ଦଶକର ମଧଭାଗରୁ ଏହା ଧୀରେ ଧୀରେ ସାରା ଓଡ଼ିଶାରେ ରେଷ୍ଟୁରାଣ୍ଟ ମେନୁରେ ସ୍ଥାନ ପାଇଛି। ଓଡ଼ିଶା ଦୁଗ୍ଧ ମହାସଂଘ ଏହି ଖାଦ୍ୟର ବ୍ୟାପକ ଉତ୍ପାଦନ ଓ ଲୋକପ୍ରିୟତା ପାଇଁ ବ୍ୟାପକ ପୁଞ୍ଜିନିବେଶ କରୁଛି।

### ଛେନାପୋଡ଼ରେ କ'ଣ ରହିଛି

ଓଡ଼ିଆ ଶବ୍ଦ ଛେନାପୋଡ଼ର ଆକ୍ଷରିକ ଇଂରାଜୀ ଭାଷାରେ ବେକ୍‌ଡ ପନିର। ପାରମ୍ପରିକ ଭାବରେ, ଏହି ମିଠା ସତେଜ ପନିର କିମ୍ବା ଛେନାରେ ତିଆରି କରାଯାଏ, ଯାହା ଚିନି ଏବଂ ଅନ୍ୟାନ୍ୟ ଉପାଦାନରେ ଭଲ ଭାବରେ ମିଶ୍ରିତ ହୋଇଥାଏ। ତା'ପରେ ଚିନିର କାରାମେଲାଇଜେସନ୍ କାରଣରୁ ଭୂତଳ ବାଦାମୀ ହେବା ପର୍ଯ୍ୟନ୍ତ ଏକ ଛୋଟ ମାଟି ଚୁଲାରେ ବସାଇ ପ୍ରସ୍ତୁତ କରାଯାଏ। ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚେନ୍ନା ପୋଡ଼ ଅତ୍ୟଧିକ ପସନ୍ଦ ବୋଲି ବିଶ୍ୱାସ କରାଯାଏ। ଦୁର୍ଗାପୂଜା ଏବଂ ଦୀପାବଳି ଭଳି ଗୁରୁତ୍ୱପୂର୍ଣ୍ଣ ପର୍ବରେ ଏହି ମିଠା ବହୁଳ ବ୍ୟବହାର ହୋଇଥାଏ।





# ସୁଆଦିଆ କେନ୍ଦ୍ରାପଡ଼ା ରସାବଳୀ

ସୁନ୍ଦର ରାଜ୍ୟ-ଓଡ଼ିଶାର କେନ୍ଦ୍ରାପଡ଼ାରୁ ରସାବଳୀ ଆସିଛି। ଓଡ଼ିଶା କେବଳ ସଂସ୍କୃତି ଓ ଐତିହ୍ୟରେ ସମୃଦ୍ଧ ନୁହେଁ, ଆଞ୍ଚଳିକ ଖାଦ୍ୟ କ୍ଷେତ୍ରରେ ମଧ ଏହାର କିଛି ମହତ୍ତ୍ୱ ରହିଛି। ରସାବଳୀ ଓଡ଼ିଶାର ଅତ୍ୟନ୍ତ ଅନନ୍ୟ। ଏହା ଏକ ପ୍ରସିଦ୍ଧ ମିଠା ରେସିପି ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ। ତାଜା ଛେନା ବା ପନିରରେ ରସାବଳୀ ତିଆରି କରାଯାଏ। ଛେନାକୁ ଏକ ନରମ ଢାଞ୍ଚାରେ ଗୁଣ୍ଡ କରାଯାଏ ଏବଂ ତା'ପରେ ଚେପଟା ବଲରେ ତିଆରି କରାଯାଏ ଏବଂ ଲାଲ କରି ଭାଜି ଦିଆଯାଏ। ଏହାପରେ ଭଜା ଯାଇଥିବା ପନିର/ଛେନା ବଲଗୁଡ଼ିକ ଅଳେଇଚ ପଡ଼ିଥିବା କ୍ଷୀର ମୋଟା ହୋଇଗଲେ ପକାଯାଇଯଶଇଥାଏ। ଏହା ଉପରେ କଟା ପିସ୍ତା ବାଦାମ ପକାଯାଏ। ରସାବଳୀ ମିଠା ଗରମ କିମ୍ବା ଥଣ୍ଡା ଆକାରରେ ଖିଆ ଯାଇପାରେ। ରସାବଳୀ କେନ୍ଦ୍ରପଡ଼ାର ଆରାଧ ଦେବତା ବଳଦେବଦେବଙ୍କୁ ଅର୍ପଣ କରାଯାଏ ଏବଂ କେନ୍ଦ୍ରାପଡ଼ାର ବଳଦେବଜୀଉ ମନ୍ଦିରରେ ଏହାର ଉତ୍ପତ୍ତି ହୋଇଥିଲା। ଏହା ଜଗନ୍ନାଥ ମନ୍ଦିରର ଚପନ ଭୋଗ ମଧ୍ୟରୁ ଅନ୍ୟତମ। ୩ ଅକ୍ଟୋବର ୨୦୨୩ରେ କେନ୍ଦ୍ରାପଡ଼ାର ରସାବଳୀକୁ ଜିଆଇ ମାନ୍ୟତା ମିଳିଛି।

ରସାବଳୀକୁ ନେଇ ୯୦ ଦଶକରେ ସିନେମା ଗୀତ ପ୍ରସ୍ତୁତ କରାଯାଇଥିଲା। ରସାବଳୀ ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟକୁ ଏହି ଗୀତରେ ପରିବେଷଣ କରାଯାଇଥିଲା। ଏହି ଗୀତଟି ରାଜ୍ୟରେ ସେ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଗୀତଟିର ଶୀର୍ଷକ ଥିଲା 'ଆସ କିଏ ଖାଇବ ହୋ ଆମ ରାଜା ବାବୁଘର ଖାନା'। ଚଳଚ୍ଚିତ୍ର ଥିଲା 'ଅକ୍ଷିତୃତୀୟା'। ଏହି ଗୀତଟିକୁ ଗାଇଥିଲେ ପ୍ରସିଦ୍ଧ ପ୍ରଚ୍ଛଦପଟ୍ଟ ଗାୟକ ତାନ୍‌ସେନ୍ ସିଂ।





# ଭିତରକନିକା ଜାତୀୟ ଉଦ୍ୟାନ










ଭିତରକନିକା ଜାତୀୟ ଉଦ୍ୟାନ ପୂର୍ବ ଭାରତର ଓଡ଼ିଶାର ଉତ୍ତର-ପୂର୍ବ କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ ଏକ ୧୪୫ ବର୍ଗ କିଲୋମିଟର (୫୬ ବର୍ଗ ମାଇଲ) ବୃହତ ଜାତୀୟ ଉଦ୍ୟାନ। ଏହା ଭୁବନେଶ୍ୱରଠାରୁ ୧୬୭ କି.ମି. ଦୂରରେ ଅବସ୍ଥିତ। ଏହା ୧୬ ସେପ୍ଟେମ୍ବର ୧୯୯୮ରେ ନାମିତ ହୋଇଥିଲା ଏବଂ ୧୯ ଅଗଷ୍ଟ ୨୦୦୨ରେ ରାମସାର ସାଇଟ ମାନ୍ୟତା ପାଇଥିଲା। ଚିଲିକା ହ୍ରଦ ପରେ ଏହି ଅଞ୍ଚଳକୁ ରାଜ୍ୟର ଦ୍ୱିତୀୟ ରାମସାର ସାଇଟଭାବେ ମଧ ମନୋନୀତ କରାଯାଇଛି। ଏହା ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟଦ୍ୱାରା ଘେରି ରହିଛି, ଯାହା ୬୭୨ ବର୍ଗ କିଲୋମିଟର (୨୫୯ ବର୍ଗ ମାଇଲ) ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗହୀରମଥା ବେଳାଭୂମି ଏବଂ ସାମୁଦ୍ରିକ ଅଭୟାରଣ୍ୟ ପୂର୍ବଦିଗରେ ଅବସ୍ଥିତ, ଯାହା ବଙ୍ଗୋପସାଗରରୁ ଜଳାଶୟ ଅଞ୍ଚଳ ଏବଂ ଲୁଣା ଜଙ୍ଗଲକୁ ଅଲଗା କରିଥାଏ। ବ୍ରାହ୍ମଣୀ, ବୈତରଣୀ, ଧାମରା ଓ ପଥଶାଳା ନଦୀରେ ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଜଳମଗ୍ନ ହୋଇଛି। ଏଠାରେ ଅନେକ ଲୁଣା ଜଙ୍ଗଲ ପ୍ରଜାତି ରହୁଛି ଏବଂ ଏହା ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଇକୋସିଷ୍ଟମ ଅଟେ। ଜାତୀୟ ଉଦ୍ୟାନରେ ସଲ୍ଟୱାଟର କୁମ୍ଭୀର (କ୍ରୋକୋଡିଲୁସ୍ ପୋରୋସସ୍), ଭାରତୀୟ ଅଜଗର, କିଙ୍ଗ୍ କୋବ୍ରା, କଳା ଇବି, ଡାର୍ଟର ଏବଂ ଅନ୍ୟାନ୍ୟ ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁ ରହୁଛନ୍ତି। ଏସୀୟ ଜଳ ନିରୀକ୍ଷକ ଭଳି ଅନ୍ୟାନ୍ୟ ଅର୍ଦ୍ଧଜଳୀୟ ସରୀସୃପ ଏବଂ ଅନେକ ସାପ ସହିତ ୨୩ ଫୁଟ ଲମ୍ବର ଏହି ବିଶାଳ ଲୁଣା ପାଣି କୁମ୍ଭୀରକୁ ଦେଖିବା ପାଇଁ ଏହା ଏକ ଜଣାଶୁଣା ସ୍ଥାନ। ଏହି ଉଦ୍ୟାନରେ ପ୍ରଚୁର ମାତ୍ରାରେ ଅକ୍ଷ ହରିଣ (ଚିତାଲ) ଏବଂ ୟୁରେସିଆନ ବନ୍ୟ ଘୁଷୁରୀ ଅଛନ୍ତି ଏବଂ ସମସ୍ତ ପ୍ରମୁଖ ସ୍ଥାନରେ ଦେଖିବାକୁ ମିଳେ। ଏଠାରେ ଆଠ ପ୍ରକାରର କିଙ୍ଗଫିସର ଦେଖିବାକୁ ମିଳେ ଏବଂ ଉଦ୍ୟାନ ଭିତରେ ଥିବା ଅନେକ ନାଳ ଓ ନଦୀକୂଳ ପ୍ରଣାଳୀରେ ଦେଖିବାକୁ ମିଳେ। ଖୋଲାରୁ ଡାଙ୍ଗମାଲ ପର୍ଯ୍ୟନ୍ତ ଡଙ୍ଗା ଯାତ୍ରା ବହୁତ ଲୋକପ୍ରିୟ, କାରଣ ଖୋଲା ପାର୍କର ପ୍ରବେଶ ଦ୍ୱାର ମଧ୍ୟରୁ ଅନ୍ୟତମ। ଘଞ୍ଚ ମେନଗ୍ରୋଭ ଜଙ୍ଗଲ ଦେଇ ଅତିକ୍ରମ କରୁଥିବା ଏହି ରାସ୍ତାଟି ମନୁଷ୍ୟ ନିର୍ମିତ ନାଳ ଦେଇ ଗତି କରି ମୁହାଣ ପରିବେଶ ଏବଂ ଏହାର ଜୀବଜନ୍ତୁଙ୍କ ସମ୍ପଦର ଝଲକ ପ୍ରଦାନ କରିଥାଏ। ସକାଳେ କିମ୍ବା ସୂର୍ଯ୍ୟାସ୍ତ ପୂର୍ବରୁ ଏହି ନାଳ ଦେଇ ଯାତ୍ରା କରିବାର ସର୍ବୋତ୍ତମ ସମୟ ଅଟେ। ଭିତରକନିକାର ଏକ ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ଅତୀତ ରହିଛି। ଏହା ତତ୍କାଳୀନ କନିକା ରାଜାଙ୍କ ଶିକାର ସ୍ଥଳ ଥିଲା। ଭିତରକନିକା ଟ୍ରେଲ ଓ ଡାଙ୍ଗମାଲ ସମେତ ଅନେକ ସ୍ଥାନରେ ଶିକାର ଟାୱାର ଓ କୃତ୍ରିମ ପାଣି ଭର୍ତ୍ତି ଦେଖିବାକୁ ମିଳୁଛି। ଏହା ମଧ ମଧ୍ୟଯୁଗୀୟ ହିନ୍ଦୁ ମନ୍ଦିରର ଘର, ଯାହା ସମଗ୍ର ଅଭୟାରଣ୍ୟରେ ଦେଖିବାକୁ ମିଳେ, ତଥାପି ମୁଖ୍ୟ ଆକର୍ଷଣ ହେଉଛି ବନ୍ୟଜନ୍ତୁ।

ଏହି ଉଦ୍ୟାନକୁ ବୁଲିବା ପାଇଁ ନଭେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଅତ୍ୟନ୍ତ ଭଲ ସମୟ। ଏହି ସମୟରେ ତାପମାନ ୧୬ ଡିଗ୍ରୁ ୨୫ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ। ପାର୍କ ମଇରୁ ଜୁଲାଇ ପର୍ଯ୍ୟନ୍ତ ଓ କୁମ୍ଭୀର ଗଣନା ପାଇଁ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥାଏ। କେନ୍ଦ୍ରାପଡ଼ା ସହରଠାରୁ ୫ କିଲୋମିଟର ଦୂର ଇଚ୍ଛାପୁରଠାରେ ଅବସ୍ଥିତ ଶ୍ରୀ ବଳଦେବ ଜୀଉ ମନ୍ଦିର । ଏଠାରେ ଦେଖିବାକୁ ମିଳେ ଏହି ସୁନ୍ଦର ମନ୍ଦିର ର ପାର୍ଶ୍ୱରେ ଅନ୍ୟ ଛୋଟ ଛୋଟ ମନ୍ଦିର ପ୍ରାଚୀନ ଓଡ଼ିଶାର ସ୍ଥାପତ୍ୟ ବିସ୍ମୟ କୁ ଦର୍ଶାଉଛି । ଭଗବାନ ବଳଦେବ ତାଙ୍କ ଭାଇ ଓ ଭଉଣୀଙ୍କ ସହିତ ମନ୍ଦିରରେ ପୂଜା ପାଉଥିବା ମୁଖ୍ୟ ଦେବତା ଅଟନ୍ତି । ମନ୍ଦିରରେ ପ୍ରବେଶ ପରେ ତୁଳସୀଙ୍କୁ ବସିଥିବା ଅବସ୍ଥାରେ ଦେବୀ ଭାବରେ ପ୍ରତିନିଧିତ୍ୱ କରୁଥିବା ଏକ ମୂର୍ତ୍ତି ମଧ ଉପସ୍ଥିତ ଥାଏ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣିରେ ଦେବତାମାନେ ଭିନ୍ନ ଭିନ୍ନ ପୋଷାକ ପିନ୍ଧିଥାନ୍ତି ଏବଂ ବିଭିନ୍ନ ଉପାୟରେ ସଜ୍ଜିତ ହୁଅନ୍ତି । କାର୍ ମହୋତ୍ସବ ସମୟରେ ଯେଉଁ ରଥ ଉପରେ ତିନି ଦେବତା ଚଢ଼ିଥାନ୍ତି ତାହାକୁ "ବ୍ରହ୍ମ ତାଳଧ୍ୱଜ ରଥ" ବୋଲି କୁହାଯାଏ। ଏହା ଥିଲା ଦୁନିଆର ସବୁଠାରୁ ବଡ ରଥ ।

# କେନ୍ଦ୍ରାପଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ନିର୍ବାଚନ

**କେନ୍ଦ୍ରାପଡା,୨୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ୍ ଶିକ୍ଷକ ଭବନରେ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ରାଜକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ସଂଘର ପୂର୍ବତନ କର୍ମକର୍ତ୍ତା ଭାସ୍କର ଦାଶ, ତ୍ରୈଲୋକ ଚନ୍ଦ୍ର ମହାନ୍ତି, ସବିତା ପଣ୍ଡା, ଶୈଳବାଳା ସାମଲ, କ୍ଷେତ୍ରମଣୀ ଦେଈ ଓ ନିରୁପମା ଶତପଥି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ନୂତନ ସଭାପତି ଭାବେ କମଳାକାନ୍ତ ସ୍ୱାଇଁ, ଉପ-ସଭାପତି ଭାବେ ପ୍ରଶାନ୍ତ କୁମାର ମହାକୁଳ, ନିରୁପମା ସେଠୀ, ସାରଦା ପ୍ରସାଦ ପରିଡା ମୋନୋନିତ ହୋଇଥିବା ବେଳେ ସମ୍ପାଦକ ଭାବେ ମାନଭଞ୍ଜନ ପ୍ରଧାନ ଏବଂ ସହ-ସମ୍ପାଦକ ଭାବରେ ଅନୀଲ କୁମାର ଦାଶ, କିଶୋର ଚନ୍ଦ୍ର ଜେନା, ସେକ୍ ରାଇସଉଦ୍ଦିନ୍ ମନୋନିତ ହୋଇଥିଲେ। କୋଷାଧ୍ୟକ୍ଷ ଭାବେ ପ୍ରଭାସିନୀ ପରିଡା, ସଂଗଠନ ସମ୍ପାଦକ ଭାବରେ ରମାକାନ୍ତ ସ୍ୱାଇଁ, ମହେନ୍ଦ୍ର କୁମାର ସେଠୀ ମନୋନିତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ରାଜକିଶୋର ବିଶ୍ୱାଳ, ଶୈଳବାଳା ସାମଲ, ନିରୁପମା ଶତପଥି, ଭାସ୍କର ଦାଶ, ତ୍ରୈଲୋକ୍ୟ ଚନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ସିଂହ, ସବିତା ପଣ୍ଡା ଓ କ୍ଷେତ୍ରମଣୀ ଦେଈଙ୍କୁ ଚୟନ କରାଯାଇଥିଲା ।

ଏହି ଚୟନ ପ୍ରକ୍ରିୟାରେ କେନ୍ଦ୍ରାପଡା ବ୍ଲକ୍'ର ୨୭ଟି ପଞ୍ଚାୟତ କେନ୍ଦ୍ରାପଡା ପୌରପାଳିକାର ପ୍ରାଥମିକ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ରମାକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୫ ବର୍ଷରେ ପଦାର୍ପଣ କଲା ଇନ୍ଦ୍ରାବତୀ ପ୍ରକଳ୍ପ

**କଳାହାଣ୍ଡି,୨୦।୭ (ସଂଚାର ବ୍ୟୁରୋ):** ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ କଳାହାଣ୍ଡି ଜିଲ୍ଲାର ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇଥିବା ବେଳେ ଏବେ ସେହି ପୂର୍ଣ୍ଣାଙ୍ଗ ପ୍ରକଳ୍ପ ପଚିଶ ବର୍ଷ ପୂର୍ତ୍ତି କରିସାରିଛି। କଳାହାଣ୍ଡି ଜିଲ୍ଲାର ଅନେକ ମରୁଡ଼ି କ୍ଷେତରେ ଫସଲ ଫୁଟାଇ କୃଷିକ୍ଷେତ୍ରରେ ଏକ ଉତ୍ପାଦନକାରୀ ଜିଲ୍ଲାର ମାନ୍ୟତା ଆଣିପାରିଛି । ଆର୍ଥିକ ବିକାଶକୁ ଦ୍ୱିଗୁଣିତ କରିପାରିଛି। ଇନ୍ଦ୍ରାବତୀର ଜଳସେଚନକୁ ପାଥେୟ କରି ଏବେ ଜିଲ୍ଲାର ୧.୧୮ଲକ୍ଷ ହେକ୍ଟର ଜମିରେ ଜଳସେଚନ ହେବା ସହ ଦୁଇ ଫସଲି ଚାଷ ମଧ୍ୟ ହୋଇପାରୁଛି। ଅନ୍ୟପଟେ ୬୦୦ମେଗାୱାଟ ବିଜୁଳି ଉତ୍ପାଦନ କ୍ଷମତା ରଖିଥିବା ଇନ୍ଦ୍ରାବତୀ ବିଗତ ୨୫ବର୍ଷ ମଧ୍ୟରେ ୩୫୯୭.୨୫କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରିକରି ରାଜ୍ୟ ମାନଚିତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛି।



୧୯୭୮ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମୋରାଜୀ ଦେଶାଇ ଇନ୍ଦ୍ରାବତୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେବା ପରେ କାମ ଆରମ୍ଭ ହୋଇଥିଲା। ସମୁଦ୍ର ପତ୍ତନରୁ ପ୍ରାୟ ସାତଶହ ମିଟର ପାହାଡ଼ ପରିବେଷ୍ଟନି ମଧ୍ୟରେ ଇନ୍ଦ୍ରାବତୀ, କପୁର, ମୂରାନ, ଓ ପୋଡ଼ାଗଡ ଭଳି ଚିରସ୍ରୋତା ନଦୀମାନଙ୍କ ସମଷ୍ଟିରେ ୧୧୦ବର୍ଗ କିଲୋମିଟର ପରିବ୍ୟାପ୍ତ ଏକ ସୁଉଚ୍ଚ ଜଳଭଣ୍ଡାର ସୃଷ୍ଟି ହେଲା। ସେହି ଜଳରାଶିକୁ ଉଦୟଗିରି ପାହାଡ଼କୁ ଭେଦକରି ଚାରି କିଲୋମିଟର ଲମ୍ବର ଏକ ସୁଡ଼ଙ୍ଗ ତିଆରକରି ମୁଖ୍ୟ ଶକ୍ତିଗୃହରୁ ବିଦ୍ୟୁତ୍ ଉତ୍ପାଦନ କରାଗଲା। ପ୍ରକଳ୍ପର ବିକାଶଧାରା ସାଙ୍ଗରେ ବିଜୁଳି ଉତ୍ପାଦନ ସହ ମଙ୍ଗଳପୁର ହାତୀ ବ୍ୟାରେଜର ବାମ, ଦକ୍ଷିଣ ଓ ମେଗାଉଠା ଜଳସେଚନ କେନାଲ ମାଧ୍ୟମରେ ଜିଲ୍ଲାର ୮ଟି ବ୍ଲକରେ ଜଳ ପ୍ଳାବିତ ହେଲା। ପ୍ରକଳ୍ପକୁ ୧୯୯୧ମସିହାରେ ଏକ ବଡ଼ଧରଣର ଆଘାତ ମିଳିଥିବା ସତ୍ତ୍ୱେ ପ୍ରକଳ୍ପ କାମ ପୁନର୍ଜୀବିତ ହୋଇଥିଲା। ଶେଷରେ ୧୯୯୯ମସିହାରେ ପ୍ରଥମ ୟୁନିଟ୍ କାର୍ଯ୍ୟକ୍ଷମ ହୋଇ ବିଦ୍ୟୁତ୍ ଉତ୍ପାଦନ ସହ ବାମ କେନାଲରେ ଜଳସେଚନ ଶୁଭାରମ୍ଭ ହୋଇଥିଲା। ପରେ ୨୦୦୧ମସିହାରେ ଚାରିଟି ଯାକ ୟୁନିଟ୍ କାର୍ଯ୍ୟକ୍ଷମ ହୋଇ ୬୦୦ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଦକ୍ଷିଣ ମୁଖ୍ୟ କେନାଲରେ ଜଳସେଚନ ଆରମ୍ଭ କରାଗଲା। ଇନ୍ଦ୍ରାବତୀ ପ୍ରକଳ୍ପରୁ ୧୯୯୯-୨୦୦୦ଆର୍ଥିକ ବର୍ଷରେ ୪୯୦.୩୮ମିଲିୟନ ୟୁନିଟ୍ ବିଜୁଳି ଉତ୍ପାଦନ ହୋଇ ୮୮ନୂଆ ପଇସା ଦରରେ ୪୫.୯୫ କୋଟି ଟଙ୍କାର ରାଜସ୍ୱ ମିଳିଥିଲା।

**୧.୧୮ଲକ୍ଷ ହେକ୍ଟର ଜମିକୁ ଜଳସେଚନ**

**୩୫୭୭କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରି**

ସେହିପରି ୨୦୨୪-୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ପ୍ରକଳ୍ପରୁ ମୋଟ ୪୯, ୭୬୫ମିଲିୟନ ୟୁନିଟ୍ ବିଦ୍ଧ ବିଦ୍ୟୁତ୍ ଉତ୍ପାଦନ ହୋଇ ୪୨ନୂଆ ପଇସା ଦରରେ ୩୫୯୭.୨୫ କୋଟି ଟଙ୍କାର ବିଦ୍ୟୁତ୍ ବିକ୍ରିକରି ସାରିଥିବା ସୂଚନା ମିଳିଛି। ସେହିପରି ବର୍ଷ ୨୦୦୭-୦୮ରେ ପ୍ରକଳ୍ପରୁ ସର୍ବାଧିକ ୩୦୧୯ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇ ୧୮୨.୬୭କୋଟି ଟଙ୍କା ଉପାର୍ଜନ କରିଥିବା ବେଳେ ବର୍ଷ ୨୦୦୩-୦୪ରେ ସର୍ବନିମ୍ନ ୮୦୭.୦୭ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରି ମାତ୍ର ୫୦.୪୦କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିଲା। ଏଭଳି ଏକ ନିର୍ଭରଯୋଗ୍ୟ ପ୍ରକଳ୍ପ ସହ କଳାହାଣ୍ଡି ଏବଂ ଓଡ଼ିଶାର ଆବଶ୍ୟକତା ଜଡ଼ିତ ଥିବାବେଳେ ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ପାଇଁ ସରକାର ଚିନ୍ତାଶୀଳ ହେବା ପାଇଁ ଦାବି ହେଉଛି।

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

# ବିଭିନ୍ନ କାର୍ଯ୍ୟର ଭିତ୍ତିପ୍ରସ୍ତର ସହ ହିତାଧିକାରୀଙ୍କୁ ସହାୟତା ପ୍ରଦାନ




**ନବରଙ୍ଗପୁର,୨୦।୭ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ସାଇକଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଥିଲେ। ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନୀତ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ଝରିଗାଁ ନରସିଂହ ଭତରା, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ସାଂସଦ ପ୍ରତିନିଧି କୁଞ୍ଜ ବିହାରୀ ଦାସ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ବିଭିନ୍ନ ବିଭାଗୀୟ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଲୋକାର୍ପଣର ଶୁଭାରମ୍ଭ କରିଥିଲେ।

ମଞ୍ଚରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଗଣ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ୧୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଶ୍ରମ ବିଭାଗ ତରଫରୁ ୧୧ ଜଣଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ବିବାହ କାଳୀନ, ମାତୃତ୍ୱ କାଳୀନ, ଶିକ୍ଷା, ମୃତ୍ୟୁ କାଳୀନ ସହାୟତା ସହ ୮ ଜଣଙ୍କୁ ଶ୍ରମ କାର୍ଡ , ଜଙ୍ଗଲ ଜମି ଅଧିକାର ନିୟମ ଅନ୍ତର୍ଗତ ବିଭିନ୍ନ ବ୍ଲକ ର ୩୮ ଜଣଙ୍କୁ ଆଇ ଏଫ୍ ଆର୍ ଜମି ପଟ୍ଟା ପ୍ରଦାନ କରିଥିଲେ।ଶେଷରେ ସି ଡି ଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଚନ୍ଦନା ମଲ୍ଲିକ ସଭା ସଂଯୋଜନା କରିଥିଲେ।

ଏହି ଅବସରରେ ଆଜି ମୁଖ୍ୟ ଅତିଥି ସକାଳ ୧୦.୦୦ ଘ ସମୟରେ ପାପଡାହାଣ୍ଡି ସ୍ଥିତ ସହିଦ ସ୍ମୃତି ସ୍ତମ୍ଭ ଠାରେ ଜିଲ୍ଲାର ବୀର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ସହିଦ ସ୍ତମ୍ଭ ପରିସରରେ ବୃକ୍ଷ ଚାରା ରୋପଣ କରିଥିଲେ। ସେଭଳି କୋଡ଼ିଙ୍ଗା ର ଫର୍ଷାଗୁଡା ସ୍ଥିତ ବନ ବିଭାଗ ଦ୍ୱାରା ନିର୍ମିତ ବର୍ଣ୍ଣମାଳା ଉଦ୍ୟାନକୁ ଉଦ୍ଘାଟନ କରି ସାଧାରଣ ସଭାରେ ପରିବେଶ ସୁରକ୍ଷା ଉପରେ ଉଦବୋଧନ ଦେଇଥିଲେ ଓ ବୃକ୍ଷ ଚାରା ରୋପଣ କରିଥିଲେ।

# ସୁବର୍ଣ୍ଣରେଖା ଯୁବ କ୍ରୀଡ଼ା ସଂସଦ ସଭାପତିଙ୍କ ଜର୍ମାନୀ ଗସ୍ତ



**ବାଲିଆପାଳ,୨୦।୭ (ସଂଚାର ବ୍ୟୁରୋ):** ଜର୍ମାନର ଏସେନ ଠାରେ ଅନୁଷ୍ଠିତ ହେଉ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ କ୍ରୀଡା ବିଭାଗରେ ଭାଗ ନେବା ପାଇଁ ଭାରତୀୟ ବିଶ୍ୱ ବିଦ୍ୟାଳୟ ଖେଳାଳୀ ତିନୋଟି ପର୍ଯ୍ୟାୟରେ ୩୦୦ ଜଣ ଖେଳାଳି ଏବଂ ୧୧୯ଜଣ ଅଫିସିଆଲ ଜର୍ମାନୀ ଗସ୍ତରେ ଯାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୧୩ ତାରିଖରେ ୨୮୯ ଜଣ ଖେଳାଳି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୯ ତାରିଖ ୪୬ଜଣ ଖେଳାଳି ଏବଂ ୨୪ଜଣ ଅଫିସିଆଲ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଜର୍ମାନୀର ଏସେନ ସହର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟିମରେ ସୁବର୍ଣ୍ଣରେଖା ଯୁବ କ୍ରୀଡା ସଂସଦର ସଭାପତି ତଥା ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାସ ଅଫିସିଆଲ ଭାବରେ ମନୋନୀତ ହୋଇ ଯାତ୍ରା କରିଛନ୍ତି। ଅଫିସିଆଲ ଭାବରେ ଡ.ଦାସଙ୍କ ଜର୍ମାନ ଗସ୍ତକୁ ନେଇ ବାଲିଆପାଳ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କର ସଫଳତା କାମନା ସହିତ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସୂଚନାରୁ ପ୍ରକାଶ ଡ.ଦାସ ଅଶୀଦଶକରୁ ବାଲିଆପାଳ ଅଞ୍ଚଳରେ ବିଭିନ୍ନ କ୍ରୀଡା ସହିତ ଜଡିତ ରହିଆସିଛନ୍ତି।

# ଶ୍ୱଶୁର ଘର ଧାନ ବିଲରୁ ଜ୍ୱାଇଁର ମୃତଦେହ ଉଦ୍ଧାର



**ବେତନଟୀ,୨୦।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ସଇତପୁର ପଞ୍ଚାୟତର କୁରାଢିକ ଗାଁ ସ୍ଥିତ ନିଜ ଶ୍ୱଶୁରଙ୍କ ଘରକୁ ଆସିଥିବା ବେଳେ ଶ୍ୱଶୁରଘର ଧାନକ୍ଷେତରୁ ରବିବାର ସନ୍ଧ୍ୟାରେ ଜ୍ୱାଇଁଙ୍କ ମୃତଦେହ ଜବତ କଲା ବୈଶିଙ୍ଗା ପୁଲିସ । ମୃତକ ଜଣକ ହେଉଛନ୍ତି ବେତନଟୀ ଥାନା ଦାନ୍ତିଆମୁହାଁ ଉପକଣ୍ଠ ଦୁର୍ଗାପୁର ପଞ୍ଚାୟତର ଧାନଶୋଳା- ସଙ୍ଗାଡିହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ମିଥୁନ ଓରଫ ଦେବାଶିଷ ମହାନ୍ତ(୨୬) । ସୂଚନା ମୁତାବକ ଚାଷକାମରେ ସହଯୋଗ କରିବାକୁ ମିଥୁନ ଶ୍ୱଶୁରଘର କୁରାଢିକ ଗାଁକୁ ଆସିଥିଲେ । ରବିବାର ଅପରାହ୍ନରେ ଶ୍ୱଶୁରଘର ଧାକ୍ଷେତରେ କତି କାଟିବାକୁ ଘରୁ ବାହାରି ଆସିଥିବା ବେଳେ ବିଲ ହିଡ ପାଶ୍ୱରେ ପାଣିରେ ମୁହଁମାଡି ପଡିଥିବାର ଦେଖୁ ରବିବାର ସନ୍ଧ୍ୟାରେ କ୍ଷେତକୁ ଯାଇଥିବା ଅନ୍ୟଚାଷୀମାନେ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଖବରପାଇ ବୈଶିଙ୍ଗା ଥାନା ଏଏସଆଇ ଶୁଭ୍ରାଂଶୁ ରାଉଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପ୍ରାଥମି ତଦନ୍ତରୁ ମୃତକ ଧାନଶୋଳା- ସଙ୍ଗାଡିହି ଗ୍ରାମର ମିଥୁନ ଓରଫ ଦେବାଶିଷ ମହାନ୍ତ ବୋଲି ଜାଣିବାକୁ ପାଇଥିଲା । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ କରିଥିବା ବେଳେ ସୋମବାର ଶବବ୍ୟବଚ୍ଛେଦ ହେବାନେଇ ବୈଶିଙ୍ଗା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବାବେଳେ ମିଥୁନ କ୍ଷେତରେ କାମ କରୁଥିବା ବେଳେ ସର୍ପାଘାତ କିମ୍ବା ଆଉଁରିଆ ବାତ ରୋଗରୁ ପାଣିରେ ମୁହଁମାଡି ପଡିଯିବାରୁ ଦେବାଶିଷଙ୍କ ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଛି । ପୁଲିସ ତଦନ୍ତ ଜାରି ରଖିଛି ।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ



**କଣାସ,୨୦।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକ ନୂଆଗାଁ ଗ୍ରାମର ଅନିଲ କୁମାର ରାଉତରାୟ ୩୭ବର୍ଷ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ଟ୍ରାକ୍ଟର ଟି ଆଜି ଦିନ ୧୦ଟା ସମୟରେ ଓଲଟି ପଡ଼ିବାରୁ ଅନିଲଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଅନିଲ ପାଣିଟ୍ୟାଙ୍କର ବୋଝେଇ ଟ୍ରାକ୍ଟରକୁ ବକୁଠାରୁ ନୂଆଗାଁ ଗ୍ରାମକୁ ନେଉଥିବା ସମୟରେ ପାହିଲୁଣ୍ଡି ନିକଟରେ ଟ୍ରାକ୍ଟର ଟି ଓଲଟିପଡ଼ି ଥିଲା। ସେଠାରେ ଅନିଲ ଗୁରୁତ୍ୱର ଭାବେ ଆହାତ ହୋଇଥିବାରୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନିଲର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଖବର ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧିର ଦାସ ଗଡ଼ିଶାଗୋଦା ଥାନାରେ ଏକ ଅପମୃତ୍ୟୁ କେସ୍ ନଂ-୦୫/୨୦୨୫ରେ ମକଦମା ରୁଜ କରିଥିବା ବେଳେ ଖବର ଲେଖା ହେବାସୁଧା ଅନିଲଙ୍କ ଶବ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଡ଼ିରହିଥିବା ଜଣାପଡ଼ିଛି।

# ଗୋସ୍ୱାମୀ ଅନାମ ଚରଣ ଦାଶ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ



**ଗରଦପୁର,୨୦।୭(ସଂଚାର ବ୍ୟୁରୋ):** ସନାତନ ଧର୍ମ ପାଇଁ ଦୀର୍ଘ ୫୦ ବର୍ଷ ଧରି ଅବିରତ ସେବାରେ ନିୟୋଜିତ ଥିବା ୮୩ ବର୍ଷୀୟ ବୃଦ୍ଧ ଗୋସ୍ୱାମୀ ଅନାମ ଚରଣ ଦାଶଙ୍କୁ ରାଜସ୍ଥାନର ଜୟପୁରରେ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଛି । ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକର ବ୍ରହ୍ମପୁର ଗ୍ରାମର ବିଶିଷ୍ଟ ସନାତନ ଧର୍ମ ବେଦାନ୍ତ ଓ ପୌରାଣିକ ଆଚାର୍ଯ୍ୟ ଗୋସ୍ୱାମୀ ଅନମ ଚରଣ ଦାଶଙ୍କୁ ଜୟପୁର ରାଜସ୍ଥାନରେ ତାଙ୍କର ଦୀର୍ଘ ୫୦ ବର୍ଷର ଧାର୍ମିକ ସେବା ପାଇଁ ଗରିମାମୟ ସମ୍ମାନ ଦିଆଯାଇଛି । ଜଗନ୍ନାଥ ସେବକ ସମିତି, ଜୟପୁରଙ୍କ ଆମନ୍ତ୍ରଣରେ ସେ ସେଠାରେ ପହଞ୍ଚି ଏହି ସମ୍ମାନ ଗ୍ରହଣ କରିଛନ୍ତି । ଜଗନ୍ନାଥ ସାଂସ୍କୃତିକ ମହୋତ୍ସବ ଉତ୍ସବରେ ରାଜସ୍ଥାନର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଏମ.ପି., ଏମ୍.ଏଲ୍.ଏ. ଓ ଅନେକ ଆଧ୍ୟାତ୍ମିକ ଗୁରୁମାନେ କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ । ଏହି ଅବସରରେ ୨୫ ହଜାରରୁ ଅଧିକ ଭକ୍ତମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଯେଉଁମାନେ ବ୍ରଜ ନିଧି ମନ୍ଦିରରେ ଦିନନିଶା ଅଷ୍ଟପ୍ରହରୀ କୀର୍ତ୍ତନ, ମନ୍ତ୍ର ଉଚ୍ଚାରଣ ଓ ସତସଙ୍ଗରେ ଅଂଶଗ୍ରହଣ କରିଥିଲେ। ଗୋସ୍ୱାମୀ ଅନାମଙ୍କ ଦ୍ୱାରା ଉଚ୍ଚାରିତ "ଜଗନ୍ନାଥ ସହସ୍ରନାମ" ଏକ ଭାବମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା ।

ରାଜସ୍ଥାନ ସରକାରର ସଚିବ ଡ. କୃଷ୍ଣ କାନ୍ତ ପାଠକ ତାଙ୍କୁ ସମ୍ମାନିତ କରି ଓଡ଼ିଶାରେ ସେ କରିଥିବା ୧୦୦୮ଟି ଅଷ୍ଟପ୍ରହରୀ ନାମ ଯଜ୍ଞ ଓ କୃଷ୍ଣ ଭକ୍ତି ପ୍ରଚାର କାର୍ଯ୍ୟ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି । ତାଙ୍କ ସୁପୁତ୍ର ପ୍ରଫେସର କମଳାକାନ୍ତ ଦାଶ ତାଙ୍କର ଏହି ଧାର୍ମିକ ଅଭିଯାନରେ ସହଯୋଗୀ ଭାବେ ଉପସ୍ଥିତ ଥିଲେ । ସେମାନେ ଜଗନ୍ନାଥ ଲୀଳା ଓ ଜଗନ୍ନାଥ ଚେତନାକୁ ଦେଶର ଅନ୍ୟାନ୍ୟ ରାଜ୍ୟ ଓ ବିଦେଶ ମଧ୍ୟରେ ପ୍ରଚାର କରିବାକୁ ସଂକଳ୍ପ ଗ୍ରହଣ କରିଛନ୍ତି ।

# ବୀରମହାରାଜପୁର ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ



**ସୁବର୍ଣ୍ଣପୁର,୨୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ଠାରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । କଳାକାହ୍ନୁ ମିଶ୍ର ମେମୋରିଆଲ ଫାଉଣ୍ଡେସନ ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରୟାସର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ବରିଷ୍ଠ ନାଗରିକ ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଶୁଭ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର କିମ୍‌ସ୍‌ର ବରିଷ୍ଠ ସର୍ଜନ ସତ୍ୟ ପ୍ରକାଶ ରାୟ ଚୌଧୁରୀ ଯୋଗଦାନ କରି ପ୍ରାୟ ଏକ ଶତରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ହୋତା ଡାଇଗ୍ନୋଷ୍ଟିକ୍, ବୀରମହାରାଜପୁର ତଥା ଶୁଭ୍ରାଂଶୁ ମେଡିକାଲ ଷ୍ଟୋର ସହଯୋଗ କରିଥିଲେ। ସ୍ମୃତି ସଂସଦର ନିର୍ଦ୍ଦେଶକ ରାଧେଶ୍ୟାମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଫ୍‌ଏମ୍ ପୀଡ଼ିତା ଓ ବଳଙ୍ଗା ନାବାଳିକା ପୋଡ଼ି ମାମଲାର ନ୍ୟାୟିକ ତଦନ୍ତ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା




**ବାଲିପାଟଣା,୨୦।୭ (ସଂଚାର ବ୍ୟୁରୋ):** ଶିଶୁ ଅନନ୍ତ ପ୍ରେସ କ୍ଲବର ସଭାପତି ବିଦ୍ୟାଭୂଷଣ ଭୋଳଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ମୃତ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା ବାଲିପାଟଣା ଛକ ଠାରୁ ବାଲିପାଟଣା ଥାନା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଶିଶୁ ଅନନ୍ତ ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ମାନଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ତେବେ ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ନିର୍ଯାତନା, ଯୌନ ଉତ୍ପୀଡନ, ଦୁଷ୍କର୍ମ ଓ ହିଂସା ଘଟଣା ବଢ଼ିଯାଇଥିବା ପରିପ୍ରେକ୍ଷୀରେ ୫ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିପାଟଣା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଯେଉଁଥିରେ ସୌମ୍ୟାଶ୍ରୀ ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ନ୍ୟାୟିକ ତଦନ୍ତ, ନିର୍ଭୟା ଆଇନ୍ ଭଳି ସୌମ୍ୟାଶ୍ରୀ ଆଇନ ପ୍ରଣୟନ, ମହିଳା ସୁରକ୍ଷା ପାଇଁ ଦୁର୍ଗମ ଏବଂ ସଂବେଦନଶୀଳ ସ୍ଥାନଗୁଡ଼ିକରେ ନିୟମିତ ପୁଲିସ୍ ପେଟ୍ରୋଲିଂ ବ୍ୟବସ୍ଥା ଇତ୍ୟାଦି ସେହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

ଏହା ସହ ବଳଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ବାଲିପାଟଣା କଲେଜ ଛକ ସ୍ଥିତ ବାଟ ମହାବୀରଙ୍କ ନିକଟରେ ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ଶିକ୍ଷାବିତ୍ ନାରାୟଣ ବେହେରା,ଦଳିତ ନେତା କୈଳାଶ ଚନ୍ଦ୍ର ସେଠୀ, ସମାଜସେବୀ ରଶ୍ମିରଞ୍ଜନ ପଣ୍ଡା, ଅଜିତ କୁମାର ପାଇକରାୟ, ଜଗନ୍ନାଥ ପଣ୍ଡା,ନାରାୟଣ ବେହେରା, ବିଷ୍ଣୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୨ବଖରା ପାଉଁଶ



**କଣାସ,୨୦।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଭାଟପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ସୁର୍ଦ୍ଦଶନ ପ୍ରଧାନଙ୍କ ୨ବଖରା ବାସଗୃହ ଓ ଆସବାସପତ୍ର ପୋଡି ଯାଇଛି। ଖବର ପାଇ କଣାସରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଖବର ପାଇବାପରେ କଳାପଦର ରାଜ୍ୟସ୍ୱ ନିରୀକ୍ଷ ସୁନିଲ ଛୋଟରାୟ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାଙ୍କୁ ସାନ୍ତନା ଦେବାସହ ଏକ ପଲିଥିନି ପ୍ରଦାନ କରିଛନ୍ତି।

# ବାବା ପଞ୍ଚଲିଙ୍ଗେଶ୍ୱରଙ୍କଠାରେ ଜଳାଭିଷେକ ପାଇଁ ପଦଯାତ୍ରାରେ ହଜାର ହଜାର କାଉଡ଼ିଆ



**ନୀଳଗିରି,୨୦।୭ (ସଂଚାର ବ୍ୟୁରୋ):** ଶ୍ରାବଣର ଦ୍ୱିତୀୟ ସୋମବାର ଅବସରରେ ହଜାର ହଜାର କାଉଡ଼ିଆ ଭକ୍ତ ଶୁଦ୍ଧପୂତ ଭାବରେ ବିଭିନ୍ନ ଜଳଉତ୍ସରୁ ପବିତ୍ର ଜଳଗ୍ରହଣ କରି କାନ୍ଧରେ ଜଳଭାର ନେଇ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ମସ୍ତକରେ ଜଳାଭିଷେକ କରିବାପାଇଁ ଲମ୍ବାଧାଡ଼ିରେ ଯାଉଥିବା ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁଙ୍କ ବୋଲବମ୍ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ନିଃଶୁଳ୍କ ଖାଦ୍ୟପେୟ ବିତରଣ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ପୁଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ଏତଦ୍‌ଭିନ୍ନ ଦୋକାନୀସଂଘ ତରଫରୁ ଭକ୍ତଙ୍କ ସହାୟତା ପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ସଂଘ ନିଷ୍ପତ୍ତି ନେଇଥିବା ବେଳେ ଶୃଙ୍ଖଳିତ ଜଳାଭିଷେକ କରିବାପାଇଁ ପ୍ରଶାସନ ଏବଂ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

# ପଟ୍ଟାମୁଣ୍ଡାଇରେ ବନ୍ୟାଜଳ ହ୍ରାସ

# ଗୋ-ଖାଦ୍ୟ ବଣ୍ଟନର ତଦାରଖ କଲେ ଅଧ୍ୟକ୍ଷ ଓ ବିଡିଓ

**ପଟ୍ଟାମୁଣ୍ଡାଇ,୨୦।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଖା ଦେଇଥିବା ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ବନ୍ୟା ଜଳ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଗୋଖାଦ୍ୟ ଅଭାବରୁ ବନ୍ୟା ଘେରରେ ଥିବା ଗୃହ ପାଳିତ ପଶୁମାନେ ଚାଷ ଜମିକୁ ଚାରିବାକୁ ଯାଇପାରୁନାହାନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକରେ ଗତକାଲି ଓ ଆଜି ଗୋ ଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି । ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡ଼ିଓ ଅଶୋକ ମହାନ୍ତି ବନ୍ୟା ବିପନ୍ନ ବଳଭଦ୍ରପୁର ଓ ଡ଼ାମରପୁର ପଂଚାୟତକୁ ଯାଇ ଗୋ ଖାଦ୍ୟ ବଣ୍ଟନ ସମ୍ପର୍କରେ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଓ ଡାମରପୁର ସରପଞ୍ଚ ପ୍ରତିନିଧି ବସନ୍ତ ନାଥଙ୍କ ଉପସ୍ଥିତିରେ ଗୋ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଓ ବନ୍ୟା ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଲୋକମାନଙ୍କ ସୁବିଧା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ପଂଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବଳଭଦ୍ରପୁର ପଂଚାୟତ ପାଇଁ ୨୨କ୍ୟୁଣ୍ଟାଲ, ଡାମରପୁର ପାଇଁ ୨୬କ୍ୟୁଣ୍ଟାଲ, ଶ୍ରୀରାମପୁର ପାଇଁ ୪୦କ୍ୟୁଣ୍ଟାଲ, ବାଛରା ୨୦କ୍ୟୁଣ୍ଟାଲ, ଅଣ୍ଡରା ୩୫କ୍ୟୁଣ୍ଟାଲ, ବାଲିପାଟଣା ୩୨. ୫କ୍ୟୁଣ୍ଟାଲ, ଅମୃତମଣୋହି ୨୫କ୍ୟୁଣ୍ଟାଲ କ୍ୟୁଣ୍ଟାଲ ସିଂହଗାଁ ୩୭ କ୍ୟୁଣ୍ଟାଲ, ବଲୁରିଆ ୨୨. ୫ କ୍ୟୁଣ୍ଟାଲ, ପେଣ୍ଟପାଳ ୪୮. ୫ କ୍ୟୁଣ୍ଟାଲ,ଶାସନ ୧୫ କ୍ୟୁଣ୍ଟାଲ, ନୀଳକଣ୍ଠପୁର ୩୦ କ୍ୟୁଣ୍ଟାଲ, ଅଳପୁଆ ୪୪. ୫ କ୍ୟୁଣ୍ଟାଲ, ତରଡ଼ି ପାଳ ୩୮. ୫ କ୍ୟୁଣ୍ଟାଲ ଗୋଖାଦ୍ୟ ମଂଜୁର କରାଯାଇଛି ।



**ଏବେବି ବହୁ ଅଞ୍ଚଳ ବିଚ୍ଛିନ୍ନ**

**ଲାଗି ରହିଛି କୁମ୍ଭୀର ଭୟ**

ଅଣ୍ଡରାରେ ସରପଞ୍ଚ କଳ୍ପନା ଜେନା, ଅମୃତ ମଣୋହିରେ ସରପଞ୍ଚ ନିରୁପମା ଦାସ, ବଲୁରିଆରେ ସରପଞ୍ଚ ଦେବକୀ ମଲିକ, ପେଣ୍ଟପାଳରେ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ତରଡ଼ି ପାଳରେ ସରପଞ୍ଚ ଦେବବ୍ରତ ନାୟକ ସିଂହଗାଁରେ ସରପଞ୍ଚ ଗଣେଶ ଦାସ ଅଳପୁଆରେ ସରପଞ୍ଚ ପଦ୍ମିନୀ ବେହେରା,ଶ୍ରୀରାମପୁରରେ ସରପଞ୍ଚ ସସ୍ମିତା ସେଠୀ ଓ ଶାସନରେ ସରପଞ୍ଚ ସଂଗ୍ରାମ ବାରିକ ଓ ସମିତି ସଭ୍ୟା ଡଲି ପରିଡାଙ୍କ ତତ୍ତ୍ୱାବଧାନ ଓ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଗୋ ଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି । ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ଲୋକମାନେ ଦୁର୍ଦ୍ଦଶା ମଧ୍ୟରେ ଅଛନ୍ତି । ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ହଜାରରୁ ଉର୍ଦ୍ଧ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି।

ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ବନ୍ୟା ପ୍ରାୟ ୧ସପ୍ତାହ ହେବ ଲାଗି ରହିଥିବାରୁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡା ବାନ୍ତି, ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି ।